ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ରବିବାର ୦୮ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 08 AUGUST 2021
Vol.No. 32 ■ No. 203 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

# ଟୋକିଓରେ ସ୍ୱର୍ଣ୍ଣ ଜିତିଲେ ନୀରଜ

## ଜାଭଲିନ୍ ଥ୍ରୋରେ ଭାରତ ପାଇଁ ସୁନା ପଦକ ଆଣିଲେ ନୀରଜ ଚୋପ୍ରା

ନୂଆଦିଲ୍ଲୀ,୦୭/୦୮: ଅଲିମ୍ପିକ୍ସରେ ପୁଣି ବଢିଲା ଭାରତର ପଦକ ସଂଖ୍ୟା । ଟୋକିଓରେ ସ୍ୱର୍ଣ୍ଣ ପଦକ ଜିତିଲେ ନୀରଜ ଚୋପ୍ରା । ଆଜି ଟୋକିଓ ଅଲିମ୍ପିକ୍ସର ୧୬ ତମ ଦିନରେ ଜାଭଲିନ୍ ଥ୍ରୋର ଫାଇନାଲ ଖେଳାଯାଇଥିଲା । ଯେଉଁଥିରେ ସମସ୍ତ ଖେଳାଳିଙ୍କୁ ପଛରେ ପକାଇ ଭାରତୀୟ ଖେଳାଳି ନୀରଜ ଚୋପ୍ରା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହାସହ ପ୍ରଥମ ଭାରତୀୟ ଖେଳାଳି ଭାବେ ସେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ତାଙ୍କ ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳି ଟୋକିଓରେ ରୌପ୍ୟ କିମ୍ବା ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ । ନୀରଜ ପ୍ରଥମ ଖେଳାଳି ଭାବେ ଆଜି ଟୋକିଓରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଆଜି ଜାଭଲିନ୍ ଥ୍ରୋ ଫାଇନାଲରେ ମୋଟ ୧୨ ଜଣ ଆଥଲେଟ୍ ଭାଗ ନେଇଥିଲେ । ଯେଉଁଥିରେ ପ୍ରତି ଖେଳାଳିଙ୍କୁ ଏକାଧିକ ଥର ଥ୍ରୋ କରିବାକୁ ଦିଆଯାଇଥିଲା । ଭାରତୀୟ ଖେଳାଳି ନୀରଜ ଚୋପ୍ରା ଆରମ୍ଭରୁ ହିଁ ଭଲ ପ୍ରଦର୍ଶନ କରିଥିଲେ ଆଉ ନିଜର ପ୍ରଥମ ପ୍ରୟାସରେ ସେ ୮୭.୦୩ ମିଟର ଥ୍ରୋ କରିଥିଲେ । ଏହାପରେ ଦ୍ୱିତୀୟ ପ୍ରୟାସରେ ମଧ୍ୟ ସେ ୮୭.୫୮ ମିଟର ଥ୍ରୋ କରିଥିଲେ ଯାହା ଆଜି ତାଙ୍କୁ ମେଡାଲ ଜିତିବାରେ ବେଶ ସହାୟକ ହୋଇଥିଲା । ଏହାପରେ ଆଉ କୌଣସି ଖେଳାଳି ତାଙ୍କର ଏହି ଥ୍ରୋକୁ ପାର୍ କରିପାରିନଥିଲେ । ଆଉ ନୀରଜ ଚୋପ୍ରା ଦେଶର ପ୍ରଥମ ଖେଳାଳି ଭାବେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ଏହାପୂର୍ବରୁ ଭାରତୀୟ ରେସଲର ବଜରଙ୍ଗ ପୁନିଆ ମଧ୍ୟ ଆଜି ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ମେଡାଲ ହାତେଇଛନ୍ତି । ତେଣୁ ଆଜି ଗୋଟିଏ ଦିନରେ ଭାରତ ଟୋକିଓରେ ଦୁଇଟି ମେଡାଲ ଜିତିଛି ।



# ଏବେ କରୋନାରୁ ରକ୍ଷା ପାଇବାକୁ ସିଙ୍ଗଲ ଡୋଜ ଟିକା

## ଜନସନ୍ ଆଣ୍ଡ ଜନସନକୁ ଭାରତର ଅନୁମତି

ଭୁବନେଶ୍ୱର,୦୭/୦୮(ନି.ପ୍ର): ଏବେ ଭାରତରେ ପ୍ରଥମ ସିଙ୍ଗଲ ଡୋଜ କରୋନା ନିରୋଧୀ ଟିକା ଭାବେ ଜନସନ୍ ଆଣ୍ଡ ଜନସନକୁ ମଞ୍ଜୁରୀ ମିଳିଛି । ଭାରତ ସରକାର ଏହାକୁ ଜରୁରୀକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହାକୁ ମିଶାଇ ଭାରତ ସରକାର ଏପର୍ଯ୍ୟନ୍ତ ୫ ଟି ଟିକାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ୍ ମଣ୍ଡାବିୟା ସୂଚନା ଦେଇଛନ୍ତି । ଏହାପୂର୍ବରୁ ଗୁରୁବାର ଦିନ କମ୍ପାନୀ ତରଫରୁ ଏକ ବୟାନ ଜାରି କରି କୁହାଯାଇଥିଲା କି ଭାରତରେ ଜନସନ ଆଣ୍ଡ ଜନସନ ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେବାକୁ ଆବେଦନ କରାଯାଇଛି । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏକ ଟ୍ୱିଟ କରି କହିଛନ୍ତି କି "ଭାରତ ନିଜର ଟିକା ଆବଶ୍ୟକତା ପୂରଣ ପାଇଁ ଜନସନ ଆଣ୍ଡ ଜନସନର ସିଙ୍ଗିଲ ଡୋଜ ଟିକାକୁ ଜରୁରୀକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ପ୍ରଦାନ କରିଛି" । ଅନ୍ୟପଟେ ଏହି ଟିକାର ବିଶେଷତା ନେଇ କୁହାଯାଇଛି କି, ଅନ୍ୟ କରୋନା ନିରୋଧୀ ଟିକା ଭଳି ଏହାକୁ ଅତିରିକ୍ତ ସର୍ବନିମ୍ନ ତାପମାତ୍ରାରେ ରଖିବାର ଆବଶ୍ୟକତା ନାହିଁ । ଏହାସହ ଅନ୍ୟ କମ୍ପାନୀର ଟିକା ଭଳି ଏହାକୁ ଦୁଇଟି ଡୋଜରେ ନେବାକୁ ପଡୁନଥିବାରୁ ଟିକାକରଣ ଅଭିଯାନରେ ସାମିଲ କରିବା ସହଜ । କହିରଖୁ କି ଭାରତରେ କରୋନା ସଂକ୍ରମଣ ରୋକିବାକୁ ଟିକାକରଣକୁ ଗୁରୁତ୍ୱ ଦିଆଯାଇଛି । ଏହି କ୍ରମରେ ଗତକାଲି ସୁଦ୍ଧା ଦେଶରେ ୫୦ କୋଟିରୁ ଅଧିକ ଖୋରାକ ଟିକା ଲୋକମାନଙ୍କୁ ଦିଆଯାଇ ରେକର୍ଡ ସୃଷ୍ଟି କରାଯାଇଛି । ଏହାସହ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଚାଇଲ୍ଡ୍ ଭ୍ୟାକ୍ସିନ ଅକ୍ଟୋବର ମାସ ସୁଦ୍ଧା ଆସିବା ନେଇ କମ୍ପାନୀର ସିଇଓ ଆଶା ପ୍ରକଟ କରିଛନ୍ତି ।




# ରାହୁଲ ଗାନ୍ଧୀଙ୍କ ବିରୋଧରେ ଟ୍ୱିଟର ନେଲା କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୦୭/୦୮: ରାହୁଲ ଗାନ୍ଧୀଙ୍କ ଏକ ବିବାଦୀୟ ଟ୍ୱିଟକୁ ଟ୍ୱିଟର ହଟାଇ ଦେଇଛି । ଯେଉଁଥିରେ ଜଣେ ପୀଡ଼ିତାଙ୍କ ପରିବାର ଲୋକଙ୍କ ଫଟୋ ସେ ଶେୟାର କରିଥିଲେ । ଏପରି କରି ରାହୁଲ ଗାନ୍ଧୀ ପୀଡ଼ିତାଙ୍କ ପରିଚୟକୁ ସାର୍ବଜନୀନ କରିଥିଲେ । ଦେଶର ଆଇନ ଅନୁଯାୟୀ ଏହା ବେଆଇନ୍ କହି ବିଜେପି ରାହୁଲ ଗାନ୍ଧୀଙ୍କର ଏହି ଟ୍ୱିଟକୁ ନେଇ ଆପତ୍ତି ଉଠାଇଥିଲା । ଅଗଷ୍ଟ ୧ (ରବିବାର) ଦିଲ୍ଲୀ ନାଙ୍ଗଲ ଗାଁରେ ୯ ବର୍ଷର ନାବାଳିକା ଦୁଷ୍କର୍ମ ଏବଂ ହତ୍ୟାର ଶିକାର ହୋଇଥିଲେ । ଏହାପରେ ଅଗଷ୍ଟ ୪ରେ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ । ସୁରକ୍ଷା ଦୃଷ୍ଟିରୁ ତାଙ୍କ ସୁରକ୍ଷାକର୍ମୀ କାରରୁ ଓହ୍ଲାଇବାକୁ ଦେଇ ନଥିଲେ । ତେଣୁ କାର ଭିତରେ ରାହୁଲ ଗାନ୍ଧୀ ମୃତକଙ୍କ ପରିବାର ଲୋକଙ୍କ ସହ କଥା ହୋଇଥିଲେ । ଆଉ ସେହି ସମୟର ଏକ ଫଟୋକୁ ରାହୁଲ ଟ୍ୱିଟ୍ କରି ସାର୍ବଜନୀନ କରି ଦେଇଥିଲେ । ବିଜେପି ଏହାକୁ ନେଇ ଆପତ୍ତି ଉଠାଇଥିଲା । ପରେ ଜାତୀୟ ଶିଶୁ ଅଧିକାର ଆୟୋଗ ଟ୍ୱିଟର ପାଖରେ ଫେରାଦ ହୋଇ ରାହୁଲ ଗାନ୍ଧୀଙ୍କ ଏହି ଟ୍ୱିଟ ପୋଷ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲା । ରାହୁଲ ଗାନ୍ଧୀଙ୍କ ଏହି ଟ୍ୱିଟ୍ ଜୁଭେନାଇଲ ଜଷ୍ଟିସ ଆକ୍ଟ, ୨୦୧୫ ଏବଂ ଶିଶୁ ଯୌନ ଅପରାଧ ଅଧିନିୟମ (POCSO)ର ଧାରା ୨୩କୁ ଉଲ୍ଲଂଘନ କରୁଛି ବୋଲି ଶିଶୁ ଅଧିକାର ଆୟୋଗ କହିଥିଲା । ଅଭିଯୋଗକୁ ଟ୍ୱିଟର ଗ୍ରହଣ କରିବା ପରେ ରାହୁଲ ଗାନ୍ଧୀଙ୍କ ଏହି ବିବାଦୀୟ ଟ୍ୱିଟକୁ ହଟାଇ ଦେଇଛି । ଯେଉଁଥିରେ ପୀଡିତାଙ୍କ ପରିବାର ଲୋକଙ୍କ ଫଟୋ ରହିଥିଲା । ତେବେ ରାହୁଲଙ୍କ ▶▶ପୃଷ୍ଠା ୭




## ନୀରଜ ଚୋପ୍ରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୦୭/୦୮(ନି.ପ୍ର): ଟୋକିଓ ଅଲିମ୍ପିକ୍ସ-୨୦୨୦ରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ନୀରଜ ଚୋପ୍ରାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ଜାଭେଲିନ୍ ଥ୍ରୋରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଆଣିବା ପରେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ନୀରଜଙ୍କ ବିଜୟ ଐତିହାସିକ । ନୀରଜଙ୍କ ପାଇଁ ଦେଶ ଗର୍ବ ଅନୁଭବ କରୁଛି । ତାଙ୍କର ସଫଳତା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ନବୀନ କହିଛନ୍ତି ।

## ଯୁବ ଅକାଳୀଦଳ ରାଷ୍ଟ୍ରୀୟ ମହାସଚିବଙ୍କୁ ଗୁଳିକରି ହତ୍ୟା

ମୋହାଲୀ,୦୭/୦୮: ମୋହାଲୀ ସେକ୍ଟର-୧୭ ମାର୍କେଟ ନିକଟରେ ଯୁବଅକାଳୀଦଳର ରାଷ୍ଟ୍ରୀୟ ମହାସଚିବ ବିକ୍ରମଜିତ୍ ସିଂ ଓରଫ୍ ଭିକ୍କିଙ୍କୁ ଗୁଳିକରି ହତ୍ୟା କରାଯାଇଛି । ଆଇ-୨୦ କାରରେ ଆସିଥିବା ୪ ଜଣ ଯୁବକ ବିକ୍କୀଙ୍କୁ ପିଛାକରି ତାଙ୍କ ଉପରକୁ ଗୁଳି ବର୍ଷଣ କରିଥିଲେ । ଘଟଣା ସ୍ଥଳରେ ବିକ୍କୀଙ୍କର ମୃତ୍ୟୁ ହୋଇଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତବରଣ ଖେଳି ଯାଇଛି । ସୂଚନା ମୁତାବକ ଶନିବାରଦିନ ବିକ୍ରମଜିତ୍ ▶▶ପୃଷ୍ଠା ୭

## ଭାରତକୁ ମିଳିଲା ଆଉ ଏକ ପଦକ

## କୁସ୍ତିରେ ବଜରଙ୍ଗ ପୁନିଆ ଜିତିଲେ ବ୍ରୋଞ୍ଜ ମେଡାଲ

ନୂଆଦିଲ୍ଲୀ,୦୭/୦୮: ଟୋକିଓ ଅଲିମ୍ପିକ୍ସରେ ଭାରତକୁ ମିଳିଲା ଆଉ ଏକ ପଦକ । କୁସ୍ତିରେ ବଜରଙ୍ଗ ପୁନିଆ ଜିତିଲେ ବ୍ରୋଞ୍ଜ ମେଡାଲ । ୮-୦ରେ କାଜାକିସ୍ତାନର ଖେଳାଳିଙ୍କୁ ହରାଇଲେ ହରାଇଲେ ବଜରଙ୍ଗ । ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ରେସିଲିଂରେ ବଜରଙ୍ଗ ବ୍ରୋଞ୍ଜ ପଦକ ଜିତିଛନ୍ତି । କ୍ୱାଟରଫାଇନାଲରେ ବଜରଙ୍ଗ ଇରାନ ପ୍ରତିଦ୍ୱନ୍ଦିଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ । ଏହା ପୂର୍ବରୁ ପ୍ରି-କ୍ୱାର୍ଟର୍ସରେ ସେ କାଜାଖସ୍ତାନର ଏର୍ଣ୍ଣାର୍ ଆକମତାଲିଏଭ୍‌ଙ୍କୁ ପରାସ୍ତ କରିଥିଲେ । ପ୍ରଥମ ପର୍ଯ୍ୟାୟର ପ୍ରଥମାର୍ଦ୍ଧରେ ବଜରଙ୍ଗ ତାଙ୍କ ଠାରୁ ୩-୧ରେ ଅଗ୍ରଣୀ ଥିଲେ । କିନ୍ତୁ, ପ୍ରତିଦ୍ୱନ୍ଦ୍ୱିତାର ଦ୍ୱିତୀୟାର୍ଦ୍ଧରେ ଆକମତାଲିଏଭ୍ ବଜରଙ୍ଗଙ୍କୁ ଦୁଇ ଥର ଧକ୍କା ଦେଇ ସ୍କୋର୍‌କୁ ୩-୩କୁ ଆଣିଥିଲେ । ହେଲେ ସେମିଫାଇନାଲରେ ଆଜାରବୈଜାନର ହାଜି ଆଲିୟେଭଙ୍କଠାରୁ ପରାସ୍ତ ହୋଇଥିଲେ ଭାରତର ବଜରଙ୍ଗ ପୁନିଆ । ଏହି ମ୍ୟାଚରେ ବଜରଙ୍ଗ ୫-୧୨ରେ ପରାସ୍ତ ହୋଇଥିଲେ ।



## ଅଗଷ୍ଟ ୯ରେ ମିଳିବ ପିଏମ୍-କିଷାନର ପରବର୍ତ୍ତୀ କିସ୍ତି

ନୂଆଦିଲ୍ଲୀ,୦୭/୦୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଅଗଷ୍ଟ ୯ ଅପରାହ୍ନ ୧୨.୩୦ ରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନା ଅଧିନରେ ଆର୍ଥିକ ସୁବିଧାର ପରବର୍ତୀ କିସ୍ତି ମଞ୍ଜୁର କରିବେ । ୯.୭୫ କୋଟି କୃଷି ପରିବାରର ହିତାଧିକାରୀଙ୍କୁ ଏହା ଜରିଆରେ ୧୯,୫୦୦ କୋଟିରୁ ଅଧିକ ଅର୍ଥ ଟ୍ରାନ୍ସଫର କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୃଷକ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିବା ସଂଗେ ସଂଗେ ଦେଶକୁ ସମ୍ବୋଧିତ କରିବେ । ଉଲ୍ଲେଖ୍ୟଯୋଗ୍ୟ ପିଏମ୍-କିଷାନ ଯୋଜନା ଅଧିନରେ କୃଷକ ପରିବାରର ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରତି ବର୍ଷ ୬୦୦୦ ଟଙ୍କା କରି ପ୍ରଦାନ କରାଯାଇଥାଏ । ପ୍ରତ୍ୟେକ ସମାନ ୪ମାସିଆ ତିନିଟି କିସ୍ତିରେ ୨୦୦୦ ଟଙ୍କା କରି ଦିଆଯାଏ । ଏହି ଅର୍ଥ ସିଧାସଳଖ ହିତାଧିକାରୀମାନଙ୍କ ବ୍ୟାଙ୍କ୍ ଆକାଉଂଟକୁ ପଠାଯାଇଥାଏ । ଏହି ଯୋଜନାରେ ୧.୩୮ ଲକ୍ଷ କୋଟି ଟଙ୍କାରୁ ଅଧିକ ସମ୍ମାନ ରାଶି କୃଷକ ପରିବାରଗୁଡିକୁ ପଠାଯାଇଛି ।

# ଦେଶ ସାମ୍ନା କରିପାରେ ଆଉ ଏକ ନୂଆ ଭେରିଆଂଟ : ଆମେରିକାର ସ୍ୱାସ୍ଥ୍ୟ ପରାମର୍ଶଦାତା

ନୂଆଦିଲ୍ଲୀ,୦୭/୦୮: କରୋନାର ନୂଆ ପ୍ରଜାତି ବା ମ୍ୟୁଟାଂଟ ଭୂତାଣୁ ଆମେରିକାରେ ବିପର୍ଯ୍ୟୟ ଘଟାଇପାରେ । ଡେଲଟା ପରେ ଆମେରିକାରେ ଏବେ ମ୍ୟୁଟାଂଟ ଭୂତାଣୁର ଲକ୍ଷଣ ଦେଖା ଦେଇଥିବା ସତର୍କ କରାଇଦେଇଛନ୍ତି ହ୍ୱାଇଟ ହାଉସର ମେଡିକାଲ ଆଡଭାଇଜର ମାଇକ ଫସି । ଆମେରିକାରେ ଦ୍ରୁତ ଟିକାକରଣ ସତ୍ୱେ ଏବେ ଦୈନିକ ସଂକ୍ରମଣ ପାଖପାଖି ୧ ଲକ୍ଷ ରହୁଛି । ତେବେ ମ୍ୟୁଟାଂଟ ଭୂତାଣୁର ସଂକ୍ରମଣ ଆରମ୍ଭ ହେଲେ ସ୍ଥିତି ଅଣାୟତ ହୋଇପାରେ ବୋଲି ଫସି କହିଛନ୍ତି । ଆମେରିକାରେ କରୋନାର ନୂଆ ପ୍ରଜାତିକୁ ନେଇ ଶଙ୍କା ପ୍ରକାଶ ପାଇଥିବା ବେଳେ ଆମେ ଏହାକୁ ଗୁରୁତ୍ୱ ଦେବାର କାରଣ ହେଉଛି । ଏବେ ଯାହା ଆମେରିକାରେ ଚାଲିଛି, ହୁଏତ ଆଗକୁ ତାହା ଭାରତରେ ମଧ୍ୟ ହୋଇପାରେ । ଆମେରିକାରେ ନୂଆ ପ୍ରଜାତିର ▶▶ପୃଷ୍ଠା ୭



# ନୀରଜ ଚୋପ୍ରାଙ୍କୁ ଶୁଭେଚ୍ଛାର ସୁଅ

## ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି ଜଣାଇଲେ ଅଭିନନ୍ଦନ

ନୂଆଦିଲ୍ଲୀ,୦୭/୦୮: ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ନୀରଜ ଚୋପ୍ରାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ନୀରଜ ଚୋପ୍ରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଜି ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ଜାଭଲିନ ଥ୍ରୋରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ନୀରଜ ଚୋପ୍ରା । ପ୍ରଧାନମନ୍ତ୍ରୀ ନୀରଜଙ୍କ ପ୍ରଶଂସା କରି କହିଛନ୍ତି, ଟୋକିଓରେ ଇତିହାସ ରଚିଲେ ନୀରଜ ଚୋପ୍ରା । ନୀରଜଙ୍କ ପ୍ରଦର୍ଶନ ସବୁଦିନ ପାଇଁ ମନେ ରହିବ । ଯୁବ ନୀରଜ ପ୍ରଶଂସନୀୟ ପ୍ରଦର୍ଶନ କରିଛନ୍ତି । ଦୃଢ ବିଶ୍ୱାସ ଓ ଉଲ୍ଲେଖନୀୟ ମନୋବଳ ସହ ପ୍ରଦର୍ଶନ କରିଛନ୍ତି । ସେହିପରି ରାଷ୍ଟ୍ରପତି କହିଛନ୍ତି, ନୀରଜଙ୍କ ସ୍ୱର୍ଣ୍ଣ ପଦକ ବିଜୟ ଇତିହାସ ସୃଷ୍ଟି କରିଛି । ନୀରଜଙ୍କ ସଫଳତା ଯୁବପିଢିଙ୍କୁ ଅନୁପ୍ରାଣିତ କରିବ । ସାରା ଭାରତ ହୃଦୟର ସହ ନୀରଜଙ୍କୁ ଶୁଭକାମନା ଜଣାଉଛି ।



# ଜମ୍ମୁ-କାଶ୍ମୀର : ବଡଗ୍ରାମ ଠାରେ ପୋଲିସ-ଆତଙ୍କବାଦୀ ଗୁଳି ବିନିମୟ

## ଜଣେ ଲସ୍କର ଆତଙ୍କବାଦୀ ମୃତ

ନୂଆଦିଲ୍ଲୀ,୦୭/୦୮: ଜମ୍ମୁ-କାଶ୍ମୀର ବଡଗ୍ରାମର ମୋଚବା ଅଞ୍ଚଳରେ ଶନିବାର ଦିନ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏଥିରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ଲସ୍କର ଆତଙ୍କବାଦୀର ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଆତଙ୍କବାଦୀଙ୍କୁ ଧରିଛି ପୋଲିସ । ଧରାପଡିଥିବା ଆତଙ୍କବାଦୀଙ୍କ ଠାରୁ ଗୋଟିଏ ଏ.କେ -୪୭ ରାଇଫଲ ଓ ଗୋଟିଏ ପିସ୍ତଲ ଜବତ୍ କରାଯାଇଛି । ଏହାପରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ସର୍ଚ୍ଚ ଅପରେଶନ ଜାରି ରହିଛି । ବଡଗ୍ରାମ ସଂଘର୍ଷକୁ ନେଇ କାଶ୍ମୀର ଆଇଜିପି ବିଜୟ କୁମାର କହିଛନ୍ତି କି, ଏହି ସଂଘର୍ଷରେ ଲସ୍କା-ଏ-ତୋଇବାର ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି । ମୃତ ଆତଙ୍କବାଦୀଙ୍କ ଡାଇରୀରୁ ତଥ୍ୟ ମୁତାବକ ଅନ୍ୟଜଣେ ଆତଙ୍କବାଦୀଙ୍କୁ ଧରାଯାଇଛି । ତା ନିକଟରୁ ▶▶ପୃଷ୍ଠା ୭



# ଅଗଷ୍ଟ ୧୬ରୁ ଯୁକ୍ତ ୨ ନାମଲେଖା ପ୍ରକ୍ରିୟା

ଭୁବନେଶ୍ୱର,୦୭/୦୮ (ନି.ପ୍ର): ଆସନ୍ତା ଅଗଷ୍ଟ ୧୬ ତାରିଖ ମଧ୍ୟରେ ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି । ଗତ ବର୍ଷ ଅଗଷ୍ଟ ୨୧ ତାରିଖରେ ଯୁକ୍ତ ଦୁଇ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଏହାର ସପ୍ତାହକ ପୂର୍ବରୁ ଆରମ୍ଭ ହେବ ବୋଲି ବିଭାଗ ନିଷ୍ପତି ନେଇଛି । ଏକ ମାସ ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ଆବେଦନ ପାଇଁ ସମୟ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଅପରପକ୍ଷେ, ମାଟ୍ରିକ ଅଫଲାଇନ୍ ଖାତା ଦେଖା ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ବେଳେ ଆସନ୍ତା ୨୦ ତାରିଖ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବ । ଏଥିପାଇଁ ବୋର୍ଡ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଖୁବ୍ ଶୀଘ୍ର ତାରିଖ ଘୋଷଣା କରାଯିବ । ଅଫଲାଇନ୍ ପରୀକ୍ଷା ▶▶ପୃଷ୍ଠା ୭

# ସମ୍ବଲପୁର ଟାଉନ୍ ଥାନାରେ ରକ୍ତଦାନ ଶିବିର ୧୧୦ ୟୁନିଟ ରକ୍ତ ସଂଗୃହୀତ

ସମ୍ବଲପୁର,୭/୮ (ନି.ପ୍ର): ସମ୍ବଲପୁର ଟାଉନ ଥାନାରେ ମୋ ସରକାର ୫-ଟି ସେଲ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏଠାରେ ଆୟୋଜିତ ରକ୍ତଦାନ ଶିବିରକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟତମ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ମହାନ୍ତି, ଟାଉନଥାନା ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣ, ଏସଆ ।ଇ ଅମର ହୋତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଥାନା ଅଧିକାରୀ ଶ୍ରୀ କର୍ଣ୍ଣ ନିଜେ ରକ୍ତଦାନ କରିଥିଲେ । ଭୀମସାର ବୁର୍ଲା ରକ୍ତଭଣ୍ଡାରର କର୍ମଚାରୀମାନେ ଏହି ଶିବିରକୁ ପରିଚାଳନା କରିଥିବା ବେଳେ ଏଥିରେ ମୋଟ୍ ୧୧୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଟାଉନ ଥାନାର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଳ ଏବଂ ସାଥୀ ଅନୁଷ୍ଠାନ ଶିବିର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରକ୍ତ ଅଭାବଜନିତ କାରଣରୁ କାହାରି ଜୀବନ ହାନି ନହେଉ କିମ୍ବା କୌଣସି ଦଲାଲ୍ ହାବୁଡ଼ରେ ପଡ଼ି କୌଣସି ବ୍ୟକ୍ତି ରକ୍ତ ପାଇଁ ହଇରାଣ ନହୁଅନ୍ତୁ ଏହା ହିଁ ସମ୍ବଲପୁର ପୁଲିସର ମୁଖ୍ୟ ଉଦ୍ଦେଶ୍ୟ । ତେବେ ଏନେଇ ଜନସଚେତନ ଲକ୍ଷ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ପୁଲିସ ପ୍ରଶାସନ ପକ୍ଷରୁ ଏହି ଅବସରରେ କୁହାଯାଇଛି । ପୁଲିସ ବିଭାଗ ପକ୍ଷରୁ ଆୟୋଜିତ ଏଭଳି ରକ୍ତଦାନ ଶିବିରକୁ ଜନସାଧାରଣ ତଥା ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ବିନିଯୋଗ ନେଇ ପ୍ରଶ୍ନବାଚୀ

## ପରିଚାଳନା କମିଟି ଗଠନ ନକରି ଚାଲିଛି ସରକାରଙ୍କ ଠିକାଦାର ତୋଷଣ ନୀତି : ବିଜେପି

ସମ୍ବଲପୁର,୭/୮ (ନି.ପ୍ର): ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ରାଜ୍ୟର ସମସ୍ତ ଜିଲ୍ଲା ଉନ୍ନୟନର ମୁଖ୍ୟ ଧାରାକୁ ଯାଇନଥିବା ବେଳେ ୧୯୯୮ ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଗଠନ ବର୍ତମାନର ବିଜେଡ଼ି ସରକାର ପରିକଳ୍ପନା କରିଥିଲେ । ପରବର୍ତୀ ସମୟରେ ୨୦୦୦ ମସିହା ଡ଼ିସେମ୍ବର ୫ ତାରିଖରେ ଏହାକୁ ଆଇନ ସିଦ୍ଧ କରାଯାଇଥିଲା । ପରିଷଦର ମୂଳ ଅଧିନିୟମ ୨୦୦୧ ଜୁଲାଇ ୧୯ ତାରିଖ ଓ ଓଡ଼ିଶା ଅଧିନିୟମ (୧୪) ୨୦୦୩ ମଇ ୩୧ ତାରିଖରେ ପରିଷଦର ସମସ୍ତ ନିୟମ ସଂଶୋଧନ କରି ପଛୁଆ ବର୍ଗରେ ସାମିଲ୍ ଥିବା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାର ଅଠମଲ୍ଲିକ ଉପଖଣ୍ଡକୁ ସାମିଲ୍ କରାଯାଇ ଉନ୍ନୟନ କାର୍ଯ୍ୟ ଜାରୀ ରହିଛି । ସୂଚନାଯୋଗ୍ୟ, ଏହି ପରିଷଦ ଅଧିନରେ ୬ଟି ଲୋକସଭା ନିର୍ବାଚନ ମଣ୍ଡଳି, ୩୬ଟି ବିଧାନସଭା ଆସନର ୧୧ଟି ଜିଲ୍ଲା ପରିଷଦ, ୮୯ଟି ପଚାଂୟତ ସମିତି, ୨୮ଟି ପୌର ପରିଷଦ / ବିଜ୍ଞାପିତ ପରିଷଦ ସହ ଦୁଇଟି ମ୍ୟୁନିସିପାଲ କର୍ପୋରେସନ ସମ୍ପୃକ୍ତ ରହିଛି । ବିଶେଷ କରି ଏହି ଅନୁନ୍ନତ ଜିଲ୍ଲା ଗୁଡିକରେ ଜଳସେଚନ, ପାନୀୟ ଜଳ, ବିଦ୍ୟୁତିକରଣ, ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଓ ଗମନାଗମନ ସହ ଉନ୍ନୟନ କରାଯାଉଥିବା ଆଳରେ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଥିବା ପରିଷଦର କାଗଜପତ୍ରରେ ଦର୍ଶାଯାଇ ଆସୁଛି । ମାତ୍ର, ଦୁର୍ଭାଗ୍ୟର ବିଷୟ ଏହି ପରିଷଦକୁ ଏକ ଛତ୍ରବାଦ ନୀତିରେ ଶାସକ ଦଳ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ଆଳରେ ଦଳୀୟ ଠିକାଦାର ମାନଙ୍କୁ ନିୟୋଜିତ କରି କୋଟି କୋଟି ଟଙ୍କା ହଡ଼ପ କରି ଚାଲିଛନ୍ତି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ପରଠାରୁ କୋଟି କୋଟି ଟଙ୍କା ବିନିଯୋଗରେ ହୋଇଥିବା ଅଧିକାଂଶ ପ୍ରକଳ୍ପ କେଉଁଠାରେ ଉଦଘାଟନ ନହୋଇ ଭୂତକୋଠିରେ ପରିଣତ ହୋଇଥିବା ବେଳେ ଅନେକ ପ୍ରକଳ୍ପ ଅର୍ଥାଭାବ ଦର୍ଶାଇ ଅଧପନ୍ତରିଆ ଅବସ୍ଥାରେ ଦେଖାଯାଇଛି । ପରିଷଦ ମାଧ୍ୟମରେ କୋଟି କୋଟି ଟଙ୍କା ବିନିଯୋଗ ପରେ କି ପ୍ରକାର ଉନ୍ନୟନ ହୋଇଛି, ସେନେଇ ୨୦୦୫ ମସିହା ମାର୍ଚ୍ଚ ମାସର ସିଏଜି ଅଡ଼ିଟ୍ ରିପୋର୍ଟ ଯେଉଁ ମନ୍ତବ୍ୟ ଦେଇଛି ସେ ସମ୍ପର୍କରେ ଦୀର୍ଘ ୧୬ ବର୍ଷ ବିତି ଯାଇଥିଲେ ମଧ ବର୍ତମାନର ଡ଼ିଣ୍ଡିମ ପିଟା ସ୍ୱଚ୍ଛ ଓ ନିର୍ମଳ ସରକାର ଅଦ୍ୟାବଧି ମୁହଁ ଖୋଲିନାହାଁନ୍ତି । ତେବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ନେଇ ଶାସକ ଦଳ ଯେଉଁ ରାଜନୀତି କରୁଛି ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଆଜି ସ୍ଥାନୀୟ ହୋଟେଲ ଶୀଲା ଟାୱାରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ବହୁ ବରିଷ୍ଠ ନେତୃବୃନ୍ଦ ଓ ବିଧାୟକ ବିଷୋଦଗାର କରିଛନ୍ତି । ଏପରିକି ପରିଷଦ ଗଠନର ମୂଳ ଅଧିନିୟମ (୧୦) ୨୦୦୦ ଧାରା ୩ (୪) ଅନୁଯାୟୀ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡ଼ିଶାର ଯେକୌଣସି ଜିଲ୍ଲା ସଦର ମହକୁମାରେ ସ୍ଥାପନ କରାଯିବା କେବଳ ସାଇନ୍ ବୋର୍ଡ଼ ମାଧ୍ୟମରେ ବିଭିନ୍ନ ଜିଲ୍ଲାରେ ଦୃଶ୍ୟମାନ ହେଉଥିବା କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରାଯିବା, ଓଡ଼ିଶା ଅଧିନିୟମ (୧୦) ୨୦୦୦ ର ଧାରା ୪ ଅନୁଯାୟୀ ପଶ୍ଚିମ ଓଡ଼ିଶାର ନିର୍ବାଚିତ ସାଂସଦ ଓ ବିଧାୟକ ମାନଙ୍କୁ ପରିଷଦରେ ସାମିଲ୍ କରାଯିବା ସହ ଅଭିଜ୍ଞତା ସମ୍ପନ୍ନ ସଦସ୍ୟଙ୍କୁ ନିଯୁକ୍ତି ଦେଇ ପରିଷଦକୁ ସକ୍ରିୟ ରଖିବା ପାଇଁ ବିଜେପି ଦାବି କରିଛି । ସୂଚନାଯୋଗ୍ୟ, ୧୬ ତମ ଓଡ଼ିଶା ବିଧାନସଭାର ପଚଂମ ଅଧିବେଶନରେ ଲୋଇସିଂହା ବିଜେପି ବିଧାୟକ ଡଃ. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଆଗତ ବେସରକାରୀ ସଦସ୍ୟ ବିଲ୍ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଂଶୋଧନ ବିଲ୍ ୨୦୨୦ କୁ ବିଧାନସଭାରେ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇ ପରିଷଦକୁ ସମ୍ପୂର୍ଣ୍ଣ ସକ୍ରିୟ କରାଯିବା ସହ ପରିଷଦ ଅଧିନରେ ଥିବା ସମସ୍ତ ଜିଲ୍ଲା ମାନଙ୍କର ସାଂସଦ, ବିଧାୟକ, ଜିଲ୍ଲା ପରିଷଦର ଅଧକ୍ଷ ଓ ଅନ୍ୟ ମାନଙ୍କୁ ନେଇ ସ୍ଥାୟୀ ପରିଷଦ ଗଠନ କରାଯାଉ ବୋଲି ବିଜେପି ଦୃଢ଼ ଦାବି କରିଛି । ଆହୁତ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପୂର୍ବତନ ବିଧାୟକ ତଥା ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର, ଲୁଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ଗିରିଷ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର ଏବଂ କ୍ଷେତ୍ରିୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ ।

# ହିଞ୍ଜିଳିକାଟୁରେ ସର୍କିଟ୍ କୋର୍ଟର ଉଦ୍‌ଘାଟନ

ଗଞ୍ଜାମ,୭/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଚଂଳରେ ସର୍କିଟ୍ କୋର୍ଟକୁ ଆଜି ଗଞ୍ଜାମ ଜିଲ୍ଲା ଜଜ୍ ଶଶିକାନ୍ତ ମିଶ୍ର ଉଦଘାଟନ କରିଛନ୍ତି । ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଜଜ୍ ରାଜାରାମ ପାଢ଼ୀ ଅତିଥି ରୂପେ ଯୋଗ ଦେଇଥିଲେ । ହିଞ୍ଜିଳିକାଟୁ ବାର୍ ଆସୋସିଏସନର ସମସ୍ତ କର୍ମକର୍ତା ଓ ଓକିଲ ସଂଘର କର୍ମକର୍ତାଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉତ୍ସବରେ ସାମିଲ୍ ଥିଲେ । ଏହି କୋର୍ଟ ଅବସ୍ଥାପିତ ହେବା ପରେ ଜନସାଧାରଣ ଆଇନଗତ ସୁବିଧା ପାଇପାରିବେ ବୋଲି ଜିଲ୍ଲା ଜଜ୍ ଉଦବୋଧନ ଦେଇଥିଲେ । ଏହି ନୂତନ କୋର୍ଟ ଜେଏମଏଫସି କୋର୍ଟ ପରିସରରେ ପରିଚାଳିତ ହେଉଛି ।

# ଏମକେସିଜି ମେଡ଼ିକାଲରେ ଖୋଲିଲା ୨ ନିରାମୟ କେନ୍ଦ୍ର

ଗଞ୍ଜାମ, ୬ ଅଗଷ୍ଟ (ହି.ସ.)- ରୋଗୀ ମାନଙ୍କ ସୁବିଧା ପାଇଁ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡ଼ିକାଲ ପରିସରରେ ଆଉ ଦୁଇଟି ଅତିରିକ୍ତ ନିରାମୟ କେନ୍ଦ୍ର ଖୋଲିଛି । ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଏହାର ଉଦଘାଟନ କରିଛନ୍ତି । ଦିନକୁ ଦିନ ଏମକେସିଜି ମେଡ଼ିକାଲରେ ରୋଗୀଙ୍କ ସଂଖ୍ୟା ବଢୁଛି । ନିରାମୟ କେନ୍ଦ୍ରରେ ଔଷଧ ନେବା ପାଇଁ ଲମ୍ବା ଧାଡ଼ି ବଢୁଛି । ଏହାକୁ ଦୃଷ୍ଟିରେ ନିରାମୟ କେନ୍ଦ୍ରରେ ଔଷଧ ନେବା ପାଇଁ ଆଉ ଦୁଇଟି କେନ୍ଦ୍ର ଖୋଲାଯାଇଛି । ରୋଗୀ ମାନଙ୍କୁ ତ୍ୱରିତ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ଖୋଲାଯାଇଛି । ପୂର୍ବରୁ ୪ଟି କେନ୍ଦ୍ରରେ ୮ଟି କାଉଂଟର ରହିଥିଲା । ଏବେ ଆଉ ଦୁଇଟି କେନ୍ଦ୍ର ଖୋଲା ଯାଇଛି । ଫଳରେ ୬ଟି କେନ୍ଦ୍ରରେ ୧୨ଟି କାଉଂଟର ଜରିଆରେ ରୋଗୀଙ୍କୁ ଔଷଧ ବିତରଣ କରାଯିବ । ଗୋଟିଏ କାଉଂଟରରେ ବରିଷ୍ଠ ନାଗରିକ ମାନଙ୍କୁ ଔଷଧ ବିତରଣ ପାଇଁ ସୁବିଧା କରାଯାଇଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମକେସିଜି ମେଡ଼ିକାଲ କଲେଜ ଅଧକ୍ଷ ତଥା ଡ଼ିନ୍ ପ୍ରଫେସର ଡଃ. ଦିପ୍ତୀମୟୀ ତ୍ରିପାଠୀ, ମେଡ଼ିକାଲ ଅଧିକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଅଧିକ୍ଷକ ଡା. କିରଣ କୁମାର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କାଳୁପାତ୍ର ସାହିରୁ ଗୁଟଖା ଫ୍ୟାକ୍ଟ୍ରୀ ଠାବ ଘଟଣା : ୬ ଗିରଫ

ଗଞ୍ଜାମ,୭/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ବଡ଼ବଜାର ଥାନା ଅନ୍ତର୍ଗତ କାଳୁପାତ୍ର ସାହିରୁ ଗୁଟଖା ଫ୍ୟାକ୍ଟ୍ରୀ ଠାବ ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗୁଟଖା ତିଆରି ପାଇଁ ବ୍ୟବହୃତ କଂଚାମାଲ, ମେସିନ ସହିତ ୪ଟି ଗାଡି ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ କାଳୁପାତ୍ର ସାହିର ରିଂଟୁ କୁମାର ସାହୁ, ନୂଆ କାଳୁପାତ୍ର ସାହିର ଅର୍ଜ୍ଜୁନ ସାହୁ, ବୋରିଗାଁର ବୁଢ଼ା ସାହୁ, ଲକ୍ଷ୍ମୀ ନୃସିଂହ ସାହିର ଶିବରାମ ବେହେରା ଓ ଉତର ପ୍ରଦେଶର ଚନ୍ଦ୍ରଭାନୁ ପଟେଲ ଏବଂ ରାମ ଆଶିଷ । ବେଆଇନ ଗୁଟଖା କାରବାରର ମାଷ୍ଟର ମାଇଣ୍ଡ କୁହାଯାଉଥିବା କାଳୁପାତ୍ର ସାହିର ନାରାୟଣ ସାହୁ ଫେରାର୍ ହୋଇଯାଇଛି । ତାକୁ ଧରିବା ପାଇଁ ଉଦ୍ୟମ ଜାରୀ ରହିଥିବା ନେଇ ପୋଲିସ କହିଛି । କାଳୁପାତ୍ର ସାହିର ଏକ ଘରେ ଗୁଟଖା ତିଆରି ଚାଲିଥିବା ଖବର ପାଇ ବ୍ରହ୍ମପୁର ଉପଜିଲାପାଳ ଭି. ଟୀର୍ତିଭାସନଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଉତର ପ୍ରଦେଶର ଦୁଇ ଜଣ ଗୁଟଖା ପ୍ରସ୍ତୁତକାରୀ ଶ୍ରମିକଙ୍କୁ ପଚରା ଉଚରା କରିଥିଲା ପୋଲିସ । ସେହିପରି ଅନ୍ୟ ଏକ ଘର ଯାଂଚ୍ ପରେ ସେଠାରୁ ୧୬୦ ପ୍ୟାକେଟ୍ ଗୁଟଖା ଜବତ ହୋଇଥିଲା । ଏନେଇ ଅଧିକ ତଦନ୍ତ ପରେ ବୋରିଗାଁ ନିକଟରୁ ଏକ ପିକଅପ୍ ଭ୍ୟାନ୍ ରେ ଭର୍ତି ହୋଇଥିବା ଗୁଟଖା ଜବତ ହୋଇଥିଲା । ଏହି ମାମଲାରେ ମୋଟ୍ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩ଟି ପିକଅପ୍ ଭ୍ୟାନ୍, ଗୋଟିଏ ଅଟୋ, ମେସିନ ଓ ବିଭିନ୍ନ ବ୍ରାଣ୍ଡର ଗୁଟଖା ଏବଂ ଜର୍ଦା ଜବତ କରାଯାଇଥିଲା । କାଳୁପାତ୍ର ସାହିର ନାରାୟଣର ସହଯୋଗରେ ଏମାନେ ବେଆଇନ ଭାବେ ଗୁଟଖା ପ୍ରସ୍ତୁତ କରୁଥିଲେ ।

# ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟ ପାଇଁ ଘରକୁ ଘର କରାଯିବ ସର୍ଭେ

କେନ୍ଦ୍ରପଡ଼ା,୬ ଅଗଷ୍ଟ(ହି.ସ) - ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ସମଗ୍ର ଜିଲ୍ଲାରେ ଭିନ୍ନକ୍ଷମ ଶିଶୂଙ୍କ ସମ୍ବନ୍ଧରେ ଘରକୁ ଘର ସର୍ଭେ କରାଯିବ ବୋଲି ଜଣା ପଡିଛି । ଏନେଇ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅନୁମୋଦନରେ ଅନୁଷ୍ଠିତ ଏକ ଦିବସୀୟ ସର୍ଭେ ତାଲିମ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଆରଏସ୍ଆର ର ବିଷ୍ଣୁପ୍ରିୟା ମହାନ୍ତି, ଅଭିମନ୍ୟୁ ମଲିକ, କମଳାକାନ୍ତ ବାରିକ ପ୍ରମୁଖ ପ୍ରଶିକ୍ଷକ ଶିଶୁ ମାନଙ୍କ ଠାରେ ଦେଖା ଦେଇଥିବା ୨୧ ପ୍ରକାର ଭିନ୍ନକ୍ଷମତାର ଲକ୍ଷଣ ଉପରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାରେ କାର୍ଯ୍ୟ କରୁଥିବା ୨୧୯୦ ଜଣ ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ଚିହ୍ନଟ କରିବା ପରେ ସେପ୍ଟେମ୍ବର ଶେଷ ସପ୍ତାହ ସୁଦ୍ଧା ଏହାର ଡାଟା ବେସ ପ୍ରସ୍ତୁତ କରାଯାଇ ସିଏଚସିକୁ ତାଲିକା ପ୍ରଦାନ କରିବେ । ଏହି ବୈଠକରେ ୯ଟି ବ୍ଲକର ସିଡିପିଓ, ବିଏସଏସଓ ଓ ବିଆରଟି ତଥା ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଶିକ୍ଷକ ମାନେ ତାଲିମନେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପରିଚାଳନା କରିଥିବା ବେଳେ ଉପଖଣ୍ଡ ସାମାଜିକ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିତଳ ପଂଚାୟତରେ ବିଶ୍ୱ ମାତୃ ସ୍ତନ୍ୟପାନ ସପ୍ତାହ ପାଳିତ

ଗଞ୍ଜାମ, ୬ ଅଗଷ୍ଟ (ହି.ସ.)- ଗଞ୍ଜାମ ଜିଲ୍ଲା ପିତଳ ପଂଚାୟତରେ ୧୧ଟି ଅଂଗନବାଡି କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱମାତୃ ସ୍ତନ୍ୟପାନ ସପ୍ତାହ ପାଳନ ହୋଇଛି ସନ୍ତୋଷପୁର ୨ୟ କେନ୍ଦ୍ରରେ । ଏହି ଉପଲକ୍ଷେ ଏକ ପୃଷ୍ଟିକର ଖାଦ୍ୟ ମେଳା ଅନୁଷ୍ଠିତହୋଇଥିଲା । ଏହି ମେଳାକୁ ଗଞ୍ଜାମ ଜିଲାପାଳ ବିଜୟଅମୃତା କୁଲାଙ୍ଗେ ଓ ଶେରଗଡ ବିଡିଓ ଶମ୍ଭୁନାଥ ନନ୍ଦୀ ପରିଦର୍ଶନ କରି ବିଶେଷ ସନ୍ତୋଷ ପ୍ରକାଶ କରିଥିଲେ । ଶେରଗଡ ସିଡିପିଓ ଗୀତାରାଣୀ ରାଉଳ, ପରିଦର୍ଶିକା ସ୍ମିତାରାଣୀ ପ୍ରଧାନ, ଏ. ବାସନ୍ତୀ, ମିନତି ଜେନା ଏଥିରେ ଯୋଗଦେଇ ମାତୃ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାର ଆୟୋଜନ କରିଥିଲେ ଅଂଗନବାଡିକର୍ମୀ ସଂଧାରାଣୀ ଦାଶ, ବବିତାପାତ୍ର, ଗୀତାଞ୍ଜଳି ନାୟକ, ନମିତା ବେହରା, ଏ. ସୁଜାତା, ବାସନ୍ତୁ ସାହୁ, ପୁଷ୍ପାଞ୍ଜଳି ପଣ୍ଡା, ମନିଷା ନାୟକ, ତୃଷ୍ଣା ମିଶ୍ର ଓ ରଂଜିତା ରଥ । ଏହି କାର୍ଯ୍ୟକ୍ରମରେ ପିତଳ ପଂଚାୟତର ସମସ୍ତ ଏସଏଚଜି ସଭ୍ୟା, ଗାଁ କଲ୍ୟାଣସମିତି ସଭ୍ୟ ସଭ୍ୟା, ଗର୍ଭବତୀ, ପ୍ରସୂତୀ ମା, କିଶୋରୀ, ସହାୟିକା ଓ ମହିଳା ସ୍ୱାସ୍ଥ୍ୟକର୍ମୀ ସରିତାପଣ୍ଡାଙ୍କ ମିଳିତ ସହଯୋଗରେ ପଂଚାୟତରେ ପଦଯାତ୍ରା କରି ଡବାକ୍ଷୀରର ଅପକାରିତା ଓ ମାତୃ ସ୍ତନ୍ୟପାନ ସର୍ବୋତ୍କୃଷ୍ଟ ନାରାଦେଇ ପରିକ୍ରମା କରିଥିଲେ । ଏହା ଜନସାଧାରଣଙ୍କୁ ବେଶ୍ ପ୍ରଭାବିତ କରିଥିବା ଜଣାପଡିଛି ।

# ଓଡିଶା ଷ୍ଟାଫ୍ ସିଲେକ୍ସନ କମିଶନର ଚାକିରୀ ବିକ୍ରୀ ପ୍ରତିବାଦରେ ବଡଚଣା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ଧର୍ମଶାଳା,୭/୮ (ନି.ପ୍ର): ଓଡିଶା ସରକାର ଷ୍ଟାଫ୍ ସିଲେକ୍ସନ କମିଶନର ପକ୍ଷରୁ ମେଧା ପରିବର୍ତେ ଟଙ୍କା କାରବାର କରି ନିଯୁକ୍ତିରେ ହୋଇଥିବା ଦୂର୍ନିତୀକୁ ସାରା ରାଜ୍ୟରେ ବିଜେପି ପକ୍ଷରୁ ବକ୍ଷୋଭ ଜାରି ରହିଛି । ଏହି ଅବସରରେ ଯାଜପୁର ଜିଲା ବଡଚଣା ନିର୍ବାଚନ ମଣ୍ଡଳୀର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଚଣ୍ଡିଖୋଲସ୍ଥିତ ବୁଦ୍ଧ ପ୍ରତିମୂର୍ତୀ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପତଳିକା ଦାହ କରାଯିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଛନ୍ତି । ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ସୁବଭ୍ଗୁଡା ପଂଚାୟତର ସମିତିସଭ୍ୟ ପ୍ରିତମ ନାୟକଙ୍କ ନେତୃତ୍ୱରେ ଯୁବ ମୋର୍ଚ୍ଚା ଉପ-ସଭାପତି ଦୀପକ ସାମଲ,ସମେନ୍ଦ୍ର ପରିଡା, ସୁଶାନ୍ତ ସାହୁ, ବାବାଜୀ ଜେନା, ନିହାର ସାମଲ, ବିଶ୍ୱଜିତ ସିଂ ଓ ଲିପୁନା ସାମଲଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ ।

# ଫେକ୍ ପେଜ୍ ତିଆରି କରିଥିବା ଠକମାନଙ୍କୁ ଧରାପକାଇଲେ ଫୁଲବାଣୀର ସୌମ୍ୟରଞ୍ଜନ

କନ୍ଧମାଳ,୬ ଅଗଷ୍ଟ(ହି.ସ.)- କନ୍ଧମାଳ ଜିଲ୍ଲାକୁ ଗୌରବ ଆଣିଛନ୍ତି ଫୁଲବାଣୀର ଆଉ ଜଣେ ପ୍ରତିଭାବାନ ଛାତ୍ର ସୌମ୍ୟରଞ୍ଜନ । ଯିଏ କି ବର୍ତମାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀର ୧୦ମ ଶ୍ରେଣୀ ଛାତ୍ର । ପାଠ ପଢ଼ା ବ୍ୟତୀତ କମ୍ପୁଟରରେ ମଧ ସୌମ୍ୟ ଦିଅନ୍ତି କିଛି ସମୟ । ଏହି କିଛି ସମୟ ତାଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇଦେଇଛି ସମଗ୍ର ଫୁଲବାଣୀ ସହରରେ । ଏନେଇ ବିଦେଶରେ ମଧ ସୁନାମ ଅର୍ଜନ କରିଛନ୍ତି ସୌମ୍ୟରଞ୍ଜନ । ସୂଚନା ମୁତାବକ ଗତ ୨୨ଜୁଲାଇରେ ଲାଇବେରିଆନ ମିନିଷ୍ଟ୍ରେରୀ ଅଫ୍ ଫାଇନାନ୍ସ ଏଣ୍ଡ ଡେଭଲପ୍‌ମେଂଟ୍ ପ୍ଲାନିଙ୍ଗ ଡିପାର୍ଟମେଣ୍ଟର କେହି ଜଣେ ଫେକ୍ ପେଜ୍ ତିଆରି କରିଥିଲେ । ସେହି ନକଲି ପେଜ୍‌ରେ କୋଭିଡ-୧୯ ସମୟର ଅସୁବିଧା ଲେଖି କିଛି ସହାୟତା ଅର୍ଥ ଦେବାପାଇଁ ପୋଷ୍ଟ ହେଉଥିଲା । ଯାହା ଫଳରେ ସେହି ଅର୍ଥ ରାଶି ସରକାରଙ୍କ ପାଖକୁ ନଯାଇ ସେହି ଠକମାନଙ୍କ ପାଖକୁ ଯାଉଥିଲା । ଏହିପରି ନକଲି ପେଜ୍ କିମ୍ବା ଆକାଉଣ୍ଟ ଖୋଲିବା ଏକ ସାଇବର୍ କ୍ରାଇମ୍ । ଏହି ସୁଚନାଟି ସେଠାରେ ଥିବା ଲାଇବେରିଆ ସାଇବର୍ କ୍ରାଇମ୍ ପ୍ରିଭେନ୍‌ସନ୍ ଏଣ୍ଡ ମିଟିଗେସନ୍ ଏଜେନ୍ସିକୁ ମିଳିଲା ଏବଂ ସେମାନେ ଏହି ପେଜ୍ ବିଷୟରେ ଜାଣିବାରେ ବିଫଳ ହୋଇଥିଲେ ଏବଂ ସେହି ପେଜ୍ ବିଷୟରେ କିଛିବି ତଥ୍ୟ ହାସଲ କରି ପାରିନଥିଲେ । ଏହାପରେ ସେମାନଙ୍କ ଅନୁକମ୍ପା ମୁଳକ ଅନୁରୋଧ କ୍ରମେ ସୌମ୍ୟରଞ୍ଜନ ସେହି କେସରେ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରାଧିକୁ ଧରିବା ପାଇଁ ଯାହା ତଥ୍ୟ ଦରକାର ଥିଲା ଯେପରି ଆଇପି, ଠିକଣା, ଫୋଟ, ଲୋକେସନ୍ ସେହି ସବୁ ତଥ୍ୟ ତାଙ୍କୁ ହସ୍ତଗତ କରିଥିଲେ ଏବଂ ଏହାର କିଛି ସମୟ ଭିତରେ ସେହି ଅପରାଧିମାନଙ୍କୁ ଧରି ନିଆଯାଇଥିଲା ଏବଂ ସେହି ପେଜ୍‌ଟିକୁ ବନ୍ଦ୍ କରି ଦିଆଯାଇଥିଲା । ଏନେଇ ସୌମ୍ୟଙ୍କ ସହଯୋଗ ପାଇଁ ଲାଇବେରିଆ ସରକାର ତାଙ୍କୁ ସୁଭେଚ୍ଛା ଜଣାଇଛନ୍ତି ।

# ନିଶାଦେଇ ଲୁଟ କରୁଥିବା ଲୁଟେରା ଗିରଫ : କୋର୍ଟ ଚାଲାଣ

ଧର୍ମଶାଳା,୭/୮ (ନି.ପ୍ର): ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଛକ ଗତକାଲି ବସରେ ଆସୁଥିବା ଜଣେ ଯାତ୍ରୀକୁ ଥଣ୍ଡା ପାନୀୟରେ ନିଶାଦ୍ରବ୍ୟ ଦେଇ ତାଙ୍କ ଠାରୁ ୭ହଜାର ଟଙ୍କା ଲୁଟ୍ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ । କେନ୍ଦୁଝରରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଏକ ସରକାରୀ ବସରେ ମିଳନ ପ୍ରଧାନ ନାମକ ବ୍ୟକ୍ତି ଭୁବନେଶ୍ୱର ଯାଉଥିଲେ । ମିଳନ ବସରେ ବସି ଆସୁଥିବା ବେଳେ କୁଜଙ୍ଗ ଥାନା ଅନ୍ତର୍ଗତ ଜାବେଦି ଗ୍ରାମର ଦେବରାଜ ରାଉତ(୫୩) ତାଙ୍କ ପାଖ ସିଟରେ ବସି ବନ୍ଧୁତା ସ୍ଥାପନା କରିଥିଲେ । ଯାଜପୁର ରୋଡ ନିକଟରେ ମିଳନକୁ ଥଣ୍ଡା ପାନୀୟରେ ନିଶାଦ୍ରବ୍ୟ ମିଶାଇ ପିଇବା ପାଇଁ ଦେଇଥିଲା । କିଛି ସମୟ ପରେ ମିଳନ ଚେତାଶୂନ୍ୟ ହୋଇଯିବା ପରେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଦେବରାଜ ରାଉତ ତାଙ୍କ ପର୍ସକୁ ନେଇ ଯାଇଥିଲା । ଦେବରାଜଙ୍କ ସହିତ ଅନ୍ୟ ଜଣେ ବ୍ୟକ୍ତି ଏହି ଘଟଣାରେ ସଂପୃକ୍ତି ଥିଲେ । ବସ ଖଲାସି ଚଣ୍ଡିଖୋଲରେ ବସ ରହିବା ପରେ ଚେତାଶୂନ୍ୟ ଥିବା ମିଳନକୁ ଡାକ୍ତରଖାନା ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ । ଏହି ସମୟରେ ଜଣେ ଯୁବକ ଘଟଣାସ୍ଥଳରୁ କୌଶଳ କ୍ରମେ ଖସି ପଳାଇ ଯାଇଥିଲା । ଦେବରାଜର କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ପୁଲିସ ତାକୁ ଅଟକ ରଖିଥିଲା । ପଚରାଉଚରା ପରେ ସେ ସବୁକଥା ମାନି ଯାଇଥିଲା । ବଡଚଣା ପୁଲିସ କେସ ନମ୍ବର ୨୯୬/୨୧ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ଦେବରାଜକୁ ଆଜି କୋର୍ଟଚାଲାଣ କରିଛି । ଫେରାର ଯାଇଥିବା ଯୁବକକୁ ଖୁବଶିଘ୍ର ଧରାଯିବ ବୋଲ ତଦନ୍ତକାରୀ ପୁଲିସ ଅଧିକାରୀ ପ୍ରକାଶ କରିଛନ୍ତି ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ନୂଆପଡା,୭/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦୋହେଲପଡ଼ା ଗ୍ରାମ ର ଅଙ୍ଗନୱାଡ଼ି କେନ୍ଦ୍ର - ୨ ଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଗର୍ଭବତୀ ମାଆ ଓ ପ୍ରସୁତୀ ମାଆ ମାନଙ୍କୁ ଅଙ୍ଗନୱାଡ଼ି କର୍ମୀ ଶ୍ରୀମତୀ ରୁକ୍ମଣୀ ଭୋଇ ଓ ଶ୍ରୀମତୀ ରାଜକୁମାରୀ ତାଣ୍ଡି ସମେତ ଏ.ଏନ୍.ଏମ୍ ଶ୍ରୀମତୀ ଗୀତାଞ୍ଜଳୀ ଦଳେଇ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମଧୁମାଳିନୀ ଦେବୀ ଉପସ୍ଥିତ ରହି ଗର୍ଭବତୀ ମାଆ ଓ ପ୍ରସୁତୀ ମାଆ ମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ସଚେତନ କରିଥିଲେ । ଶିଶୁ ଜନ୍ମ ହେବାର ଏକ ଘଂଟା ମଧ୍ୟରେ ଶିଶୁକୁ ମାଆକ୍ଷୀର ଖୁଆଇବା ଅତ୍ୟନ୍ତ ଜରୁରୀ ଅଟେ ।

# ନାତିକୁ ବଂଚାଇବାକୁ ପ୍ରୟାସ କରୁଥିବା ଆଈକୁ ହତ୍ୟାକଲା ମଦ୍ୟପ ଯୁବକ

ସମ୍ବଲପୁର,୭/୮ (ନି.ପ୍ର): ସମ୍ବଲପୁରରେ ୧୨ ଘଣ୍ଟା ମଧ୍ୟରେ ୨ଟି ହତ୍ୟାକାଣ୍ଡ ଓ ରାସ୍ତା ରୋକ । ସତେ ଯେପରି ସହରରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ଧନକଉଡ଼ା ନିକଟ ଜାତୀୟ ରାଜପଥରୁ ଉଦ୍ଧାର ହୋଇଥିବା ମୃତ ଯୁବକ ହତ୍ୟା ନା ଦୁର୍ଘଟଣାର ଶିକାର ତାହା ଅସମାହିତ ହୋଇ ରହିଥିବାବେଳେ, ଗତକାଲି ସନ୍ଧ୍ୟାରେ ଧମା ଥାନା ଅନ୍ତର୍ଗତ ମାଳତୀଗୁଣ୍ଡେରପୁର ଘଟିଛି ଆଉ ଏକ ଜଘନ୍ୟ ହତ୍ୟାକାଣ୍ଡ । ନାତିକୁ ବଂଚାଇବାକୁ ପ୍ରୟାସ କରୁଥିବା ଆଈକୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି ଜଣେ ମଦ୍ୟପ ଯୁବକ । ଏହାକୁ ନେଇ ସମ୍ପୃକ୍ତ ଅଂଚଳରେ ବ୍ୟାପକ ଉତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ତୁରନ୍ତ ଫାଣ୍ଡି ଅଧିକାରୀଙ୍କ ଅପସାରଣ ଓ ଦୋଷୀକୁ ଜନସାଧାରଣଙ୍କ ହାତରେ ଛାଡ଼ି ଦେବାକୁ ଦାବିକରି ୧୫ ନଂ ରାଜ୍ୟ ରାଜପଥକୁ ସନ୍ଧ୍ୟା ସାଢ଼େ ୬ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଦୀର୍ଘ ତିନି ଘଣ୍ଟା ଧରି ଅବରୋଧ କରି ରଖିଥିଲେ । ମିଳିଥିବା ଖବରରୁ ପ୍ରକାଶ ଯେ, ଗୁରବାର ପୂର୍ବାହ୍ନରେ ଧମା ଥାନା ଅଧୀନସ୍ଥ ମାଳତୀଗୁଣ୍ଡେରପୁର ଗ୍ରାମର ସୁଶୀଳ ବାଗ (୨୫) ନାମକ ଜଣେ ଯୁବକ ସେହି ଗ୍ରାମର ଚିକୁ ବାଗ (୨୨) ନାମକ ଅନ୍ୟ ଜଣେ ଯୁବକ ମଧ୍ୟରେ କୌଣସି କଥାକୁ ନେଇ ବିବାଦ ହୋଇଥିଲା । ଏଥିରେ ଉତ୍ତ୍ୟେକ୍ତ ହୋଇ ସୁଶୀଳ ବାଗ ଚିକୁକୁ ମାଡ଼ପିଟ କରିଥିଲା । ଏଥିରେ ବାଧା ଦେବାକୁ ଆସିଥିବା ଚିକୁର ସାନଭାଇ ବାସୁଦେବ ବାଗ (୧୮)କୁ ମଧ ସେ ଛାଡ଼ିନଥିଲା । ଏହାକୁ ନେଇ ଚିକୁର ପରିବାର ପକ୍ଷରୁ ଗୁଣ୍ଡେରପୁର ଫାଣ୍ଡିରେ ଅଭିଯୋଗ କରିଥିଲେ । ଏହା ପୂର୍ବରୁ ପ୍ରଚୁର ମଦ୍ୟପାନ କରି ସୁଶୀଳ ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଧମକ ଚମକ ମଧ ଦେଇଥିଲା । ଏ ସମ୍ପର୍କରେ ବ୍ଲକର ବିଡିଓ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଫଳରେ ଫାଣ୍ଡି ଅଧିକାରୀ ବସନ୍ତ ସାହୁ ସୁଶୀଳକୁ ଆଣି କେବଳ ଚେତାବନୀ ଦେଇ ଛାଡ଼ି ଦେଇଥିଲେ । ଏଠାରୁ ଗଲାପରେ ସେ ଗାଁ ମଝିରେ ପାଟିତୁଣ୍ଡ କରି ହାବୁଡ଼ରେ ପଡ଼ିଥିବା ଚିକୁ ଓ ତାଙ୍କ ଭାଇଙ୍କୁ ବାଡ଼ିଆପିଟା କରିଥିଲା । ଯାହାକୁ ନେଇ ଚିକୁଙ୍କ ପରିବାର ପକ୍ଷରୁ ଫାଣ୍ଡିରେ ହୋଇଥିବା ଅଭିଯୋଗ ସମ୍ପର୍କରେ ସେ ଜାଣିବାକୁ ପାଇଥିଲା । ଏ ସମ୍ପର୍କରେ ଜାଣିବା ପରେ ସେ ପୁନର୍ବାର ଚିକୁଙ୍କ ଘରକୁ ଯାଇ ବାଡ଼ିଆପିଟା କରିଥିଲା । ଏହାଦେଖି ଚିକୁର ମା ବିଳାସିନୀ ଓ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ଏଥିରେ ବାଧା ଦେବାରୁ ସୁଶୀଳ ସେମାନଙ୍କୁ ମଧ ଛାଡ଼ିନଥିଲା । କ୍ଷେତରୁ କାମସାରି ଚିକୁଙ୍କ ଆଇ ମଖନୀ ବାଗ (୬୦) ଘରକୁ ଫେରି ସୁଶୀଳ ସମସ୍ତଙ୍କୁ ମାଡ଼ ମାରୁଥିବା ଦେଖି ତାଙ୍କୁ ବାଧା ଦେଇ ନାତି ଚିକୁଙ୍କୁ ତା କବଳରୁ ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ । ଏଥିରେ ସୁଶୀଳ ଉତକ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ମଖନୀଙ୍କ ମୁଣ୍ଡକୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ମଖନୀଙ୍କ ପୁତ୍ର ତଥା ଚିକୁଙ୍କ ପିତା ରାଜେନ୍ଦ୍ର ବାଗ ଘରକୁ ଫେରି ଏଭଳି ଘଟଣା ଦେଖି ତୁରନ୍ତ ଫାଣ୍ଡିକୁ ଯାଇ ସୁଶୀଳ ତାଙ୍କ ମାଙ୍କୁ ହତ୍ୟା କରିଥିବା ନେଇ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଆଧାର କରି ଫାଣ୍ଡି ଅଧିକାରୀ ଶ୍ରୀ ସାହୁ ସୁଶୀଳକୁ ଅଟକ ରଖି ପଚରା ଉଚରା କରିଥିଲେ । ପୂର୍ବରୁ ସୁଶୀଳର ଅନେକ ଅପରାଧୀକ ରେକର୍ଡ ରହିଥିବା ବେଳେ ନିୟମିତ ଭାବେ ସେ ଗାଁ ଦାଣ୍ଡରେ ଏଭଳି ଆତଙ୍କ ସୃଷ୍ଟି କରି ଗ୍ରାମବାସୀଙ୍କୁ ଭୟଭିତ କରିଥାଏ । ଏଥିରେ ତାର ପିତାଙ୍କ ପରୋକ୍ଷ ସମର୍ଥନ ମଧ ରହିଥିବା ଲୋକେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଫାଣ୍ଡି ଅଧିକାରୀ ଶ୍ରୀ ସାହୁଙ୍କ ଅବହେଳାରୁ ଏହି ହତ୍ୟାକାଣ୍ଡ ଘଟିଛି, ତେଣୁ ଏଠାରୁ ତାଙ୍କୁ ତୁରନ୍ତ ଅପସାରଣ ତଥା ମୃତକ ପରିବାରକୁ ନ୍ୟାୟ ଓ ସାଧାରଣ ଜନତାଙ୍କ ଧ୍ୱାରା କାର୍ଯ୍ୟାନୁଷ୍ଠାନ ପାଇଁ ସୁଶୀଳକୁ ହସ୍ତାନ୍ତର ଦାବିରେ ଉତ୍ତ୍ୟେକ୍ତ ଗ୍ରାମବାସୀ ରାସ୍ତା ମଝିରେ ମୃତକର ଶବକୁ ରଖି ଦୀର୍ଘ ସମୟ ଧରି ସମ୍ବଲପୁର-ସୋନପୁର ରାସ୍ତାକୁ ଅବରୋଧ କରି ରଖିଥିଲେ । ପରେ ଧମା ଥାନା ଅଧିକାରିଣୀ ତାରାବତୀ ପ୍ରଧାନ ଘଟଣାସ୍ଥଳରେ ପହଂଚି ଉତ୍ତ୍ୟେକ୍ତ ଲୋକଙ୍କୁ ବୁଝାଶୁଝା କରି ମୃତକଙ୍କ ଅନ୍ତ୍ୟୋଷ୍ଟି ଖର୍ଚ୍ଚ ଆଦି ସେ ନିଜେ ବହନ କରିବେ ତଥା ପୀଡ଼ିତ ପରିବାରଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେବାପରେ ରାସ୍ତାରୋକ ହଟିଥିଲା । ଏହାବାଦ୍ ପୁଲିସ ମୃତକର ଶବକୁ ଜବତ କରିଛି । ଆଜି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତକୁ ମଧ କୋର୍ଟଚାଲାଣ କରାଯିବ ବୋଲି କୁହାଯାଉଛି ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୩୯**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ବରଗଡ଼ରେ ମୁଁ ଟ୍ରେଜାରୀ (ଖଜଣାଖାନା) ଅଫିସର। ଦିନେ ଇଜଲାସରୁ ଓହ୍ଲାଇ ଖଜଣାଖାନାର ବାରଣ୍ଡାଦେଇ ଯାଉଅଛି, ଖଜଣାଖାନାର ପୋଲିସ ରକ୍ଷୀଦଳର ଜଣେ କନଷ୍ଟେବଲ ବାରଣ୍ଡାରେ ଶୋଇଥିବା ଜଣେ ଲୋକକୁ ତାହାର ଗୋଡ଼ର ବୁଟ୍ ଜୋତାଦ୍ୱାରା ଠେଲି ଉଠିବାକୁ କହୁଛି। ଲୋକଟି ଆପାଦମସ୍ତକ ବସ୍ତ୍ରାବୃତ। ସେ ବ୍ୟସ୍ତ ଭାବରେ ଉଠି ଛିଡ଼ାହେଲାରୁ ଦେଖିଲି, କବି ଗଙ୍ଗାଧର ମେହେର। ମୁଁ ତାଙ୍କ ହାତଧରି କହିଲି, "ଆପଣ ଏପରି ଅବସ୍ଥାରେ କାହିଁକି ପଡ଼ିଛନ୍ତି। ଆସନ୍ତୁ।" ବୋଲି ମୋର ଇଜଲାସ ଉପରକୁ ଦେଖାଇ ମୁଁ ଫେରିବା ପର୍ଯ୍ୟନ୍ତ ସେଠାରେ ଥିବା ଚୌକିରେ ବସିଥିବା ପାଇଁ କହିଲି। କିନ୍ତୁ ସେ ନିତାନ୍ତ ହୋଇ ବିନୀତ ଭାବରେ ହାତଯୋଡ଼ି କହିଲେ, "ନା, ନା ମୁଁ ଗରିବ ଲୋକ। ମୁଁ ଇଜଲାସରେ ବସିବା ଅଯୋଗ୍ୟ। ମୋତେ କ୍ଷମା କରନ୍ତୁ।" ଯେତେ କହିଲି ବସିଲେ ନାହିଁ। ତାଙ୍କ ଆଗରେ ମୁଁ କି ଅକିଞ୍ଚନ! ଅପ୍ରାକୃତ କୃତ୍ରିମ କ୍ଷମତାର ଆବରଣରେ ଆଜି କବି ପ୍ରତାରିତ ହୋଇଅଛନ୍ତି। ମୁଁ ମୋର ହୃଦୟର କୋହ ସମ୍ଭାଳି ପାରିଲିନାହିଁ। ମୋର ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଗଲା। ସେହିଦିନ ବାରଟଙ୍କା ଆଠଅଣା ମାତ୍ର ପେନ୍‌ସନ୍ ନେବାକୁ ଆସିଥିଲେ ଓ ଟଙ୍କା ପାଇବା ଆଶାରେ ଶୋଇ ରହିଥିଲେ। ମୋ ସହିତ ତାଙ୍କର ଉତ୍ତମ ପରିଚୟ ଥିଲା। ସିପାହୀଟି ସମ୍ବଲପୁରବାସୀ। ତାଙ୍କ ପ୍ରତି ମୋର ବ୍ୟବହାର ଦେଖି ତାହାର ମୁଖମଣ୍ଡଳ ବିସ୍ମୟ ଉତ୍ପନ୍ନ ହୋଇଥିବା ଲକ୍ଷ୍ୟ କଲି, ମୋଠାରୁ ତାଙ୍କ ପରିଚୟ ପାଇ ସେ ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ କ୍ଷମାଭିକ୍ଷା କଲା।

ସମ୍ବଲପୁର ଜିଲ୍ଲାରେ ମଫସଲ ଅଞ୍ଚଳର ଲୋକଙ୍କ ଅତିଥିପରାୟଣତା ସମ୍ବଲପୁରର ବିଶେଷତ୍ୱ। ପ୍ରତ୍ୟେକ ଗ୍ରାମରେ 'ଡେରା ଘର' ନାମକ ଅତିଥିଶାଳା ଏହାର ପ୍ରମାଣ । ଡେରା ଘର ଗସ୍ତରେ ଥିବା ସରକାରୀ କର୍ମଚାରୀମାନଙ୍କ ରହିବା ସକାଶେ ଉଦ୍ଦିଷ୍ଟ। କିନ୍ତୁ ସରକାରଙ୍କ ନିୟମାନୁସାରେ ପଥିକମାନେ ସୁଦ୍ଧା ଏଠାରେ ରହିପାରନ୍ତି। ମଧ୍ୟପ୍ରଦେଶର ଆଇନ ଅନୁସାରେ ଗ୍ରାମବାସୀମାନେ ଏହାକୁ ବାସୋପଯୋଗୀ କରି ରଖିବାକୁ ବାଧ୍ୟ। କୌଣସି ପଥିକ ଅସମୟରେ ଉପସ୍ଥିତ ହେଲେ ଗ୍ରାମର ଗୌନ୍ତିଆ ତାଙ୍କୁ ଖାଇବାକୁ ଦେବା ସମ୍ବଲପୁରର ସାଧାରଣ ରୀତି। ଆବହମାନ କାଳରୁ ପ୍ରଚଳିତ ଏହି ରୀତି କ୍ରମେ କ୍ରମେ କାଳର ପ୍ରଭାବରୁ ଲୁପ୍ତ ହେବାକୁ ବସିଲାଣି। ପୂର୍ବେ କେତେକ ଗ୍ରାମରେ ଏପରି ନିୟମ ହୋଇଥିଲା ଯେ, ସନ୍ଧ୍ୟାରେ ଗ୍ରାମର ଚୌକିଦାର ଡେରା ଘର, ଆମ୍ବତୋଟା, ପୋଖରୀକୂଳ ଇତ୍ୟାଦିରେ କୌଣସି ଆଗନ୍ତୁକ ଅଛନ୍ତି କି ନା ଦେଖି ଆସି ଗୌନ୍ତିଆଙ୍କ ଘରେ ଜଣାଇବେ। ଯଦି କେହି ଆସିଥାନ୍ତି ତାହାହେଲେ ତାଙ୍କ ସକାଶେ ଗୌନ୍ତିଆଙ୍କ ଘରୁ 'ସିଧା' ନେଇ ତାଙ୍କୁ ଦେବ। ଏହାର ଉଦ୍ଦେଶ୍ୟ ଏହି ଯେ, ଗ୍ରାମ ମଧ୍ୟରେ କେହି ଉପବାସରେ ରହିବେ ନାହିଁ। ଉପବାସରେ ରହିଲେ ଗୌନ୍ତିଆ ଓ ଗ୍ରାମବାସୀଙ୍କ ପାପ ହୋଇ ଗ୍ରାମର ଅମଙ୍ଗଳ ସୃଷ୍ଟିହେବ। ଏହି ଶ୍ରେଣୀର ଅତିଥିପରାୟଣ ଧର୍ମଭୀରୁ ଗୌନ୍ତିୟାଙ୍କ ସଂଖ୍ୟା କ୍ରମେ କ୍ରମେ ଊଣା ହୋଇଯାଉଅଛି। ସମାଜ ପ୍ରତି ଆଜିକାଲି ଲୋକଙ୍କ ଦୁର୍ବ୍ୟବହାର ସୁଦ୍ଧା ଏହାର କାରଣ। ପୁଣି ଏହାର ସୁଯୋଗ ନେବା ପ୍ରତାରକଙ୍କ ସୁଦ୍ଧା ଅଭାବ ନାହିଁ। ଆଧୁନିକ ଜୀବନଯାତ୍ରାର ପ୍ରଣାଳୀ ସୁଦ୍ଧା ପରିବର୍ତ୍ତିତ ହୋଇଯାଉଅଛି। ଅନେକ ଗ୍ରାମରେ ଆଉ ଡେରାଘର ନାହିଁ। ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ସମ୍ବିଧାନାନୁସାରେ ପ୍ରଜାମାନେ ଆଉ ଡେରାଘର ପ୍ରସ୍ତୁତ ବା ତାହା ମରାମତି କରିବା ପ୍ରଥା ଉଠିଯାଇଥିବାରୁ ଏହି ଅମୂଲ୍ୟ ଅନୁଷ୍ଠାନଟି ସମ୍ବଲପୁରରୁ ଲୁପ୍ତ ହେବାକୁ ବସିଅଛି।

ଦିନେ ବରଗଡ଼ରୁ ମୋର ଘର ଆଗଲପୁରକୁ ଯାଉଥିଲି। ଗ୍ରୀଷ୍ମକାଳ, ସନ୍ଧ୍ୟାରେ ବାଇସାଇକେଲ୍‌ରେ ବାହାରିଲି। ବରଗଡ଼ରୁ ଆଗଲପୁର ପ୍ରାୟ ତିରିଶ ମାଇଲ ପଥ। ଆଶା କରିଥିଲି ପ୍ରାୟ ଚାରିଘଣ୍ଟାରେ ଅର୍ଥାତ୍ ରାତ୍ରି ୯ଟା ମଧ୍ୟରେ ପହଞ୍ଚିବି । ଛଅ ମାଇଲ୍ ପଥ ଅତିକ୍ରମ କରିଅଛି, ବାଇସାଇକେଲ୍‌ଟି ଅଚଳ ହୋଇଗଲା। ବରଗଡ଼କୁ ନଫେରି ପଦବ୍ରଜରେ ଅଗ୍ରସର ହେଲି, ଏହି ଆଶାରେ ଯେ, ବିଜେପୁରରେ ଜମିଦାରଙ୍କଠାରୁ ଗୋଟିଏ ବାଇସାଇକେଲ୍ ନେଇ ଚାଲିଯିବି। ବିଜେପୁରରେ ପହଞ୍ଚିଲା ବେଳକୁ ରାତି ଅଧିକ ହୋଇଯାଇଥିଲା। ଗ୍ରାମ ସୁପ୍ତ, ନିସ୍ତବ୍ଧ। ଜମିଦାରଙ୍କ କଚେରୀ ଘରକୁ ଗଲି ଓ ବାହାରେ ଶୋଇଥିବା ଚୌକିଦାରକୁ ଉଠାଇ ଘରଭିତରୁ ଗୋଟିଏ ଟେବୁଲ୍ ଆଣି ବାହାରେ ରଖିବାକୁ କହିଲି। ସେ ଟେବୁଲ୍‌ଟି ଆଣି ବାହାରେ ରଖିଦେଲା ଓ ମୁଁ ତାହା ଉପରେ ବିଶ୍ରାମ ନେବାପାଇଁ ପ୍ରସ୍ତୁତ ହେଲି। ଚୌକିଦାର ମୋର ପରିଚୟ ଜିଜ୍ଞାସା କଲା ଓ ମୁଁ ସଂକ୍ଷେପରେ ତାହା ବର୍ଣ୍ଣନା କଲି। ସେ ଆଉ କିଛି ନକହି କେଉଁଆଡ଼େ ଚାଲିଗଲା। ପଥଶ୍ରାନ୍ତ ହୋଇଥିବାରୁ ମୁଁ ଅଳ୍ପ ସମୟ ମଧ୍ୟରେ ନିଦ୍ରାଭିଭୂତ ହୋଇ ଟେବୁଲ ଉପରେ ପଡ଼ି ରହିଲି।

କେତେ ରାତିରେ କିଏ ଆସି ମୋର ଦେହ ହଲାଇ ଦେଲାରୁ ମୋର ନିଦ୍ରା ଭଙ୍ଗ ହେଲା। ଦେଖିଲି ସମ୍ମୁଖରେ ସ୍ୱୟଂ ଜମିଦାର ଶ୍ରୀ ଶଙ୍କର୍ଷଣ ଗଡ଼ତିୟା ଓ ତାଙ୍କ ପଛରେ ଜଣେ ବ୍ରାହ୍ମଣ। ଜମିଦାର ସାହେବ କହିଲେ, "ଏପରି ଖବର ନଦେଇ ଆସନ୍ତି? ହଉ, ଉଠନ୍ତୁ ଆଉ ଆହାର କରନ୍ତୁ।" ବ୍ରାହ୍ମଣ ହସ୍ତରେ ମୋ ସକାଶେ ଜଳଖିଆ। କୌତୂହଳାବିଷ୍ଟ ହୋଇ ମୁଁ ପଚାରିଲି, "ଆପଣ ଆଗେ କହନ୍ତୁ ତ, ଗ୍ରାମର ସମସ୍ତେ ତ ଶୋଇପଡିଥିଲେ, ମୁଁ ଆସିଥିବା ଆପଣ ଜାଣିଲେ କିପରି?" ମୁଁ ଖାଇସାରିଲା ପରେ ମୋର ପ୍ରଶ୍ନର ଉତ୍ତର ଦେବେ ବୋଲି କହିଲେ। ବ୍ରାହ୍ମଣ ମୋ ସମ୍ମୁଖରେ ଗରମ ପୁରି, ତରକାରୀ ଓ ମିଷ୍ଟାନ୍ନ ରଖିଦେଲା ଓ ତହିଁରେ ମୋର କ୍ଷୁଧା ନିବୃତ୍ତି କରିବାକୁ ଲାଗିଲି। ଜମିଦାର ସାହେବ କହିଲେ, ଯେ କୌଣସି ଆଗନ୍ତୁକ ଯେ କୌଣସି ସମୟରେ ଉପସ୍ଥିତ ହୁଅନ୍ତୁ ନା କାହିଁକି, ଚୌକିଦାର ତାଙ୍କୁ ସମ୍ବାଦ ଦେବା ତାଙ୍କ ଆଦେଶ ଅଛି। କଚେରୀ ଘରେ ଥିବା ଚୌକିଦାର ମୋର ଆଗମନ ସମ୍ବାଦ ଦେଇଥିଲା ଓ ତତ୍‌କ୍ଷଣାତ୍ ସେ ମୋ ସକାଶେ ଆହାର୍ଯ୍ୟ ପ୍ରସ୍ତୁତ କରାଇଥିଲେ।

ବରଗଡ଼ ଗୋଟିଏ କ୍ଷୁଦ୍ର ସହର ଓ ସମ୍ବଲପୁର ଜିଲ୍ଲାର ପ୍ରଧାନ ବାଣିଜ୍ୟ କେନ୍ଦ୍ର। ଅନେକ ମାରୱାଡ଼ି ବ୍ୟବସାୟୀ ବହୁଦିନରୁ ଏଠାରେ ଅଛନ୍ତି। ପାଟଣା, ସୋନପୁର ଓ ମଧ୍ୟପ୍ରଦେଶର ରାୟପୁର ଓ ବିଳାସପୁର ଜିଲ୍ଲା ଏହାକୁ ବେଷ୍ଟନ କରି ରହିଥିବାରୁ ଏହି ଅଞ୍ଚଳରୁ ଚାଉଳ, ମୁଗ ପ୍ରଭୃତି କୃଷିଜାତ ଦ୍ରବ୍ୟ ଏହିଠାରେ କ୍ରୟ ବିକ୍ରୟ ହୁଏ। ପ୍ରତି ଶୁକ୍ରବାର ଦିନ ଏଠାରେ ଗୋଟିଏ ବଡ଼ ହାଟ ବସେ ଓ ବହୁସଂଖ୍ୟାରେ ଗୋରୁ, ପୋଡ଼, ମହୀଷାଦି ଏଠାରେ ବିକ୍ରୟ ହୁଅନ୍ତି। ରାୟପୁର ବିଜୟନଗର ରେଲ ଲାଇନ୍ ହେବା ଦିନଠାରୁ ପ୍ରୋକ୍ତ ଅଞ୍ଚଳ ସମୂହରୁ ଆସୁଥିବା ପଣ୍ୟଦ୍ରବ୍ୟ ସବୁ ସେହିଆଡ଼େ ଚାଲିଯାଉଅଛି। ଶୁକ୍ରବାର ରାତ୍ରିରେ ଶତଶତ ବଳଦଗାଡ଼ି ପଣ୍ୟଦ୍ରବ୍ୟ ଘେନି ସମ୍ବଲପୁର ଅଭିମୁଖରେ ଚାଲୁଥିଲା। ସେ ସମସ୍ତ ଆଉ ନାହିଁ। ସମ୍ବଲପୁରରେ ମହାନଦୀ ଉପରେ ଯେଉଁ ଭାସମାନ ପୋଲ (Pontoon bridge) ଥିଲା ତାହା ଆଉ ନାହିଁ। ବଳଦ ଗାଡ଼ିର ଯେଉଁ ସାମାନ୍ୟ ବ୍ୟବସାୟ ଥିଲା ମୋଟର ଟ୍ରକ୍ ହେଲାଦିନଠାରୁ ତାହା ମଧ୍ୟ ଏକାବେଳକେ ବନ୍ଦ ହୋଇଯାଇଛି କହିଲେ ଚଳେ। ହୀରାକୁଦ ବନ୍ଧ ସହିତ ୧୯୪୮ ମସିହାରେ ମହାନଦୀ ଉପରେ ବୃହତ୍ ପକ୍‌କା ପୋଲ ନିର୍ମିତ ହେଲା ଦିନଠାରୁ ଗମନାଗମନର ସୁବିଧା ହୋଇଅଛି।

ସମ୍ବଲପୁର ଜିଲ୍ଲା ମଧ୍ୟରେ ବରଗଡ଼ ସବ୍‌ଡିଭିଜନ୍ ହିଁ ସମୃଦ୍ଧିଶାଳୀ ଅଞ୍ଚଳ। ଏହାର ସମତଳ ଉର୍ବର ଭୂମି କୃଷିପ୍ରଧାନ। ଯେତେ ବଡ଼ ବଡ଼ ଗ୍ରାମ ଏହି ଅଞ୍ଚଳରେ। କିନ୍ତୁ ଜିଲ୍ଲା ମଧ୍ୟରେ ଏକମାତ୍ର ହାଇସ୍କୁଲ ସମ୍ବଲପୁରରେ ଥିବାରୁ ଲୋକମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷାର ବିସ୍ତାର ଆଶାନୁରୂପ ହୋଇପାରୁନଥିଲା। ପୂର୍ବେ କୁହାଯାଇଅଛି ଯେ ବରଗଡ଼ରେ ଇଂରେଜୀ ଶିକ୍ଷା ଆରମ୍ଭ ହେଲା, ଯେତେବେଳେ ୧୯୦୮ ମସିହାରେ ମଧ୍ୟ ଇଂରାଜୀ ସ୍କୁଲ ସ୍ଥାପିତ ହେଲା । ସେହି ଦିନଠାରୁ କ୍ରମେ କ୍ରମେ ଉଚ୍ଚଶିକ୍ଷାର ଆବଶ୍ୟକତା ଅନୁଭୂତ ହେଲା ଓ ବରଗଡ଼ବାସୀଙ୍କ ଯତ୍ନ ଓ ଆର୍ଥିକ ସାହାଯ୍ୟରେ ୧୯୧୯ ମସିହାରେ ପ୍ରଥମ ହାଇସ୍କୁଲ ସ୍ଥାପିତ ହେଲା । ୧୯୬୦ ମସିହାରେ ଏଠାରେ ଗୋଟିଏ କଲେଜ ମଧ୍ୟ ସ୍ଥାପିତ ହୋଇଅଛି । ବରଗଡ଼ବାସୀମାନଙ୍କ ସମ୍ପୂର୍ଣ୍ଣ ଆନୁକୂଲ୍ୟରେ ଏହି କେତେକ ବର୍ଷ ମଧ୍ୟରେ ବରଗଡ଼ବାସୀ ଉଚ୍ଚଶିକ୍ଷା ଲାଭକରି ସମାଜର ବିଭିନ୍ନ କ୍ଷେତ୍ରରେ ଓ ସରକାରୀ ଚାକିରିରେ ବିଶିଷ୍ଟ ସ୍ଥାନମାନ ଅଧିକାର କରିଅଛନ୍ତି । (କ୍ରମଶଃ)

## ପର୍ଦ୍ଦା ପଛର କଥା -୬

ଓଡ଼ିଆ ଚଳଚ୍ଚିତ୍ର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



ଭାଗ-୧୪

### 'ମହାଭାରତରୁ ନାଗନାଗୁଣୀ'

'ଏକାମ୍ରକ୍ଷେତ୍ର' କ୍ୟାସେଟ୍‌ରେ ଆଉ କେତୋଟି ଭଜନ ମଧ୍ୟ ଲୋକପ୍ରିୟ ହୋଇଥିଲା । 'ବିଜୟ ମିଶ୍ରଙ୍କ କଣ୍ଠରେ 'ନେଇଯିବି ତତେ କନକଲତା ଦେଖିବୁ ଏକାମ୍ର କ୍ଷେତର" ଓ "ପାଖକୁ ଡାକୁଛି ଆସ ଆସ ବୋଲି ଦୂରରୁ ହଲାଇନେତ୍ର" ସନ୍ତୋଷ ଦାସଙ୍କ କଣ୍ଠରେ ବେଶ୍ ଜନାଦୃତ ହେଉଥିଲା ।

'ଏକାମ୍ର କ୍ଷେତ୍ର' କ୍ୟାସେଟ୍‌ର ପ୍ରଯୋଜକ ୟା ମଧ୍ୟରେ ଜାଗା ବେପାର କରି ବେଶ ପଇସା କମେଇ ସାରିଥିଲେ । ଦିନେ ଟୁନାବାବୁ ମନସ୍ଥ କଲେ ଫିଲ୍ମଟିଏ ତିଆରି କରିବେ । ନିର୍ଦ୍ଦେଶକ ପଙ୍କଜ ପାଣି । ପଙ୍କଜବାବୁ ମଧ୍ୟ ଚେଷ୍ଟା କରି କଟକର ଚଳଚ୍ଚିତ୍ର ବଳୟ ଭେଦ କରି ପ୍ରବେଶ କରିପାରୁ ନଥାନ୍ତି । ଆମ ଦୁଇବନ୍ଧୁ ସ୍ଥିର କଲୁ କଟକରେ ଏଣ୍ଟ୍ରି ପାଇଁ ଜଣେ ବଳିଷ୍ଠ ବ୍ୟକ୍ତିଙ୍କର ସହାୟତା ନିଆଯିବା ଜରୁରୀ । ସେତେବେଳେ ସଂଗୀତ ନିର୍ଦ୍ଦେଶକ ସ୍ୱରୂପ ନାଏକ କଟକ ଇଣ୍ଡଷ୍ଟ୍ରିର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ । ତାଙ୍କ ଗୀତ ଓ ସଂଗୀତର ମୁଁ ମଧ୍ୟ ଜଣେ ବଡ଼ ଫ୍ୟାନ୍ । ବୁଢ଼ାଭାଇଙ୍କ ଘରେ ସ୍ୱରୂପଭାଇଙ୍କ ସହ ପରିଚୟ । ସ୍ଥିର ହେଲା ସ୍ୱରୂପ ଭାଇଙ୍କୁ ସଂଗୀତ ସହ ଚିତ୍ରନାଟ୍ୟ ପ୍ରସ୍ତୁତ କରିବାର ଦାୟିତ୍ୱ ଦିଆଯିବ, ସ୍ୱରୂପ ଭାଇ ମଧ୍ୟ ରାଜି ହେଇଗଲେ । 'ମହାଭାରତ' ଶୀର୍ଷକ ରହିଲା ଫିଲ୍ମଟିର ।

ଏସବୁ ସତ୍ତ୍ୱେ ପ୍ରଯୋଜକ ଟୁନା ରଥ ଆଡ୍‌ଭାନ୍ସ ଆମକୁ ଦେଲେ ନାହିଁ । ଟଙ୍କାଟା ବଡ଼କଥା ନୁହେଁ କମିଟ୍‌ମେଣ୍ଟ୍‌କୁ ମୁଁ ସବୁବେଳେ ପ୍ରାଧାନ୍ୟ ଦିଏ । ବୁଢ଼ା ମହାରଣା ଆଉ ଜଣେ ବଙ୍ଗାଳୀ ଭଦ୍ରଲୋକ (ବିଲ୍‌ଡର)ଙ୍କୁ ଟୁନା ରଥଙ୍କ ସହ ଯୋଗ କରିଦେଲେ ପ୍ରଯୋଜନା ପାଇଁ ।

ଦିନ ସ୍ଥିର ହେଲା । ମାହେନ୍ଦ୍ରବେଳା ଦେଖି କେଦାରଗୌରୀ ମନ୍ଦିରରେ ପୂଜା ହେଲା । କଥା ହେଲା ସନ୍ଧ୍ୟା ବେଳକୁ ଆଡ୍‌ଭାନ୍ସ ଦେଲେ ବିଧିବଦ୍ଧ ଭାବରେ ସ୍କ୍ରିପ୍ଟ କାମ ଆରମ୍ଭ ହେବ । ନିର୍ଦ୍ଦେଶକ ପଙ୍କଜ ବାବୁ ଓ ମୁଁ ଅପେକ୍ଷା କଲୁ । ହେଲେ ଟୁନା ବାବୁ କି ତାଙ୍କର ପାର୍ଟନରଙ୍କର ଦେଖାନାହିଁ । କ୍ୟାସେଟ୍ ଦୋକାନ ବନ୍ଦ । ବିଲ୍‌ଡର ଅଫିସ୍ ମଧ୍ୟ ବନ୍ଦ । ସିକ୍ୟୁରିଟି କିଛି କହିପାରିଲା ନାହିଁ । ପଙ୍କଜ ବାବୁଙ୍କର ସନ୍ଦେହ ହେଲା । ହଠାତ୍ ସିକ୍ୟୁରିଟିକୁ ହଟାଇ ଟୁନା ରଥଙ୍କ ବିଲଡର ଅଫିସ୍ ସଟର୍‌କୁ ଟେକି ଦେଲେ । ଭିତରେ ଟୁନା ରଥ ଲୁଚି ବସିଥିଲେ ।

ଆମେ କିଛି ବୁଝି ପାରୁ ନଥିଲୁ । ଆଡ୍‌ଭାନ୍ସ ଟଙ୍କା ଦେବାକୁ ପଡ଼ିବ ବୋଲି ଟୁନା ବାବୁ ଅଫିସ୍ ସଟର୍ ପକାଇ ଭିତରେ ବସିଥିଲେ ।

ଆମକୁ ଲଜ୍ଜା ଲାଗିଲା । ରାଗ ବି ଲାଗିଲା । ଫିଲ୍ମ କରିବା ନାଁରେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରିବା ଯଦି ଇଚ୍ଛା ଥିଲା, ତାହାଲେ ଆମର ସମୟ ନଷ୍ଟ କରିବା କ'ଣ ଦରକାର ଥିଲା । ଆମେ 'ମହାଭାରତ' ଚିନ୍ତା ଛାଡ଼ି ଦେଲୁ । ଟୁନା ବାବୁ ଯେଉଁ ଅଭିନେତ୍ରୀକୁ ସୁଯୋଗ ଦେବାପାଇଁ ଚିନ୍ତା କରିଥିଲେ କିଛି ଦିନ ପରେ ତାଙ୍କୁ ଟୁନା ବାବୁଙ୍କ ବ୍ୟକ୍ତିଗତ ସହକାରୀ ଭାବରେ ଦେଖିବାକୁ ମିଳିଲା ।

ଟୁନା ବାବୁ ପରେ ଦୁଇ ଦୁଇଥର ଭିନ୍ନ ଭିନ୍ନ ଡିରେକ୍ଟରଙ୍କୁ ନେଇ ଫିଲ୍ମ କରିବାକୁ ଯୋଜନା କରିଛନ୍ତି, ଗୀତ ଲେଖିବା ପାଇଁ ମତେ ନିମନ୍ତ୍ରଣ କରିଛନ୍ତି । ହେଲେ ଶେଷ ପର୍ଯ୍ୟନ୍ତ ସେ ପ୍ରଯୋଜକ ହୋଇପାରିଲେ ନାହିଁ ।

ଏମିତି ଅନେକ ଟୁନା ରଥଙ୍କ ଭଳି ବ୍ୟକ୍ତିଙ୍କ ସାଥିରେ ମୋର ଏହି ଯାତ୍ରାରେ ଭେଟ ହୋଇଛି । ତିକ୍ତ ଅନୁଭୂତି ବି ସୃଷ୍ଟି ହେଇଛି ।

ସେଇ ନବେ ଦଶକରେ ଆଉ ଜଣେ ପ୍ରଯୋଜକ ସୁର ଦାସଙ୍କ ସାଥିରେ ଭେଟ ହେଲା । ସୁରବାବୁ ବୁଢ଼ା ଭାଇଙ୍କ (ବୁଢ଼ା ମହାରଣା) ପରିଚିତ । ବୁଢ଼ାଭାଇ, ସୁର ବାବୁଙ୍କୁ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରବର୍ତ୍ତାଇଲେ । ସୁରବାବୁ ସରକାରୀ ଆର୍ଟ ଇଭେଣ୍ଟରେ କଣ୍ଟ୍ରାକ୍ଟ କରୁଥାନ୍ତି । ବୁଢ଼ାଭାଇ 'ନାଗ ଓ ନାଗୁଣୀ' ଶୀର୍ଷକରେ କାହାଣୀଟିଏ କହିଲେ । ପୁନଃଜନ୍ମ ଉପରେ କାହାଣୀଟି । ପୁରୁଣା କଳାଧଳା ଦକ୍ଷିଣୀ ଫିଲ୍ମର ରିମେକ୍ । ନିର୍ଦ୍ଦେଶକ ପଙ୍କଜ ପାଣି ଆଉ ମୁଁ ମିଶି ସ୍କ୍ରିପ୍ଟ ପ୍ରସ୍ତୁତରେ ଲାଗି ପଡିଲୁ । ସଂଳାପ ରଚନାରେ ମୁଁ ମୋର ସବୁଶକ୍ତି ଖଟାଇ ଦେଇଥିଲି । ସଂଗୀତ ପାଇଁ ସ୍ୱରୂପ ନାୟକଙ୍କୁ ଡକାଗଲା । ସ୍କ୍ରିପ୍ଟଟି ଶକ୍ତିଶାଳୀ ହୋଇଥିଲା । କିନ୍ତୁ ସ୍କ୍ରିପ୍ଟ ସମୟରେ ବୁଢ଼ା ମହାରଣା କିଛି କାରଣରୁ ଅସନ୍ତୁଷ୍ଟ ହୋଇ ପଡ଼ିଲେ ମୋ ଉପରେ ।

ସଂଗୀତ ସିଟିଂ ଚାଲିଲା । ରସୁଲଗଡ଼ ସ୍ଥିତ ମହେନ୍ଦ୍ର ଜେନାଙ୍କ ହୋଟେଲରେ । ସ୍ୱରୂପ ଭାଇ, ମୁଁ ଓ ପଙ୍କଜ ପାଣି । ଗୀତ ଚାଲିଥାଏ । ହେଲେ ତିନିଦିନ ପରେ ପ୍ରଯୋଜକ ସୁରବାବୁ ଗାଏବ୍ ହୋଇଗଲେ । ଫୋନ୍ ଉଠାଇଲେ ନାହିଁ । ହୋଟେଲ ବିଲ୍ ବଢ଼ି ଚାଲିଥାଏ । ଆମେ କ'ଣ କରିବୁ ଜାଣି ପାରିଲୁ ନାହିଁ । ବୁଢ଼ା ଭାଇ ରଥ କାମରେ ପୁରୀରେ । ଶୁଣିଲୁ ସୁରବାବୁ ତାଙ୍କରି ପାଖରେ । ଛୋଟିଆ ଆକ୍ସିଡେଣ୍ଟ ହେଇ ବୁଢ଼ା ଭାଇଙ୍କ ଘରେ । ଏଣେ ଆମେ ବନ୍ଧା ପଡିଲୁ ହୋଟେଲ୍‌ରେ ।

ସୁର ବାବୁଙ୍କର ଜଣେ ବନ୍ଧୁ ଆସି ହୋଟେଲ ବିଲ୍ ପୈଠ କଲେ ଓ ଆମେମାନେ ହୋଟେଲ ଛାଡ଼ିଲୁ ।

ଅନେକ ଦିନ ପରେ ଶୁଣିଲି ମୋ ସ୍କ୍ରିପ୍ଟିଂରେ ବୁଢ଼ାଭାଇ ଅସନ୍ତୁଷ୍ଟ ହୋଇ ବିଜୟ ମିଶ୍ରଙ୍କ ପାଖକୁ ଯାଇଥିଲେ । ମୋ ପରିଶ୍ରମର ମୂଲ୍ୟ ମିଳିଲା ନାହିଁ । ମୋ ତତଲା ନିଶ୍ୱାସରୁ "ନାଗ ନାଗୁଣୀ" ସେତିକିରେ ଅଧା ରହିଲା । ଦୀର୍ଘ ୨୫ ବର୍ଷ ପରେ ସେଇ କାହାଣୀକୁ ନେଇ ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା "ତୁ ମୋ ସୁନା ଚଢ଼େଇ" ନିର୍ମାଣ କଲେ ଓ ସଫଳ ହୋଇଥିଲେ । ଏଇଟା ଥିଲା ମୋର ନିରବ ପ୍ରତିଶୋଧ । (କ୍ରମଶଃ)

## କବିତା.... ଆମ ସମୟର

### ହୃଦାନନ୍ଦ ପାଣିଗ୍ରାହୀ



### ॥ ଅନ୍ତର ଜାଣିବା ॥

ଅନ୍ତର ଜାଣିବା, ଅନ୍ତର ବୁଝିବା
ଭାବଟିଏ ଆଜି କାହିଁ
ଦୀପ ଝଲମଲ ଦେଉଳରୁ ଶୁଭେ
ଶାନ୍ତି କାହିଁ, ଶାନ୍ତି କାହିଁ ।

କାହିଁ ସେହି ମନ ଏକାଠି ଚାଲିବା
କାନ୍ଧରେ କାନ୍ଧ ମିଳାଇ
ସମୂହ ଇଚ୍ଛାର ମିଂଜିମିଂଜି ଦୀପ
ଜଳେ ଦିକିଦିକି ହୋଇ
ଉଦାର ଭାବଟେ କଉଁଦିନୁ ପରା
ଯାଇଚି ମନୁ ଉଭେଇ ।

ଯଉଁ ଘଣ୍ଟଘଣ୍ଟା, ମହମହ ବାସ
ପ୍ରାଣ ଯାଉଥିଲା ଛୁଇଁ
କାହିଁ ସେହି ସ୍ୱର, କାହିଁ ସେହି ଲୟ
କିଛିନାହିଁ କିଛିନାହିଁ
ମନଭେଦ ଆଉ ମତଭେଦ ମେଳେ
ପଡେ ଅହଙ୍କାର ଛାଇ ।

+ ଅବସରପ୍ରାପ୍ତ ପ୍ରାଧ୍ୟାପକ
ଝାଟପଡା, ପୋ. ଦୋଳସାହି, ଜି- ଭଦ୍ରକ
ପିନ୍ - ୭୫୬୧୨୭
(ମୋ) ୯୪୩୭୯୮୭୪୨୯

### ସୁବ୍ରତ କୁମାର ସେନାପତି



### ॥ ସେମାନେ ଆସନ୍ତି ॥

ସେମାନେ ଆସନ୍ତି
ନହନହ ପତଳା ମଣିଷମାନଙ୍କ
ଦେହର ହାଡ଼ ଗଣିବାକୁ
ସେଇ ହାଡ଼ରେ ସେମାନେ
ତିଆରି କରନ୍ତି ସାର
ବର୍ଷ ପରେ ବର୍ଷ
ହେମବର୍ଣ୍ଣ ଶସ୍ୟରେ
ଭରୁଥାଏ ସେମାନଙ୍କ ଅମାର
ବିରିୟାନି ବାସ୍ନାରେ
ମହକିତ ହେଉଥାଏ ଦୁଆର
ଅସ୍ଥି ବିନିମୟେ କଙ୍କାଳ ପ୍ରାୟ ମଣିଷଟି
ପାଏ କି ଦୁଇଓଳି
ପେଟପୁରା ପର୍ଯ୍ୟୁସିତାନ୍ନ ?

ସେମାନେ ଆସି ଦେଖିଯାନ୍ତି
ମାଟିକୁ ନିତି ଚନ୍ଦନ ପରି
ବୋଲି ହେଉଥିବା ମଣିଷର
ଲୁଗାପଟାରେ
ଲାଗିଥାଏ ଧୂଳି ଓ ମଳି
ଚିରାଫଟା ଶାଢି ଓ ବ୍ଲାଉଜରେ
ନିଜ ଦେହକୁ ଢାଙ୍କି ରଖିବାକୁ
ଚେଷ୍ଟା କରୁଥାନ୍ତି
ତା' ଘରର ସ୍ତ୍ରୀ ଲୋକମାନେ
ଅଥଚ ମିଡିଆ ଠୁଁ ଆରମ୍ଭ କରି
ଆସେମ୍ବ୍ଲି ଯାଏଁ
ଏ ନିର୍ଲଜ ଦଳ ଭାଗ ନିଅନ୍ତି
'ଫଟାଜିନ୍ସ'ର ତର୍କ ବିତର୍କରେ ।

ସେମାନେ ଆସନ୍ତି
ଠିକ୍ ପ୍ରଜାପତିଟିଏ ପରି
ଭିତରେ ସଂବାଳୁଆର
ଛଦ୍ମତାକୁ ଲୁଚାଇ ଦେଇ
ଉଡ଼ି ବୁଲନ୍ତି ତା' କ୍ଷେତ-ଅଗଣାରେ,
ଘର ଦୁଆରେ
ଗଲାବେଳେ ଛାଡ଼ିଦେଇ ଯାଆନ୍ତି
ଲୋଲୁପତା-ଜାନ୍ତବତାର
ବିଷାକ୍ତ ଅଂଶୁ ।

ଅନେକ ଦିନ ଧରି ଭୋକିଲା
ଓ ଅଧା ଲଙ୍ଗଳା ରହିବା ପରେ ବି
ଯେହେତୁ ସେ ମରି ପାରେନା
କ୍ଷୁଧାରେ, ଲଜ୍ଜାରେ
ସେମାନେ ଆସନ୍ତି ସେଥିପାଇଁ
ଗୋଖରସାପ ହୋଇ
ଲୁଚିଯାନ୍ତି ତା' ବିଶ୍ୱାସର
ସୁନାକ୍ଷେତର ହିଡରେ
ଢାଳି ଦିଅନ୍ତି ହୀନମନ୍ୟତାର ହଳାହଳ
ତା ଶ୍ୟାମଳ ନିରବ ପୃଥିବୀରେ
ବାସ୍ ପରେ ପରେ
ଅସହ୍ୟ ଅନ୍ଧାରଟିଏ ଘନେଇ ଆସୁଥାଏ
ତା' ଆକାଶରେ
ନୈରାଶ୍ୟର ସୂର୍ଯ୍ୟାସ୍ତରେ ।

+ ରେମୁଣା, ବାଲେଶ୍ୱର
(ମୋ) ୭୯୭୮୧୬୮୧୯୩

### ପ୍ରଦୀପ ବନ୍ଧ

### ॥ ଆମ ପ୍ରେମ ॥



କିଏ କହୁଛି ସମ୍ପର୍କର
ସେତୁବନ୍ଧ
ଭୁଷୁଡ଼ି ପଡିଛି ବୋଲି
ମାଟିଠୁ ବି ପାହୁଣ୍ଡ
ଦୂରରେ ଆକାଶ
ଆଉ ସେହି
ଗୋଟିଏ ଆକାଶ ତଳେ
ଆମ ଦୁଇ ହୃଦୟର ମିଳନ ।

ଦୁଇ ଦେହକୁ ମିଶାଣ ଫେଡାଣ କରି
ଅଙ୍କ କଷୁକଷୁ ଲମ୍ବିଯାଇଛି
ସ୍ନେହ ଶ୍ରଦ୍ଧାର ଆଉ ଏକ
ଜ୍ୟାମିତିକ ସରଳରେଖାର ଚିତ୍ରାଙ୍କନ ।

ଫୋପାଡ଼ି ଦେଇଛି ଗର୍ବ ଆଉ ଅହଂକାରରେ
ଗୋଳେଇ ଘାଣ୍ଟି
ହେଇଥିବା ମର ଶରୀରକୁ ।
ବିଛେଇ ଦେଇଛି କୋମଳ ଚମଡ଼ା ଉଖାଡ଼ି
ମାଟିର ନରମ ପୃଷ୍ଠାରେ ।

ଯେତେବେଳେ ଯାଏଁ ତୁମ ନିଦ ଭାଙ୍ଗି ନଥିବ
ଆଖି ଖୋଲି ନଥିବ
ପାପୁଲିରେ ପାପୁଲି ମିଶି ନଥିବ
ଦୁଃଖକୁ ନିଜର କରି
ଛାତିରେ ଆଉଜି ନଥିବ
ସେତେବେଳେ ଯାଏଁ
ଏ ଦେହର ଶାଖା ପ୍ରଶାଖାକୁ ବାଣ୍ଟି ଚାଲିଥିବି
ଆମ ବନ୍ଧୁ ପଣିଆର ସମ୍ପର୍କକୁ
ପ୍ରେମର ଫର୍ଦ୍ଦେ କାଗଜ କରି
ନଚେତ ଉଡ଼େଇ ଚାଲିଥିବି
ହାତରେ ଧରି ନଟେଇର ଗୁଡ଼ି ପରି ।

+ ସାନମଛୁଆଘାଇ, ରାଜଘର
ପୋଖରୀ, ବାସୁଦେବପୁର, ଭଦ୍ରକ
(ମୋ)୮୦୭୨୭୮୩୨୨୦

### ନକୁଳ ଚନ୍ଦ୍ର ସାହୁ



### ॥ ଆବାହନ ॥

ବିଜୟର କେନ୍ଦ୍ରସ୍ଥଳ କେଉଁଠି
କେଉଁଠି ପ୍ରାଣ ପ୍ରାଚୁର୍ଯ୍ୟର ଚିନ୍ମୟ ଐଶ୍ୱର୍ଯ୍ୟ
ଶକ୍ତିଦୃପ୍ତ ବିଶ୍ୱାସର ମଧୁକୋଷ ଉଦ୍‌ବୋଧିତ
ଏଇଠି, ଏଇଠି ସେ ଅବିନଶ୍ୱର ପଦ୍ମପୁଷ୍ପ !

'ସର୍ବତ୍ର ପାଣି ପାଦୌ' ବୈଦାନ୍ତିକ ଅଭେଦ ତତ୍ତ୍ୱ
ଚୈତନ୍ୟ, କର୍ମସ୍ରୋତ, ପୁଲକ-ପ୍ରସନ୍ନ ଜୀବନ ଗ୍ରନ୍ଥ
ଉଜ୍ଜୀବିତ ମହାମନ୍ତ୍ର ସତ୍ୟର ତ୍ରିଶାଖା ବେଲପତ୍ର
ନୀଳନୀଳ 'ଅନୁଭୂତି' ଜ୍ଞାନର ନିର୍ଯ୍ୟାସ ପ୍ରେମ ଓ ପ୍ରେମମୟ !

ଜାଗ୍ରତ ସଂପଦ, ଭୋଗ ସର୍ବସ୍ୱ, ଶାଶ୍ୱତ
ଗଙ୍ଗା ଅତିକ୍ରମ ନକରିଛି କେତେ ଯେ ବୈଚିତ୍ର୍ୟ
ଧୈର୍ଯ୍ୟରଖ, ଘଣ୍ଟା ବଜାଅ, ଲୀଳାର କ୍ରୀଡନକ
ଫୁଟନ୍ତା ଲବଙ୍ଗଫୁଲ ବାସିବ ! ଭୋଗିବ ଚୈତନ୍ୟ !

ଶବ୍ଦଘର, ଗୋଡିସାହି, କଟକ-୭୫୪୦୦୬
(ମୋ) (ମୋ) ୯୪୩୭୭୪୦୨୬୪

### ଡ.ସତ୍ୟନାରାୟଣ ମିଶ୍ର



### ॥ ଦେଖା ହେବରେ ଜହ୍ନ ॥

ଡାକିଛି, ମା କୋଳେ ଥାଇ ଶରଦ ଶଶି ରେ ହାତେ ଖସି ପଡ ଡାକିଛି ।
ଚାହିଁଛି, ପୁନେଇଁ ଚାନ୍ଦ ତୋ କେତେ ତୋଫା ସତେ ମନ ଭରି ତୋତେ ଚାହିଁଛି ।

ଖୋଜିଛି, ଅମାବାସ୍ୟାରୁ ପୂର୍ଣ୍ଣମୀ ରାତିରେ ଆକାଶରେ ତୋତେ ଖୋଜିଛି
ମାଗିଛି, ତୋ ତୋଫା ଚାନ୍ଦିନି ଝଲକରୁ ଟିକେ ମୋ ପ୍ରିୟାକୁ ଦେଏ ମାଗିଛି ।

କହିଛି, ମୋ ମରମ କଥା ଶୁଣୁ ନ ଶୁଣୁ ତୋତେ ସାକ୍ଷୀ କରି କହିଛି ।
ହସିଛି, ତୁ ହସିଲେ ମୋତେ ଭାରି ଭଲ ଲାଗେ ତୋ ହସରେ ମୁଁ ତ ହସିଛି ।

ବୁଝିଛି, କହିଦେଇ ପୁଣି ପଳାଇ ଯାଉ ତୁ ତୋ ଗୁଣ ଅବଶ୍ୟ ବୁଝିଛି ।
ଆଙ୍କିଛି, ହାତ ପାପୁଲିରୁ ମନ ଆକାଶରେ ତୋ ଛବି କେତେ ମୁଁ ଆଂକିଛି ।
ରହୁଛି, ପୁଣି କେବେ ଦେଖା ହେବରେ ଜହ୍ନ, ଅପେକ୍ଷାରେ ତୋର ରହୁଛି ।

—ଲିଙ୍ଗରାଜବିହାର,ଭୁବନେଶ୍ୱର -୨୦
(ମୋ) ୯୯୩୮୧୬୭୩୩୧

■ ଆଲୋଚନା ■

# ଆମ ସଂସ୍କୃତିରେ ଚିତାଲାଗି



ଜୟଶ୍ରୀ ପଟ୍ଟନାୟକ

ଯାତ୍ରାପର୍ବର ସହର ପୁରୀରେ ଅଧିକାଂଶ ସମୟରେ ଯାତ୍ରା ଉପଯାତ୍ରା ମାନ ଲାଗି ରହିଥାଏ । କେବଳ ଜଗନ୍ନାଥ ମନ୍ଦିରରେ ଅନେକ ଯାନିଯାତ୍ରା ପର୍ବପର୍ବାଣି ତିଥି, ବାରକୁ ନେଇ ପାଳିତ ହୋଇଥାଏ । ଠାକୁରଙ୍କର ପ୍ରଧାନ ବାରଟି ଯାତ୍ରା ହେଉଛି ଦୋଳ, ସ୍ନାନ, ଦମନକ ଚତୁର୍ଦ୍ଦଶୀ, ଅକ୍ଷୟ ତୃତୀୟା, ଦେବଶୟନ, ଦକ୍ଷିଣାୟନ, ଉତରାୟଣ, ଗୁଣ୍ଡିଚା , ପାର୍ଶ୍ୱ ପରିବର୍ତନ, ଦେବୋତଥାପନ, ଓଢ଼ଣ ଷଷ୍ଠୀ ଓ ପୁଷ୍ୟାଭିଷେକ । ଏହା ବ୍ୟତୀତ ଶ୍ରୀ ମନ୍ଦିରରେ ବର୍ଷ ତମାମ ପାଳିତ ହୁଏ ଅନେକ ଉପଯାତ୍ରା । ତା ମଧ୍ୟରୁ ଶ୍ରାବଣ ମାସ ଅମାବାସ୍ୟା ଦିନ ପାଳିତ ହେଉଥିବା ଯାତ୍ରା ହେଉଛି ଚିତାଲାଗି ଅମାବାସ୍ୟା ବା ଲଲାଟ ଭୁଷଣ ଯାତ୍ରା ।ଏହି ଅମାବାସ୍ୟା ତିଥିରେ ଠାକୁର ମାନଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲଗାଯାଉଥିବାରୁ ଏହା ଚିତାଲାଗି ଅମାବାସ୍ୟା ନାମରେ ନାମିତ । ଶ୍ରାବଣ ଅମାବସ୍ୟା ଦିନ ପ୍ରାତଃ ସମୟର ପୂଜା ପରେ ବିଶ୍ୱାବସୁ କୁଳର ସେବକ ମାନେ ମହାପ୍ରଭୁଙ୍କୁ ଚିତା ପିନ୍ଧାଇବା ପରମ୍ପରା ବାମଦେବ ସଂହିତାରେ ଉଲ୍ଲେଖ ରହିଛି । ଏହିଦିନ ଚିତଉ ପିଠା ମିଠା , ନାନାଦି ବ୍ୟନ କ୍ଷୀରୀ ପୂଜା ପରେ ଶ୍ରୀ ଜୀଉମାନଙ୍କୁ ସୁବର୍ଣ୍ଣ ଚିତା ପିନ୍ଧେଇବାର ପରମ୍ପରା ରହିଛି । କୁହାଯାଏ ଯେ ଏହିଦିନ ସାଗର ମନ୍ଥନ ସମୟରେ ଯେଉଁ ନାନା ରତ୍ନ, ଐରାବତ ହାତୀ , ମୂଲ୍ୟବାନ ହୀରା, ମଣି, ମାଣିକ୍ୟ ଆବିର୍ଭୁତ ହୋଇଥିଲା ତାହା ବିଷ୍ଣୁ ନାରାୟଣ ଗ୍ରହଣ କରିଥିଲେ । ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଗୋବର୍ଦ୍ଧନ ପୀଠରେ ଆଦି ଶଂକରାଚାର୍ଯ୍ୟଙ୍କ ସମୟରୁ ଏହି ଚିତାଲାଗି ଉତ୍ସବ ପାଳିତ ହୋଇ ଆସୁଅଛି କାରଣ ଯଯାତିକେଶରୀ ଙ୍କ ସମୟରେ ଆଦି ଶଂକରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ଯଯାତିକେଶରୀ ସ୍ୱର୍ଣ୍ଣପୁରରୁ ପାତାଳିଅବସ୍ଥାରେ ଉଦ୍ଧାର କରି ଚତୁର୍ଦ୍ଧାମୂରତିକୁ ଶଂଖନାଭି ମଣ୍ଡଳରେ ପ୍ରତିଷ୍ଠା କରାଇ ତାଙ୍କୁ ଏହି ଅମାବାସ୍ୟା ତିଥିରେ ରତ୍ନବେଦୀରେ ଠାକୁରମାନଙ୍କର ଅଭିଷେକ କରାଇ ସୁବର୍ଣ୍ଣ ହୀରା ଖଚିତ ରତ୍ନମାନ ପରିଧାନ କରାଇଥିଲେ । ସେହି ଦିନ ଠାରୁ ଏହି ଉତ୍ସବ ଚିତାଲାଗି ନାମରେ ପରିଚିତ ହୋଇ ଆସୁଅଛି ।

ସାଧାରଣ ଭାବରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ମସ୍ତକରେ ଯଥାକ୍ରମେ ଶ୍ୱେତହୀରା ଚିତା, ନୀଳମର୍କତମଣି ଚିତା ଓ ନାଳିମାଣିକ୍ୟ ଚିତା ଧାରଣ କରିଥାନ୍ତି । ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ଦିନ ଠାକୁରମାନେ ସ୍ନାନଯାତ୍ରା ପରେ ସ୍ନାନବେଦୀରୁ ଅଣସର ପିଣ୍ଡିକୁ ଫେରିବା ପରେ ଦଇତାମାନେ, ଠାକୁର ମାନେ ଲଗାଇଥିବା ଚିତାଗୁଡିକୁ ବାହାର କରି ଦେଉଳ କରଣଙ୍କୁ ଦେଇଥାନ୍ତି । ଦେଉଳକରଣ ଚାଙ୍ଗଡା ମେକାପ ଠାରୁ ଶ୍ରୀ କାପଡା ଆଣି ସେଥିରେ ଏହି ଚିତାଗୁଡିକୁ ବାନ୍ଧି ମଦନମୋହନ ମୁଦ ଦେଇ ଭଣ୍ଡାରମେକାପଙ୍କୁ ଦେବାପରେ ସେ ତାକୁ ଭଣ୍ଡାର ଘରେ ସାଇତି ରଖନ୍ତି । ରଥଯାତ୍ରା ଦିନ ରଥାରୁଢ଼ ଠାକୁର ମାନେ ଏହି ଚିତାର ପ୍ରତୀକାତ୍ମକ ଭାବରେ ସୋଲ ଚିତା ଲଗାଇ ଶ୍ରୀଗୁଣ୍ଡିଚାକୁ ଯାତ୍ରା କରିଥାନ୍ତି । ବାହୁଡାରେ ଫେରି ଆସି ସୁନାବେଶ, ଅଧରପଣା ନୀତି ପରେ ନିଳାଦ୍ରୀ ବିଜେ କରିଥାନ୍ତି । ଜ୍ୟେଷ୍ଠ ପୂର୍ଣ୍ଣିମା ଠାରୁ ଶ୍ରାବଣ ଅମାବାସ୍ୟା ପର୍ଯ୍ୟନ୍ତ ଶ୍ରୀ ଜୀଉମାନେ ସୋଲଚିତା ପରିଧାନ କରିଥାନ୍ତି । ଶ୍ରାବଣ ଅମାବାସ୍ୟା ଦିନ ବା ଚିତାଲାଗି ଅମାବାସ୍ୟା ଦିନ ଠାକୁରମାନଙ୍କୁ ଉକ୍ତ ଚିତାଗୁଡିକୁ ବିଧିପୂର୍ବକ ପୁନର୍ବାର ଲଗାଇ ଦିଆଯାଉଥିବାରୁ ଏହାକୁ ଚିତାଲାଗି ଅମାବାସ୍ୟା କୁହାଯାଏ । ଏହିଦିନ ପ୍ରଥମେ ସକାଳଧୂପ ବସିବା ସମୟରେ ଭଣ୍ଡାରମେକାପ ଭଣ୍ଡାର ଘରୁ ଚିତାଗୁଡିକୁ ଆଣି ଦେଉଳକରଣଙ୍କୁ ଦେଇଥାନ୍ତି । ଏହି ଚିତାଗୁଡିକୁ ପ୍ରଶାସନ ତରଫରୁ ବଣିଆକୁ ଦିଆଯାଏ । ବଣିଆ ଦେଉଳକରଣ ଓ ତଡାଉକରଣ ସମ୍ମୁଖରେ ଏହି ଚିତାଗୁଡିକୁ ସଫା କରିଥାନ୍ତି । ସକାଳଧୂପ ଓ ଭୋଗମଣ୍ଡପ ପୂଜା ସରିବାପରେ ପୁଷ୍ପାଳକ ସିଂହାସନ ଉପରକୁ ଚଢ଼ି ତିନିବାଡର ମଇଲମ କରିଥାନ୍ତି । ତିନିବାଡର ଝୋବାକଣ୍ଠି ମାଳକୁ କାଢ଼ି ପାଳିଆମେକାପ ଭଣ୍ଡାର ମେକାପଙ୍କୁ ଦେଇଥାନ୍ତି ତାପରେ ପୁଷ୍ପାଳକ ସିଂହାସନରୁ ଓହ୍ଲାଇ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ନେଇ ଖଟଶେଯ ଘରେ ବିଜେ କରାଇଥାଆନ୍ତି । ଏସମସ୍ତ କର୍ମ ପରେ ଦଇତାପତିମାନେ ବେହରଣ ତଳେ ଗୋଡ ଧୋଇ ସିଂହାସନ ପାଖକୁ ଯାଇଥାନ୍ତି । ସିଂହାସନ ଉପରେ ପକାଯାଇଥିବା କାଠଘୋଡାରେ ଚଢ଼ି ଠାକୁରମାନଙ୍କୁ ସୁବର୍ଣ୍ଣ ଚିତାମାନ ଲାଗି କରାଇଥାଆନ୍ତି । ଏହି ଚିତା ଲାଗି ଝୁଣା ଓ ରାଶିତେଲ ମିଶ୍ରଣରେ ପ୍ରସ୍ତୁତ ସ୍ୱତନ୍ତ୍ର ଅଠା (ଓସୁଅଁ) କରାଯାଏ ସେଥିରେପୂର୍ବରୁ ଲାଗିଥିବା ସୋଲ ଚିତା ଗୁଡିକ କଢ଼ାଯାଇ ସୁବର୍ଣ୍ଣ ଚିତାମାନ ଲଗାଇ ପାଟରା ଦେଇଥିବା ପାଟଡୋରରେ ବାନ୍ଧି ତ୍ରିମୁଣ୍ଡି ତଳକୁ ଶ୍ରୀମୁଖ ଉପରକୁ ଲଲାଟରେ ଲାଗି କରାଇଥାଆନ୍ତି । ସୁବର୍ଣ୍ଣରେ ନିର୍ମିତ ଏହି ଚିତା ଗୁଡିକରେ ହୀରା ନୀଳା ମାଣିକ୍ୟ ଓ ଅନ୍ୟାନ୍ୟ ରତ୍ନମାନ ସୁସଜ୍ଜିତ ରହିଥାଏ । ଶ୍ରୀ ଜଗନ୍ନାଥଙ୍କର ବ୍ରହ୍ମଜ୍ୟୋତି ହୀରା ଯାହା ଧଳା ରଙ୍ଗର, ଶ୍ରୀ ବଳଭଦ୍ରଙ୍କର ନୀଳା (ନୀଳ) ଓ ଦେବୀ ସୁଭଦ୍ରାଙ୍କର ଚିତାରେ ମାଣିକ୍ୟ (ଲାଲ) ରଙ୍ଗର ହୋଇଥାଏ । ଦଇତାମାନେ ସିଂହାସନରୁ ଓହ୍ଲାଇ ଆସିବାପରେ ପାଳିଆ ମେକାପ ସିଂହାସନ ଉପରକୁ ଉଠି ସିଂହାସନ ଧୂଆଧୋଇ କରିବାପରେ ତିନିଜଣ ପୂଜାପଣ୍ଡା ତିନିବାଡର ମହାସ୍ନାନ ବିଧି ପୂର୍ବକ ସମାପନ କରିଥାନ୍ତି । ଏହାପରେ ପାଣି ପଡି ଗମ୍ଭୀରା ଧୂଆ ଧୋଇ ହେଲେ ପାଳିଆ ଖୁଂଟିଆ ଡାକିଗଲେ ପୁଷ୍ପାଳକ ଆସି ଠାକୁରଙ୍କ ମଇଲମ କରିଥାନ୍ତି । ତାପରେ ଖଟ ଶେଯ ଘରକୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ହାତରେ ଅଣାଯାଇ ସିଂହାସନ ଉପରେ ବିଜେ କରାଯାଏ । ଠାକୁର ମାନଙ୍କର ମଇଲମ, କର୍ପୁର ଲାଗି ଆଦି ସରିବା ପରେ ଭଣ୍ଡାର ମେକାପ ଠାରୁ ପାଳିଆ ମେକାପ ଛଅମୂର୍ତ୍ତି ତଡାଉ ନେଇ ପୁଷ୍ପାଳକଙ୍କୁ ଦେଲେ ସେ ତାହାକୁ ଠାକୁରମାନଙ୍କୁ ଲାଗି କରାଇବା ପରେ ମଧ୍ୟାହ୍ନ ଧୂପ ଓ ତିନିବାଡରେ ବନ୍ଦାପନାଦି ନୀତି ହୋଇଥାଏ । ଏହିଦିନ ଠାକୁରଙ୍କୁ ଚିତଉ ଭୋଗ ହୋଇଥାଏ । ପ୍ରାୟ ଚାରିଘଂଟା ସମୟ ଲାଗିଥାଏ ଏସବୁ ଗୋପନୀୟ ନୀତିକାନ୍ତି ପାଇଁ ତେଣୁ ମନ୍ଦିରର ସର୍ବ ସାଧାରଣ ଦର୍ଶନ ବନ୍ଦ ରୁହେ ଏହି ସମୟ ତକ । ଠାକୁରଙ୍କ ବନ୍ଦାପନା ନୀତି ପରେ ସର୍ବ ସାଧାରଣ ଦର୍ଶନ ପାଇଁ ଦ୍ୱାର ଖୋଲାହୁଏ । ସଂସ୍କୃତରେ ଗୋଟିଏ ଶ୍ଳୋକ ଅଛି ଯେ, ଶ୍ରାବଣେ କୃଷ୍ଣପକ୍ଷେ ତୁ ଦର୍ଶନ ପ୍ରାନ୍ତେ ଶୁଭ ଦିନେ, ଲଲାଟ ଭୁଷଣଂ ଯାତ୍ରାଂ ଜଗନ୍ନାଥସ୍ୟ କାରୟେତ୍ । ଅର୍ଥାତ ଶ୍ରାବଣ କୃଷ୍ଣପକ୍ଷରେ ଜଗନ୍ନାଥ ଦେବଙ୍କ ଲଲାଟ ଭୁଷଣ ଯାତ୍ରା କରାଯାଏ । କିମ୍ବଦନ୍ତୀରୁ ଜଣାଯାଏ ଯଯାତିକେଶରୀ ଠାକୁରମାନଙ୍କୁ ଆଣିବା ପରେ ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ରତ୍ନବେଦୀରେ ସ୍ଥାପନ କରି ଶ୍ରାବଣ ଅମାବାସ୍ୟାରେ ଚିତାଲାଗି କରାଇଥିଲେ । ସେହି ଦିନଠାରୁ ଏହା ଚିତାଲାଗି ଅମାବାସ୍ୟା ନାମରେ ନାମିତ ହୋଇଥିଲା । ଅନ୍ୟ କେତେକ ମତରେ କୋଣାର୍କ ମନ୍ଦିରର ନିର୍ମାତା ଲାଙ୍ଗୁଳା ନରସିଂହଦେବ ଗୌଡ ରାଜ୍ୟ ଜୟ କରିବା ପରେ, ନିଜର ମାନସିକ ପୂରଣ ପାଇଁ ତିନିଠାକୁରଙ୍କୁ ଏହିଦିନ ମୂଲ୍ୟବାନ ଚିତା ଲାଗି କରାଇଥିଲେ ସ୍କନ୍ଦ ପୁରାଣ ଅନୁସାରେ ଠାକୁରଙ୍କୁ ଏହି ଦିନ ଚିତା ଲାଗି କରାନ ଗଲେ ଠାକୁରଙ୍କର ବର୍ଷକ ମଧରେ ପାଳିତ ହେଉଥିବା ଯାତ୍ରାରୁ ମିଳୁଥିବା ପୁଣ୍ୟ କ୍ଷୟପ୍ରାପ୍ତ ହୋଇଥାଏ । ଅନ୍ୟ ମତରେ କହିବାକୁ ଗଲେ ଠାକୁର ଲଗାଇଥିବା ଚିତାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ଏପରି ଏକ ନୀତିର ପ୍ରଚଳନ କଥା ଅନୁମାନ କରାଯାଇପାରେ । ଏହି ଯାତ୍ରା ପ୍ରଭୁଙ୍କର ସୌନ୍ଦର୍ଯ୍ୟ ବଢ଼ାଏ । ପରବର୍ତ୍ତୀ ଦେବସ୍ନାନ ପୂର୍ଣ୍ଣିମା ଯାଏଁ ଲଲାଟରେ ସେମିତି ଝଟକୁଥାଏ । ମନ ଗାଇଉଠେ ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନ ପାପୀମାନେ ତରିଗଲେ କରି ତୁମ୍ଭ ଦରଶନ ।

ଏହିଦିନ ଓଡିଶାର ଶ୍ରେଷ୍ଠ ସାମାଜିକ କୃଷିଭିତ୍ତିକ ପର୍ବ ବୋଲି ଅଭିହିତ କରାଯାଏ । ଦୀର୍ଘ ଚାରିମାସ ଗ୍ରୀଷ୍ମ ପରେ ବର୍ଷା ଆସିଥାଏ ଧରାକୁ । ଆମର ଅଧିକାଂଶ ପର୍ବ କୃଷିଭିତ୍ତିକ ଯଥା ଅକ୍ଷୟ ତୃତୀୟା, ଗର୍ଭଣା ସଂକ୍ରାନ୍ତି, ନୂଆଖାଇ, ମାଣବସା ପ୍ରଭୃତି । ଶ୍ରାବଣରେ ବର୍ଷା ଅଧିକ ହେଉଥିବାରୁ କୃଷିର ପ୍ରାରମ୍ଭ କାର୍ଯ୍ୟ ଯଥା ଧାନରୁଆ ବେଉଷଣ ଚାଲିଥାଏ । ଅଧିକ ଫସଲ କିପରି ଉତ୍ପାଦିତ ହେବ ସେଥିପାଇଁ ଚାଷୀଭାଇମାନେ ଧାନକ୍ଷେତକୁ ଫୁଲ, ଚନ୍ଦନ, ସିନ୍ଦୂର, ଚିତଉ ପିଠା ଓ କ୍ଷୀରୀ ନେଇ ଭୂଦେବୀ ଓ ଲକ୍ଷ୍ମୀଙ୍କୁ ଆବାହନ, ବନ୍ଦାପନା କରି ପୂଜା କରି ସାରିବା ପରେ ପିଠାକୁ କ୍ଷେତରେ ପୋତି ଦେଇ ଆସନ୍ତି ମନରେ ଭଲ ଫସଲ ଅମଳର ଆଶା ପୋଷଣ କରିଥାନ୍ତି । ସେହିଦିନ ଘରେ ମଧ୍ୟ ପିଠାପଣା ହୁଏ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରାଯାଏ । କାରଣ ସେ ଅନ୍ନଦାତ୍ରୀ ।

ବାଲେଶ୍ୱର, ମୟୁରଭଂଜ ଓ କେନ୍ଦୁଝର ଅଂଚଳରେ ଏହି ପର୍ବ ଗେଣ୍ଡାକଟା ଅମାବାସ୍ୟା ବା ଗେଣ୍ଡେଇସୁଣୀ ପୂଜା ବୋଲି କହିଥାଆନ୍ତି ଏହାର ବିଶେଷତ୍ୱ ହେଲା ଏହି ସମୟରେ ବିଲରେ ବର୍ଷାପାଣି ଜମି ରହିଥାଏ ଗେଣ୍ଡାମାନଙ୍କର ପ୍ରାଦୁର୍ଭାବ ବଢ଼ିଥାଏ । କୃଷକ ଭାଇ ବିଲରେ କାମ କଲାବେଳେ ଗେଣ୍ଡା ଯେପରି ଗୋଡକୁ କାଟି ନ ଦିଏ ଫସଲର ଅନିଷ୍ଟ ନକରେଏବଂ ବିଷଧର ସାପ ମଧ୍ୟ କିଆରୀରେ ଥାଆନ୍ତି ତେଣୁ ପଶୁ, ପକ୍ଷୀ, କୀଟ ପତଙ୍ଗ, ସାପ, ଗେଣ୍ଡା ଆଦି ଯେପରି କୃଷି କର୍ମରେ ବ୍ୟାଘାତ ନ ଘଟାନ୍ତି ସେମାନଙ୍କ ସନ୍ତୁଷ୍ଟିପାଇଁ ପିଠା ସମର୍ପଣ କରିବାର ବିଶ୍ୱାସ ରହିଛି । ଏହିଦିନ ପ୍ରତ୍ୟେକ ଓଡିଆ ଘରେ ଚିତଉ, କ୍ଷୀରୀ, ପିଠା ପ୍ରସ୍ତୁତ କରି ଘରର ଇଷ୍ଟଦେବତା ଓ ଗ୍ରାମ ଦେବୀ ପାଖରେ ଭୋଗ ଦିଆଯଏ ବନ୍ୟା ପ୍ରକୋପରୁ ରକ୍ଷା ପାଇବା ପାଇଁ ବରୁଣ ଦେବତାଙ୍କୁ ସନ୍ତୁଷ୍ଟ କରାଯାଇ ପୂଜାର୍ଚ୍ଚନା କରାଯାଇ ଚିତଉ ପିଠା ସମର୍ପଣ କରାଯାଏ ଜଳଚର ଜୀବ ଯେପରି କାହାର କିଛି କ୍ଷତି ନ ଘଟାନ୍ତି ସେଥିପାଇଁ ବିଲ, ନଈ, ନାଳ, ପୋଖରୀରେ ପିଠା ସମର୍ପଣ କରାଯାଏ । ଚିତାଲାଗି ପରେ ଶୁଭାରମ୍ଭ ହୁଏ ଅନ୍ୟ ସବୁ ପର୍ବ ପର୍ବାଣିର ଯାହା ଆମ ସଂସ୍କୃତିର ବିଶେଷତ୍ୱ ଅଟେ ।

ଭୁବନେଶ୍ୱର, ୭୯୭୮୧୧୦୪୭୪

ଧାରାବାହିକ ଉପନ୍ୟାସ

# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨





**ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ**

ଭାଗ-୩୯
(ଶେଷଭାଗ)

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ପରବର୍ତ୍ତୀ ଦୃଶ୍ୟ ଏବଂ ଘଟଣାବଳୀ ଥିଲା ଅତ୍ୟନ୍ତ ସ୍ୱାଭାବିକ ଓ ଗୋଟେ ସାଧରଣ ପୁରୁଣା ଚଳଚ୍ଚିତ୍ରର ଦୃଶ୍ୟପରି । ଘର ଭିତରୁ ଭାଗ୍ୟବତୀ ଦେବୀ ବାହାରି ଆସି କଳ୍ପଲତାଙ୍କୁ ପାଛୋଟି ନେଲେ । ରବିକୁମାର ମଣ୍ଟୁ ସହାୟତାରେ ଗାଡ଼ି ଭିତରୁ ଜିନିଷପତ୍ର ବାହାର କରିବାରେ ମନଦେଲେ। ପ୍ରମଦା କେଉଁଠି ଥିଲା, ଦଉଡ଼ି ଆସି ଦୀନନାଥଙ୍କୁ ମୁଣ୍ଡିଆ ମାରିଲା । ସବାପଛକୁ ଭବେଶ ଆଉ ଦୀନେଶ ।

ଅତିବେଶୀ ଜାକଜମକ ନଥିଲା ଏକୋଇଶା ଉତ୍ସବରେ । ରାଜସିକ ଭାବନାର ଆଦୌ ହିଁ ଛାପ ନ ଥିଲା ସେଠି । ଏଥିପାଇଁ ଦୀନନାଥ ଖୁସିହେଲେ । ସ୍ୱଳ୍ପ ବଂଧୁବାନ୍ଧବ ଏବଂ ଯଥାସଂଭବ କମ୍ ଲୋକ ଭିଡ଼ରେ ସବୁଯାକ ଠିକ୍‌ଠାକ୍ ଆୟୋଜନ କରାଯାଇଥିଲା ।

ପ୍ରମଦା କହିଲା, "ବାପା ! ଏତେଦିନ ପରେ ଆମ ଘରେ ଆପଣଙ୍କର ପାଦ ପଡ଼ିଲା । ଯାହା ଆସିଥିଲେ ସେଇ ବାହାଘର ପ୍ରସ୍ତାବ ନେଇ । ଆଉ ମଝିରେ ଆସି ନାହାନ୍ତି । କେତେଥର ଆପଣଙ୍କୁ କହିଛି ଆସିବା ପାଇଁ, ଅଥଚ ସୁନ୍ଦର ସୁନ୍ଦର ବାହାନା କରି ଆମ ନିବେଦନକୁ ଏଡ଼େଇ ଯାଇଛନ୍ତି । ଆଜି ଯଦି ଆସିଛନ୍ତି, ଦୁଇଦିନ ରହିବେ ନିଶ୍ଚୟ ।"

"ସମୟଟା ବଡ଼ ନିଷ୍ଠୁର ମା ! ଚାହିଁଲେ ମଣିଷ ତାକୁ ନିଜ ଇଚ୍ଛାରେ ପରିଚାଳିତ କରିପାରିବ ନାହିଁ । ସେ ଯେତେବେଳେ ଚାହିଁଲା, ସେତେବେଳେ ମୁଁ ଆସିବାକୁ କ୍ଷମ ହେଲି ।" ବଡ଼ ଦାର୍ଶନିକ ସୁଲଭ ଭଂଗୀରେ ଏତକ କହିଲେ ଦୀନନାଥ ।

"କିଛିକ୍ଷଣ ଆମକୁ ପ୍ରତୀକ୍ଷା କରେଇଲେ ସମୃଦ୍ଧି । ପୁରୋହିତ କେତେବେଳୁ ଆସି ବସିଛନ୍ତି । ମାମୁଘର ଆସିଲା ପରେ ସତ୍ୟନାରାୟଣ ପୂଜା ଆରମ୍ଭ ହେବା ବିଧି । ସେଥିପାଇଁ ଆମେ ସଭିଏଁ ଉତ୍ସୁକରେ ଅପେକ୍ଷା କରୁଥିଲୁ ଆପଣମାନଙ୍କୁ । ହେଲେ ଶୁଭ କାହିଁ ?" - ଡ୍ରଇଁରୁମ୍‌ରେ ବସୁ ବସୁ ଦେବାନନ୍ଦବାବୁ ପ୍ରଶ୍ନ କଲେ ଦୀନନାଥଙ୍କୁ, ଯଦିଓ ସେ ପୂର୍ବରୁ ଜାଣିଥିଲେ ଯେ କାର୍ଯ୍ୟର ତାଡ଼ନା ଯୋଗୁଁ ଶୁଭ ଭଣଜାର ଏକୋଇଶା ପୂର୍ବରୁ ଫେରିଯାଇଛି ଚେନ୍ନାଇ ।

କୌଣସି ଏକ କାର୍ଯ୍ୟ ବ୍ୟସ୍ତତାରୁ ଜବରଦସ୍ତ ନିବୃତ୍ତ ହୋଇ ଶୁଭଦା ଦଉଡ଼ି ଆସିଲା ବାପାଙ୍କ ପାଖକୁ । ମୁଣ୍ଡିଆ ମାରୁ ମାରୁ କହିଲା - "ଭାଇ ଆଜି ଦୁଇଥର ଫୋନ୍ କଲାଣି । ବୋଲି ଆମ ସଭିଙ୍କର ମନ ଊଣା ବାପା ! ସେ ଆଜି ଚେନ୍ନାଇରୁ ମୋତେ ଦୁଇଥର ବି ଫୋନ୍ କରିଛି । ଉପସ୍ଥିତ ରହିପାରି ନ ଥିବାରୁ ସେଠି ତା'ର ମନ ନିଶ୍ଚୟ ଆନ୍ଦୋଳିତ ହେଉଥିବ !"

"ସୌଭାଗ୍ୟବତୀ ଭବ । ଅବଶ୍ୟ, ସେଠାରେ ତା'ର କୌଣସି କାର୍ଯ୍ୟରେ ଧ୍ୟାନ ରହୁ ନଥିବ ।" - ଝିଅକୁ ଆଶୀର୍ବାଦ କରୁ କରୁ କହିଲେ ଦୀନନାଥ ।

"ତୁମର ସବୁଯାକ ଆଶୀର୍ବାଦ ତା' ପାଇଁ ରଖିଥାଅ ବାପା ! ସେଥିରୁ ଟିକେ ବି ଖଣ୍ଡିଆ କରନାହିଁ ।" - ଛଳ ଛଳ ଆଖିରେ ଶୁଭଦା ବାପାଙ୍କୁ କହିଲା ।

ସ୍ନେହରେ ଝିଅର ମୁଣ୍ଡ ଆଉଁସି ଦେଲେ ଦୀନନାଥ । ଘଟିଯାଇଥିବା ଘଟଣାର କ୍ଷତ ସେ ସ୍ନେହବୋଳା ପରଶରେ ତଥାପି ଜଳଜଳ ଦିଶୁଥିଲା । ତା' ଭିତରୁ କେବେ ଭୁଲି ହୋଇଯିବ ସେ କ୍ଷତ ? କେଜାଣି !

ଦୀନନାଥ କଥାର ଖିଅ ବଦଳେଇ ଦେଲେ । ପୂର୍ବ ଘଟଣା ଓ ପ୍ରସଂଗ ଉତ୍‌ଥାପନ କରି ପୁଣି ଥରେ ଅଧିକ କ୍ଷତାକ୍ତ ହେବାକୁ ଚାହୁଁ ନଥିଲେ ସେ । କିନ୍ତୁ ଯେଉଁ କଥାଟି ଦୀନନାଥଙ୍କ ଚେତନାରେ ଅହରହ ଖେଳୁଥିଲା, ତାହା ହେଉଛି ନାତିକୁ ଦେଖିବାର ପ୍ରବଳ ଆଗ୍ରହ ।

"ତୋ ପୁଅ କେଉଁଠି ମା' ? ମାନେ ମୋ ନାତି ?"

"ଆସ ବାପା ! ପୁଅ ଏଇ ଘରେ ଶୋଇଛି । ଏଇ ତ ତା' ପାଖରୁ ମୁଁ ଉଠି ଆସୁଛି ମାତ୍ର ।" - କହିଲା ଶୁଭଦା ।

ଝିଅକୁ ଅନୁସରଣ କଲେ ଦୀନନାଥ । ପଛେ ପଛେ ଦେବାନନ୍ଦ ବାବୁ ବି । ବିଛଣାରେ ଶୋଇଛି ନାତି । ଭେଣ୍ଟିଲେଟର ବାକ୍ସ ଭଳି ତା' ଉପରେ ଢ଼ଙ୍କା ହୋଇଛି ଛୋଟ ଏକ ମଶାରୀ । ନିଘୋଡ଼ ନିଦରେ ଶୋଇ ଯାଇଛି ନାତି ।

"ହଁ ଠିକ୍ । ଛୋଟ ପିଲା ଯେତେ ଶୋଇବେ ଭଲ ।" - କହିଲେ ଦୀନନାଥ । ଆଉ ଟିକେ ସ୍ପଷ୍ଟ ପ୍ରତିଭାତ ହେବାପାଇଁ ଶୁଭଦା ପୁଅ ଉପରୁ ମଶାରିଟିକୁ ହଟେଇ ଦେଲା । ଏବେ ସ୍ପଷ୍ଟ ଦୃଶ୍ୟହେଲା ନାତି । ମନେ ମନେ ଭାବିଲେ "ଓଃ, କେତେ ଶୁଖିଯାଇଛି ମୋ ନାତି !" ଜନ୍ମବେଳେ ଯେମିତି ଦେଖିଥିଲେ ସେ, ଯେମିତି ଅବସ୍ଥାରେ ଛାଡ଼ିଦେଇ ଆସିଥିଲେ କଟକର ନିଉ ବର୍‌ନ ବେବି କେୟାର୍ ସେଣ୍ଟରରେ, ସେମିତି ହୋଇ ରହିନାହିଁ ଏବେ ନାତି ଶୁଖିଯାଇଛି । ଦିଶୁଚି ଖୁବ୍ ରୁଗ୍‌ଣ ଏବଂ ନିସ୍ତେଜ । ତଥାପି ମନର ଭାବକୁ ଝିଅଠାରୁ ଲୁଚେଇ ସ୍ନେହରେ ନିଜର କରସ୍ପର୍ଶ କଲେ ନାତିର ସମସ୍ତକରେ ଏବଂ ଆଶୀର୍ବାଦ କଲେ - "ଆୟୁଷ୍ମାନ୍ ଭବ ।"

ପଛେ ପଛେ କଳ୍ପଲତା ପହଞ୍ଚିଲେ ନାତି ପାଖରେ । ଦେଖିଦେଲା ପରେ ମୁହଁ କେମିତି ଶୁଖିଗଲା ତାଙ୍କର । ତାଙ୍କ ଭିତରୁ କୌଣସି ନୈରାଶ୍ୟପୂର୍ଣ୍ଣ କଥା ବାହାରିବା ପୂର୍ବରୁ ଦୀନନାଥ କହିଲେ -

"ନ ଖାଇ ନ ପିଇ ଭେଣ୍ଟିଲେଟର୍ ଭିତରେ ରହି ରହି ଟିକେ ଶୁଖିଯାଇଛି ଯାହା । ନ ହେଲେ ନାତି ଆମର ପୂର୍ବବତ୍ ଠିକ୍ ଅଛି । ଅଳ୍ପଦିନ ପରେ ତା'ର ସ୍ୱାସ୍ଥ୍ୟ ପୁଣି ଫେରି ଆସିବ । ଦେଖିବୁ ରହ ଶୁଭଦା, ତୋର ସମସ୍ତ ଶିକ୍ଷାଦୀକ୍ଷାକୁ ପରାଜିତ କରି ସେ ତୋତେ ହିଁ ପାଠ ପଢ଼େଇବ ।"

ଦୀନନାଥଙ୍କ କଥାରେ ହସର ଜୁଆରଟେ ସମସ୍ତଙ୍କ ଭିତରେ ଖେଳିଗଲା । ଭାଗ୍ୟବତୀ ଦେବୀ କହିଲେ - "ବାପା ମା'ଙ୍କୁ ଟପି ସେ ଆହୁରି ଅଧିକ ପାଠ ପଢ଼ି ଭଲ ମଣିଷଟିଏ ହେଉ, ତାକୁ ଏଇ ଆଶୀର୍ବାଦ କରନ୍ତୁ ସମୃଦ୍ଧି ।"

"ନିଶ୍ଚୟ, ନିଶ୍ଚୟ । ସେ ତ ଇତିହାସ ସୃଜିବ ବୋଲି ମୁଁ ମନେ ମନେ ଆଶୀର୍ବାଦ କରି ସାରିଛି ।" - ତାଙ୍କ ମୁହଁକୁ ଚାହିଁ କହିଲେ ଦୀନନାଥ ।

ଠିକ୍ ଏଇ ସମୟରେ ନାତି ଆଖିଖୋଲି ଚାହିଁଲା । କେଡ଼େ ସୁନ୍ଦର ଛୋଟ ଛୋଟ ଆଖି ଯୋଡ଼ିଏ, ଯେମିତି ରାଜୀବଲୋଚନ ! ସତେ ଯେମିତି ଅଜାଙ୍କୁ ଏକ ଲୟରେ ଚାହିଁଛି, ଏମିତି ମନେ ହେଲା ଦୀନନାଥଙ୍କୁ । ସୁନ୍ଦର ଛୋଟ ମୁହଁଟିରେ ଛୋଟ ଛୋଟ ଆଖି ଯୋଡ଼ିକ ଆହୁରି ତେଜୋଦୀପ୍ତ ଲାଗୁଛି । କ୍ଷଣକ ପାଇଁ ଆତ୍ମହରା ହୋଇପଡ଼ିଲେ ଦୀନନାଥ ।

ବିଧି ମୁତାବକ ପୂଜା ଆରମ୍ଭ ହେଲା । ସତ୍ୟନାରାୟଣ ପୂଜା । ସମୃଦ୍ଧି କହିଲେ, "ପୁରୋହିତ ପୂଜା ଆରମ୍ଭ କରିଦେଲେଣି । ତଳ ମହଲାରେ ଭିଡ଼ ଓ ଗହଳି ହେବବୋଲି ଉପର ମହଲାରେ ବ୍ୟବସ୍ଥା ହୋଇଛି । ଉପରକୁ ଯିବା ?"

କିନ୍ତୁ ପ୍ରମଦା ଆସି ରୋକିଦେଲା ଶ୍ୱଶୁରଙ୍କୁ । କହିଲା - "ରୁହନ୍ତୁ ବାବା ! ମୁଁ ଏତେ ଶ୍ରମକରି ବାପାଙ୍କ ପାଇଁ ଜଳଖିଆ କରିଛି । ପୂଜାପର ଖିଆପିଆ ପାଇଁ ପୂଝାରୀ ପ୍ରସ୍ତୁତ କରୁଛି । ଏବେ ଟିକେ କ'ଣ ଖାଇଦେଇ ଉପରକୁ ଯାଆନ୍ତୁ । କଫି ଟିକେ ବନେଇ ଦେଉଛି ତା' ସାଙ୍ଗକୁ ।"

"ମୁଁ କିଛି ଖାଇବି ନାହିଁ ମା' । ବରଂ ଟିକେ କଫି ଦେ ।" - ଦୀନନାଥ ।

ଦେବାନନ୍ଦ ବାବୁ କହିଲେ - "ପ୍ରମଦା ଯେପରି ଝିଅ, ମନ ଦୁଃଖ କରିବ ସମୃଦ୍ଧି । ସବୁ କିଛି ବିଗିଡ଼ିଯିବ ତା'ର । କିଛି ହେଲେ ବି ଟିକେ ପାଟିରେ ଦିଅନ୍ତୁ !"

ଶୁଭଦା, କଳ୍ପଲତା ଓ ଭାଗ୍ୟବତୀ ଦେବୀ ପୁଅକୁ ଧରି ଉପର ମହଲାକୁ ଗଲେଣି । ଉପରୁ ଶଂଖଶବ୍ଦ ଶୁଭୁଛି । ସେଠି ବଂଧୁ-ବାନ୍ଧବ, ଅତିଥି ଓ ଆତ୍ମୀୟମାନଙ୍କର ଭିଡ଼ । ଦୀନନାଥ ବାବୁ ଠାକୁର ଘର ଖୋଲି ସେଇଠି ଦୁଆର ମୁହଁରେ ଆଣ୍ଠୁମାଡ଼ି ପ୍ରଣାମ କରିଆସି ବସିଲେ ଦେବାନନ୍ଦ ବାବୁଙ୍କ ସହିତ ଖାଇବା ଟେବୁଲ୍‌ରେ ।

"ସମୃଦ୍ଧି ! ନାତି ଜନ୍ମପରେ ଯେଉଁ ଦୁସ୍ଥିତି ଲାଗି ରହିଲା, ସେଥିରୁ ମୁକୁଳିବା ଦୁଷ୍କର ଥିଲା । ତେବେ ମୋର ଯାହା ଅନୁଭବ, ଗୋଟେ ଅଦୃଶ୍ୟ ଶକ୍ତିର ବଳୟ ଆମ ନାତି ଚତୁଃପାର୍ଶ୍ୱରେ ବଳୟିତ ହୋଇ ରହିଛି ଯେମିତି !" - ଖାଇବା ଟେବୁଲରେ କଫି ପିଉପିଉ କହିଲେ ଦେବାନନ୍ଦ ବାବୁ ।

"ଅବଶ୍ୟ । ତା' ସମଗ୍ର ଜୀବନର ଦୁଃଖ କଷ୍ଟ ପ୍ରାରମ୍ଭରୁ ହିଁ ଭୋଗ ହୋଇଗଲା । ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ ଏହା ହିଁ ଶୃଙ୍ଖଳା । ବିଧାତା କାହା ଜୀବନରେ ନିରନ୍ତର ସୁଖ ବା ଦୁଃଖ ଲେଖି ନାହାନ୍ତି । ନିର୍ଦ୍ଦିଷ୍ଟ କୌଣସି ନା କୌଣସି ଅଦୃଶ୍ୟ ଶୃଙ୍ଖଳରେ ଈଶ୍ୱରଙ୍କ ଏ ସୃଷ୍ଟି ପରିଚାଳିତ ହେଉଛି । ସବୁ ସେହି କାଳିଆର ଇଚ୍ଛା ।" - କହିଲେ ଦୀନନାଥ ବାବୁ ।

ଏହାପରେ ଉଭୟେ ଉପରକୁ ଗଲେ ଏବଂ ପୂଜାବେଦୀର ଅଦୂରରେ ପାଖାପାଖି ବସି ପଡ଼ିଲେ ଦୁଇ ସମୃଦ୍ଧି । ପୁରୋହିତ ମନ୍ତ୍ର ଉଚ୍ଚାରଣ କରି ପୂଜା ଆରମ୍ଭ କଲେ -

"ଶୁକ୍ଳାମ୍ବରଂ ଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୁଜମ୍
ପ୍ରସନ୍ନବଦନମ୍ ଧ୍ୟାୟେତ୍ ସର୍ବବିଘ୍ନୋପଶାନ୍ତୟେ ।
ବିନାୟକଂ ଗୁରୁଂ ଭାନୁଂ ବ୍ରହ୍ମାବିଷ୍ଣୁମହେଶ୍ୱରମ୍
ସରସ୍ୱତୀଂ ପ୍ରଣମ୍ୟାଦୌ ସର୍ବ କାର୍ଯ୍ୟାର୍ଥ ସିଦ୍ଧୟେ ।"

ପୁଣି - "ସର୍ବମଙ୍ଗଳମାଙ୍ଗଲ୍ୟେ
ଶିବେ ସର୍ବାର୍ଥସାଧିକେ
ଶରଣ୍ୟେ ତ୍ର୍ୟମ୍ବକେ ଗୌରି
ନାରାୟଣି ନମସ୍ତୁ ତେ ।"

ଏକ କାଷ୍ଠନିର୍ମିତ ଖଟୁଲୀର ଚାରିକୋଣରେ ଚାରୋଟି ମୟୂର ପୁଚ୍ଛନିର୍ମିତ କାଣ୍ଡ । ଖଟୁଲି ମଝିରେ ପଶ୍ଚାଦ୍‌ପଟକୁ ନାରାୟଣଙ୍କର ଫଟୋ । ଭିନ୍ନ ଭିନ୍ନ ରଂଗୀନ୍ ଓ ସଫେଦ୍ ଫୁଲରେ ସଜ୍ଜିତ ଖଟୁଲୀଟି ଏକ ସୁରମ୍ୟ ବେଦୀର ଭ୍ରମ ସୃଷ୍ଟି କରୁଛି । ଉପରେ ଚାନ୍ଦୁଆ । ପୁରୋହିତ ଭବେଶ ଓ ଶୁଭଦାଙ୍କର ସଂକଳ୍ପ କାର୍ଯ୍ୟ ସମାପନ କରି ବିଧିମୁତାବକ ପୂଜା ଆରମ୍ଭ କଲେ । ପୂଜା ପରେ ପରେ ସତ୍ୟନାରାୟଣ ପାଲାର ଆଖ୍ୟାୟିକା ପାଠକରି ହୋମ ହେଲା ।

"ଓଁ ବୈଶ୍ୱନରାୟଃ ସ୍ୱାହା ।" ... ଇତ୍ୟାଦି ।

ଜଗତର ସମସ୍ତ ଦେବାଦେବୀଙ୍କ ନାମରେ ଘୃତାହୂତି ଦେଉଥିଲେ ପୁରୋହିତ । ହୋମଅଗ୍ନି ଓ ଧୂଆଁରେ ସମଗ୍ର କୋଠରୀ ପୂରିଗଲା । ମାମୁଘରୁ ଆସିଥିବା ଅଳଂକାର ଓ ନୂତନ ବସ୍ତ୍ର ପରିଧାନ କରାଇ ନାତିକୁ ପୂଜାବେଦୀ ପାଖକୁ ଆଣିବାକୁ ନିର୍ଦ୍ଦେଶ ଦେଲେ ପୁରେହିତ ।

ତାଙ୍କ କହିବା ଅନୁସାରେ ଶୁଭଦା ପୁଅକୁ ଅଂଗଭୂଷଣ ଓ ପୋଷାକ ପିନ୍ଧେଇ ପୂଜାସ୍ଥାନକୁ ଆଣିଲା । ବ୍ରାହ୍ମଣ ମନ୍ତ୍ରପଢ଼ି ନାତିର ଦୀର୍ଘ ନିରାମୟ ଜୀବନ କାମନା କଲେ ଏବଂ ତା' ମସ୍ତକରେ ଫୁଲ ଅରୁଆ ଚାଉଳ ପକେଇ ଆଶୀର୍ବାଦ ଦେଲେ ।

ଏବେ ଦୀନନାଥଙ୍କର ପାଳି । ପୁରୋହିତ ଶୁଭଦାକୁ କହିଲେ - "ପୁଅକୁ ଏବେ ଅଜା କୋଳକୁ ଦିଅନ୍ତୁ ଏବଂ ସେ ନାତିକୁ କୋଳରେ ଧରି କୁଶାସନରେ ବସନ୍ତୁ ।"

ଦୀନନାଥ ଆପଣା ବସିବା ସ୍ଥାନରୁ ଉଠିଗଲେ ସାମ୍ନାକୁ ଏବଂ କୁଶଆସନ ଉପରେ ଉପବିଷ୍ଟ ହେଲାପରେ ଶୁଭଦା ବାପାଙ୍କ କୋଳରେ ପୁଅକୁ ଦେଲା । ପୁରୋହିତ ମନ୍ତ୍ରପଢ଼ି ଉପରେ ଫୁଲପାଣି ସିଞ୍ଚି ମାର୍ଜନା କଲେ । ତାଙ୍କ ମସ୍ତକରେ ଚନ୍ଦନ ତିଳକ ଦେଲେ ଏବଂ ତହୁଁ ନିର୍ଦ୍ଦେଶ କଲେ - "ନାରାୟଣଙ୍କ ପାଖରୁ ନାତି ପାଇଁ କେଉଁ ବର ମାଗିବେ ଦୀନନାଥ ବାବୁ ? ମାଗି ନିଅନ୍ତୁ । ଆପଣଙ୍କ ପରେ ଆଈ ଓ ଅନ୍ୟମାନେ ଠାକୁରଙ୍କ ନିକଟରେ ପୁଷ୍ପାଞ୍ଜଳି ଦେଇ ପିଲାର ଶୁଭ ମନାସିବେ ।"

ଦୀନନାଥ ଏବେ କ'ଣ ମାଗିବେ ? ସବୁ ତ ମାଗି ସାରିଛନ୍ତି ତା'ପାଇଁ । ପ୍ରଭୁ ମନଜାଣି ତାଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ କରି ସାରିଛନ୍ତି । ଆଗାମୀ ଇତିହାସ ଯେଉଁ ନାତିକୁ ଏଇ ଶୁଭ ମୁହୂର୍ତ୍ତରୁ ହିଁ ପ୍ରତୀକ୍ଷା କରୁଛି, ତା'ପାଇଁ ଆଉ ଅଧିକ କ'ଣ ମାଗିବେ ? ଯଦି ମାଗିବେ, ତା'ହେଲେ ଏଇଆ ହିଁ ମାଗିବେ, "ହେ ପ୍ରଭୁ ! ପୃଥିବୀର ସମସ୍ତ ନବଜାତକମାନେ ଭଲରେ ଜନ୍ମ ନିଅନ୍ତୁ ଏବଂ କାନ୍ଦନ୍ତୁ । ଖୁବ୍ ସୁସ୍ଥ ନିରାମୟ ଜୀବନଯାପନ କରନ୍ତୁ । ଅମୃତର ଶିଶୁମାନଙ୍କୁ ଏଇ ବର ଦିଅ ପ୍ରଭୁ ! ଏଇ ବର ଦିଅ !"

"ସର୍ବେଷାଂ ଶାନ୍ତିର୍ଭବତୁ
ସର୍ବେଷାଂ ସ୍ୱସ୍ତିର୍ଭବତୁ
ସର୍ବେଷାଂ ପୂର୍ଣ୍ଣଂ ଭବତୁ
ସର୍ବେଷାଂ ମଂଗଳଂ ଭବତୁ ।
ଲୋକାଃ ସମସ୍ତାଃ ସୁଖିନଃ ଭବନ୍ତୁ
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।"

(ସମାପ୍ତ)

# କାଠପିତୁଳି

ମୂଳହିନ୍ଦୀ- କଳ୍ପନା ଭଟ୍ଟ

ଅନୁବାଦ ଗଳ୍ପ

ଅନୁବାଦ: ବିନୟ କୁମାର ଦାସ



" ହୁଁ..କାଠପିତୁଳି ! "

ବ୍ୟଙ୍ଗଭରା ସ୍ୱର ଅଥଚ ବେଦନା ଜର୍ଜରିତ କଣ୍ଠରେ କହିଲେ ମୀନାଦେବୀ । ଟେବୁଲ ଉପରେ ରଖା ଯାଇଥିବା ତାଙ୍କ ପ୍ରାଇଭେଟ୍ ସେକ୍ରେଟେରୀଙ୍କ ମୋବାଇଲରେ ଚାଲୁଥିବା ଭିଡିଓକୁ ସେ ଦେଖିବାକୁ ଲାଗିଲେ ବେଶ୍ ଆଗ୍ରହ ସହକାରେ । ସେଥିରେ ଚାଲିଥିଲା କାଠପୁତୁଳିର ଏକ ନୃତ୍ୟନାଟିକା ।

ପ୍ରଥମେ ମଂଚର ପରଦା ଉପରକୁ ଯେଉଁ କାଠପୁତୁଳିଟି ଆସିଲା, ତାହା ଥିଲା ଏକ ଛୋଟ ଝିଅ । ନାଚି ନାଚି ସେ କହୁଥିଲା, "ବାପା, ମୁଁ ପାଠ ପଢିବି । ବହୁତ ପାଠ । ପାଠ ପଢା ସରିଗଲେ ମୁଁ ଚାକିରୀ କରିବି ।"

ଏତିକି ବେଳେ ନେପଥ୍ୟରୁ ଗୁରୁ ଗମ୍ଭୀର ସ୍ୱର ଭାସି ଆସିଲା । "ଏ ତୁ କଣ କହୁଚୁ ଝିଅ ? ତୁ ପାଠ ପଢିବୁ ? ପାଠ ? କଣ କରିବୁ ପାଠ ପଢି ? ତୁ କଣ ଜାଣିନୁ, ଝିଅ ଜନମ ଚୁଲି ମୁଣ୍ଡକୁ ବୋଲି ? ଆମ ଘରେ କେହି ଏତେ ପାଠ ପଢି ନାହାନ୍ତି । ତୁ ତ ଦଶମ ଶ୍ରେଣୀ ପାଶ୍ କରିସାରିଲୁଣି । ଆଉ ଅଧିକା ପଢିବା କଣ ଦରକାର ? ମୋ କଥା ମାନ୍..ଏଣିକି ଘରକାମଦାମରେ ମନ ଦେ । ମାଆଙ୍କୁ ରୋଷେଇରେ ସାହଯ୍ୟ କର । ସେମିତି କଲେ ତୁ ବି ରୋଷେଇକାମ ଶିଖିଯିବୁ । "

କାଠପୁତୁଳିଟି ଏତକ ଶୁଣିବା ପରେ ମୁହଁ ଶୁଖାଇ ଧୀରେଧୀରେ ପରଦାରୁ ଅପସରି ଗଲା । କିଛି ସମୟ ଧରି ଚାଲିଲା ମ୍ୟୁଜିକ । ସେହି ଝିଅଟି ପୁଣି ଦେଖାଦେଲା ପରଦାରେ । ଏଥର ତାର ଗୋଟିଏ ହାତରେ ରହିଥିଲା ବେଲଣାବାଡି ଆଉ ଆର ହାତରେ ଥିଲା ଗୋଟିଏ ଝାଡୁ । ସେ କିଛି ସମୟ ଧରି ପରଦାରେ କେମିତି ଏକ ବିଷର୍ଣ୍ଣ ଅବସ୍ଥାରେ ନାଚିଲା । ତାପରେ କାକୁତି ମିନତି ସ୍ୱରରେ କହିଲା , "ମୁଁ ଏବେ ବହୁତ ଛୋଟ । ମୋର ବିବାହ ବୟସ ହୋଇନି । ଦୟାକରି ମୋ ବିବାହ କରି ଦିଅନା ।"

ତହୁଁ ନେପଥ୍ୟରୁ ଏକ ପ୍ରେମଭରା କଅଁଳ ସ୍ୱର ଭାସି ଆସିଲା । "ସେମିତି କୁହନା । ମୁଁ ତୁମକୁ ବିବାହ କରିବି । ମୁଁ ଜଣେ ଉଚ୍ଚ ଶିକ୍ଷିତ ଯୁବକ । ମୋର ପ୍ରଚୁର ସଂପତ୍ତି ରହିଛି । ମୋ ବ୍ୟବସାୟ ଭଲ ଚାଲିଛି । ମୁଁ କଥା ଦେଉଛି, ମୁଁ ତୁମକୁ ଖୁବ୍ ଭଲରେ ରଖିବି । ତୁମର କିଛି ବି ଅସୁବିଧା ହେବ ନାହିଁ । ଯଦି ଚାହିଁବ , ତେବେ ବିବାହ ପରେ ବି ତୁମେ ପାଠ ପଢି ପାରିବ । ମୁଁ ଜମା ବାଧା ଦେବି ନାହିଁ । । "

ଏତକ ଶୁଣିବା ପରେ କାଠପୁତୁଳିଟି ଖୁସି ମନରେ ନାଚିଗଲା । ସେମିତି ନାଚିନାଚି ସେ ପରଦାରୁ ଦୂରେଇ ଗଲା ଧୀରେଧୀରେ । କିଛିକ୍ଷଣ ପରେ ସେ ପୁଣି ମଂଚକୁ ଆସିଲା । ଏଥର ତା ପୋଷାକରେ ଲେଖାଥିଲା.." ଶିକ୍ଷିତା ଗୃହିଣୀ" । କିଛି ସମୟ ପୂର୍ବବତ୍ ନାଚିଲା ଆଉ ଚାଲିଗଲା । ଏମିତି ତିନି ଚାରିଥର ଆସି ନାଚି ନାଚି ଚାଲିଗଲା ନେପଥ୍ୟକୁ ।

ଏଥର ସେ ପରଦାରେ ଆର୍ବିଭାବ ହେଲା ଏକ ଭିନ୍ନ ବେଶରେ । ବିଧବା ବେଶ । ଧଳା ଶାଢୀ । ମୁହଁ ଶୁଖି ଯାଇଥାଏ । ସଂଗୀତର କରୁଣ ମୂର୍ଚ୍ଛନା ପରିବେଶକୁ ଆହୁରି କରୁଣ କରି ଦେଉଥାଏ । ସେ ଭୂଇଁରେ ମଥା ପିଟି କାନ୍ଦିବାକୁ ଲାଗିଲା । କିଛି ସମୟ ବାହୁନିବା ପରେ ନେପଥ୍ୟରୁ ଭାସି ଆସିଲା ଏକ ନାରୀ ର ସ୍ୱର । "ଆରେ ଏମିତି ଭାଙ୍ଗି ପଡୁଛୁ କଣ ପାଇଁ ପାଗଳୀ ? ନିଜକୁ ସମ୍ଭାଳି ନେ । ଏବେ ତ ତୋତେ ନିଜେ ସବୁ କରିବାକୁ ପଡିବ । ତୁ ଶିକ୍ଷିତା । ତୋର ଭୟ କରିବାର କିଛି ନାହିଁ । ତୁ ସ୍ୱୟଂସିଦ୍ଧା । ତୋର କିଛି ଅସୁବିଧା ହେବ ନାହିଁ । ତୋ ଶିକ୍ଷା ଏବେ ତୋର କାମରେ ଆସିବ । ଏ ଆକସ୍ମିକ ବିପଦ ଆଉ ଅଚାନକ ଭଉଁରୀ ଭିତରୁ ତୋତେ ବାହାରି ଆସିବାକୁ ପଡିବ । ତୁ ପାରିବୁ ନିଶ୍ଚୟ । ଏବେ ତୋ ଭାଗ୍ୟ ବିଧାତା ତୁ ନିଜେ ।" ଏତକ ଶୁଣିବା ପରେ କାଠପୁତୁଳଟି କିଛି ସମୟ ଗମ୍ଭୀର ମୁଦ୍ରାରେ ରହି ମଂଚରୁ ଅପସରି ଗଲା । ଖେଳର ପରିସମାପ୍ତି ଘଟିଲା ।

"ମାଡାମ୍, ଯେଉଁ ସ୍କ୍ରିପ୍ଟ ଆପଣ ଲେଖି କରି ମୋତେ ଦେଇଥିଲେ, ସେହି ଅନୁସାରେ ଏ ଫିଲ୍ମଟି ପ୍ରସ୍ତୁତ ହୋଇ ପାରିଛି ତ ?" ବିନମ୍ର ସ୍ୱରରେ ପଚାରିଲେ ପ୍ରାଇଭେଟ୍ ସେକ୍ରେଟେରୀ ।

"ହଁ, ବିଲକୁଲ ସେମିତି ହୋଇ ପାରିଛି । ଧନ୍ୟବାଦ ।" ଏତକ କହି ମୀନାଦେବୀ ସୋଫାରୁ ଉଠି ସ୍ୱାମୀଙ୍କ ଚେୟାରରେ ଯାଇ ବସିପଡିଲେ ।

ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

ଭାରତର ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ମାନନୀୟ ମାର୍କଣ୍ଡେୟ କାଟ୍‌ଜୁ ସମଗ୍ର ଦେଶରେ ଦିନକୁ ଦିନ ବିବିଧ କ୍ଷେତ୍ରରେ ବଢୁଥିବା ଭ୍ରଷ୍ଟାଚାରକୁ ଦେଖି ଗଭୀର ମର୍ମାହତ ହୋଇ ନିଜର ପୀଡ଼ାକୁ ପ୍ରକାଶ କରିବା ପାଇଁ ଏକଦା ମନ୍ତବ୍ୟ ଦେଇଥିଲେ ଯେ - "ପ୍ରତ୍ୟେକ ଲୋକ ଆଜି ଦେଶକୁ ଗିଳିବାକୁ ଚାହୁଁଛନ୍ତି । ଭ୍ରଷ୍ଟାଚାରୀଙ୍କୁ ସାର୍ବଜନୀନ ବିଜୁଳିଖୁଣ୍ଟରେ ଝୁଲାଇ ଫାଶୀ ଦିଆଗଲେ ତହିଁରୁ ମୁକ୍ତି ମିଳନ୍ତା । କିନ୍ତୁ ଆମ ଦେଶରେ ନ୍ୟାୟପ୍ରଣାଳୀ ସେଥିପାଇଁ ମୋତେ ଅନୁମତି ଦେଉନାହିଁ । ଚୀନ୍ କିମ୍ବା ଆରବ ରାଷ୍ଟ୍ରରେ ପ୍ରଚଳିତ କଠୋର ନିୟମ କିମ୍ବା ଭୟଙ୍କର ଦଣ୍ଡବିଧାନର ବ୍ୟବସ୍ଥା ଆମ ସମ୍ବିଧାନରେ ନାହିଁ । ସେଥିଯୋଗୁଁ ହାକିମରୁ ତଳିଆ ପର୍ଯ୍ୟନ୍ତ ପ୍ରଶାସନର ସବୁଯାକ ସ୍ତର ଆଜି ଦୁର୍ନୀତିରେ ଆକଣ୍ଠ ବୁଡ଼ି ସାରିଛି । ଶୀର୍ଷ ଭ୍ରଷ୍ଟଦେଶମାନଙ୍କ ତାଲିକାରେ ଆମର ସ୍ଥାନ ସଂରକ୍ଷିତ ହୋଇଛି । ବିଜ୍ଞାନର ଦ୍ରୁତବିକାଶ ଏବଂ ଆର୍ଥିକ ଉଦାରୀକରଣ ମିଶି ନୈତିକତାର ପତନ କରିଚାଲିଛନ୍ତି ।"

ଏହି ବକ୍ତବ୍ୟ ସୂଚାଇ ଦିଏ ଯେ ଆମ ସମ୍ବିଧାନକୁ ଅବିଳମ୍ବେ ସଂଶୋଧନ କରି ଭ୍ରଷ୍ଟାଚାରୀ ପ୍ରମାଣିତ ବ୍ୟକ୍ତିଙ୍କୁ ଯଦି କଠୋର ଦଣ୍ଡବିଧାନ କରିବାର ବ୍ୟବସ୍ଥା ପ୍ରଣୟନ କରିପାରିବା, ହୁଏତ ଭ୍ରଷ୍ଟାଚାରର ଅଙ୍କୀକରଣ ହୋଇପାରେ । ଭ୍ରଷ୍ଟାଚାର ସଂପର୍କରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଆଜକୁ ୭୦ବର୍ଷ ପୂର୍ବେ ଦେଇଥିବା ମନ୍ତବ୍ୟ ଖୁବ୍ ପ୍ରଣିଧାନଯୋଗ୍ୟ । ପଣ୍ଡିତ ନେହେରୁଙ୍କ ମତରେ 'ଭ୍ରଷ୍ଟାଚାରୀଙ୍କୁ ରାସ୍ତାକଡ଼ର ବିଜୁଳିଖୁଣ୍ଟରେ ଝୁଲାଇ ଫାଶୀ ଦିଆଯିବା ଉଚିତ ।'

ସେହିଭଳି ଭାରତର ଅନ୍ୟତମ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କହିଥିଲେ, "ଭ୍ରଷ୍ଟାଚାର କେବଳ ଭାରତରେ ବ୍ୟାପ୍ତ ନୁହେଁ, ଏହା ହେଉଛି ଆନ୍ତର୍ରାଷ୍ଟ୍ରୀୟ ପରିଦୃଶ୍ୟ (International Phenomenon)ର ଏକ ଅଂଶବିଶେଷ ।" ସେହିଭଳି ଭାରତର ଅନ୍ୟତମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଥରେ ମନ୍ତବ୍ୟ ଦେଇ କହିଥିଲେ, "କେନ୍ଦ୍ରୀୟ ପାଣ୍ଠିରୁ ଜନକଲ୍ୟାଣ ପାଇଁ ଯେତେବେଳେ ଗୋଟିଏ ଟଙ୍କା ପଠାଯାଉଛି ତା'ର ମାତ୍ର ପନ୍ଦରପଇସା ହିତାଧିକାରୀ ପାଖରେ ପହଞ୍ଚୁଛି, ବାକିତକ ବାଟମାରଣା ହେଉଛି ।"

ଉପରୋକ୍ତ ତିନିଜଣ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟକୁ ତର୍ଜମା କଲେ ଆମେ ସ୍ଥିର ନିଶ୍ଚିତ ହୋଇପାରିବା ଯେ ଭ୍ରଷ୍ଟାଚାରର ବିଲୋପ କେବେ ସମ୍ଭବ ହୋଇନପାରେ । କେବଳ ଦଣ୍ଡବିଧାନର ଭୟ ସାଙ୍ଗକୁ ବ୍ୟକ୍ତିର ଅନ୍ତଃସ୍ଥଳକୁ ସ୍ୱଚ୍ଛ କରିବା ଦିଗରେ ସଚେତନତା ସୃଷ୍ଟି କରିପାରିଲେ ହୁଏତ ଭ୍ରଷ୍ଟାଚାରର ମାତ୍ରା ହ୍ରାସ ଘଟିପାରେ । ଏ ସଂପର୍କରେ ଭାରତର ଜନପ୍ରିୟ ରାଷ୍ଟ୍ରପତି ଡ.ଏ.ପି.ଜେ.ଅବଦୁଲ୍ କଲାମ ୨୦୦୫ମସିହାରେ ଦାର୍ଶନିକ ତଥା ଆଧ୍ୟାତ୍ମିକ ମନୀଷୀ ଆଚାର୍ଯ୍ୟ ମହାପ୍ରଜ୍ଞଙ୍କୁ ତାଙ୍କର ଜନ୍ମଦିନରେ ଅଭିନନ୍ଦନ ଜଣାଇବା ଅବସରରେ ଅନୁରୋଧ କରିଥିଲେ - ଦୈନନ୍ଦିନ ଜୀବନରୁ ଭ୍ରଷ୍ଟାଚାରକୁ କିପରି ଦୂରେଇ ହେବ ତା'ର ରାସ୍ତା ଖୋଜିବା ପାଇଁ । ଉତ୍ତରରେ ଆଚାର୍ଯ୍ୟ ମହାପ୍ରଜ୍ଞ କହିଥିଲେ, "ଭ୍ରଷ୍ଟାଚାରର ସଂପୂର୍ଣ୍ଣ ଉନ୍ମୂଳନ କୌଣସି ଯୁଗରେ ସମ୍ଭବ ନୁହେଁ । ଆମକୁ ତା'ର ପରିମାଣ ହ୍ରାସ କରିବାର ମାର୍ଗ ଖୋଜିବାକୁ ପଡ଼ିବ ।"

ଉକ୍ତ ମତ ଓ ମନ୍ତବ୍ୟରୁ ସ୍ପଷ୍ଟ ଭାବେ ପ୍ରମାଣିତ ହୁଏ ଜନଜୀବନର ଭ୍ରଷ୍ଟାଚାର ସଦା ବିଦ୍ୟମାନ । କେବଳ ପରିମାଣକୁ ଯଥାସମ୍ଭବ ହ୍ରାସ କରିବାରେ କଠୋର ଆଇନ୍‌ଗତ ପଦକ୍ଷେପ ସହ ଆତ୍ମସଚେତନ ସୃଷ୍ଟି ଏକାନ୍ତ ଜରୁରି । ଭ୍ରଷ୍ଟାଚାର ନିଶ୍ଚିତ ଏକ ସମ୍ବେଦନଶୀଳ ବ୍ୟାପାର । ରାଜନୀତିଠାରୁ ଆରମ୍ଭ ହୋଇ ପ୍ରଶାସନ ଯାଏଁ ସବୁଠି ଏହା କାୟା ବିସ୍ତାର କରିଚାଲିଛି । ବ୍ୟକ୍ତିର ଅସୀମ ଆକାଂକ୍ଷାର ପରିଣତି ଭ୍ରଷ୍ଟାଚାରର ରୂପ ନେଉଛି । ଉପଭୋଗବାଦୀ ମାନସିକତା ସହ ସୁବିଧାବାଦୀ ଦୃଷ୍ଟିକୋଣ ଏହାକୁ ବଳବତ୍ତର କରାଉଛି । ମଣିଷ ମଣିଷ ପ୍ରତି ସମ୍ବେଦନଶୀଳ ନ ହୋଇ ଅନୈତିକ ପନ୍ଥାକୁ ଅବଲମ୍ବନ କରି ସାତପୁରୁଷ ପାଇଁ ସଞ୍ଚୟ ପରେ ଅଷ୍ଟମ ପୁରୁଷ ପାଇଁ ମଧ୍ୟ ସଞ୍ଚୟ କରିବାର ମାନସିକତା ରଖି ଯାବତୀୟ ଭ୍ରଷ୍ଟାଚାର ବା ଅସତ୍‌ପନ୍ଥାକୁ ଆପଣେଇବାକୁ ପଛାଉ ନାହିଁ । ଫଳରେ ସୁସ୍ଥ ଓ ସମନ୍ୱୟ ସଂସ୍କାରୀ ସମାଜଜୀବନ ଆସିବ କେଉଁଠୁ ? ଅନନ୍ତ କାମନାର ଚରିତାର୍ଥ ପାଇଁ ଏହାକୁ ଅଭ୍ୟାସରେ ପକାଇ ଦେଉଛି । ବ୍ୟବସ୍ଥାର ଦୁରୁପଯୋଗ କରି ଏଥିରେ ସେ ସଫଳ ହେଉଛି । ପରିଣତିରେ ସାମାଜିକ ଅବକ୍ଷୟ ଚିନ୍ତାଜନକ ସ୍ଥିତିରେ ପହଞ୍ଚୁଛି । ଆପଣାର ଭୋଗବାଦୀ ମାନସିକତା ଅମାନବୀୟ ସାଧନାକୁ ପ୍ରୋତ୍ସାହିତ କରାଉଛି । ଏହା ଅନୀତିଜନିତ ଶୋଷଣରେ ଉପାର୍ଜିତ ଅର୍ଥାର୍ଜନ । ନୈତିକତାକୁ ବଳି ପକାଇ ଅର୍ଥ ଉପାର୍ଜନର ମାର୍ଗ ଆପଣେଇବାର ପ୍ରକ୍ରିୟା ପ୍ରାବଲ୍ୟ ହେଉଛି । ଅତ୍ୟଧିକ ସଂଗ୍ରହ ଓ ଉପଭୋଗର ମାନସିକତା ବ୍ୟକ୍ତିକୁ ସ୍ୱାର୍ଥାନ୍ୱେଷୀ କରାଉଛି । ସେ ଯଦି ଅଳୀକ ଜୀବନଯାତ୍ରାର ଅସଲ ରହସ୍ୟକୁ ଜାଣି ପାରନ୍ତା ତେବେ ନୈତିକ ସ୍ଖଳନରୁ ନିବୃତ୍ତ ହୁଅନ୍ତା । ଏଥିପାଇଁ ଆମ ଶିକ୍ଷାପଦ୍ଧତିରେ ବ୍ୟକ୍ତି ଅନ୍ତଃଚେତନାକୁ ଆନ୍ଦୋଳିତ କଲାଭଳି ବିଷୟବସ୍ତୁକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ମଧ୍ୟ ରହିଛି । ଫଳରେ କିଛିକାଂଶରେ ବ୍ୟକ୍ତି ମଧ୍ୟରେ ଶୃଙ୍ଖଳା ଆସିବ ଏବଂ ନୀତିହୀନ କାର୍ଯ୍ୟଠାରୁ ଦୂରେଇ ରହିପାରିବ ।

ମନରେ କରୁଣାର ଜାଗ୍ରତ ବିନା ସମ୍ବେଦନା ସୃଷ୍ଟି ହେବନାହିଁ । ଦୁର୍ବାର ଆକାଂକ୍ଷା କ୍ରୁରତାକୁ ପ୍ରୋତ୍ସାହନ ଯୋଗାଉଛି । ଇନ୍ଦ୍ରିୟାସକ୍ତ ପରିଣାମ ହିଂସା, ଦ୍ୱେଷ, ହତ୍ୟା, ଲୁଟ୍‌ତରାଜ ସହ ଅନୀତିପଥକୁ ପ୍ରରୋଚନା ଯୋଗାଉଛି । ଅନ୍ୟର ଅଭାବ ଅସୁବିଧା ଅଥବା ସମସ୍ୟା ପ୍ରତି ଆମର ସମ୍ବେଦନା ରହୁନାହିଁ । Antibody ପ୍ରତିରୋଧାତ୍ମକ ଶକ୍ତି ଜାତ ହେବା ଦିଗରେ ଭାବାତ୍ମକତା ସହ ବୌଦ୍ଧିକ ବିକାଶର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ । ଅତ୍ୟଧିକ ବିଳାସବ୍ୟସନର ମାନସିକତା ବ୍ୟକ୍ତିକୁ ସଦା ଭ୍ରଷ୍ଟାଚାରୀ କରାଇଥାଏ । ମହାନ୍ ଅର୍ଥଶାସ୍ତ୍ରୀ କୌଟିଲ୍ୟଙ୍କ ମତ ଅନୁଯାୟୀ - "ସତ୍ ଉପାୟରେ ଅର୍ଜିତ ଧନ(ଅର୍ଥ)ଅନ୍ୟାୟ ମାର୍ଗରେ ଅର୍ଜିତ ଧନ ଅର୍ଥାଭ୍ୟାସ । ଏହା ଦାରିଦ୍ର୍ୟ, ସାମାଜିକ କୁବ୍ୟବସ୍ଥାର ପରିଣତି । ଏହା ଈଶ୍ୱରଙ୍କ ସୃଷ୍ଟ ନୁହେଁ । ସମାଜ ଓ ଶାସକ ଏହାର ସ୍ରଷ୍ଟା । ଅଭାବ ଯେପରି ସମାଜ ଜୀବନ ପାଇଁ କଳଙ୍କ ଅତି ସୁବିଧାବାଦୀ ଓ ଉପଭୋକ୍ତାବାଦୀ ମାନସିକତା ସହ ଅଧିକ ବିଳାସବ୍ୟସନ ହିଁ ସମାଜ ପାଇଁ ଅଭିଶାପ ସଦୃଶ । ନେତୃତ୍ୱକୁ ଏ ଦିଗରେ ସଚେତନ ହେବାକୁ ପଡ଼ିବ । ଏହା ଯେ ସ୍ୱାଭାବିକ, ସାର୍ବଜନୀନ ପରିଦୃଶ୍ୟ ବୋଲି କହିଦେଲେ ବରଂ ଭ୍ରଷ୍ଟାଚାର କାୟା ବିସ୍ତାର କରିବ ।"

ଭାରତର ଏକଦା ନିର୍ବାଚନ କମିଶନ ଥିବା ଟି.ଏନ୍. ଶେଷାନ୍, ଖୈରନାର, ଆନ୍ନାହଜାରେଙ୍କ ଭଳି ଅନେକ ବ୍ୟକ୍ତି ଜନଆନ୍ଦୋଳନ ଜରିଆରେ ଏ ଦିଗରେ ସଚେତନା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ । ତେବେ ଭ୍ରଷ୍ଟାଚାର ଥିଲା, ଅଛି, ରହିବ, ଏମିତି କହିଦବା ଅବାସ୍ତବ । ଏହାର ପରିମାଣକୁ କ୍ରମଶଃ ହ୍ରାସ ପାଇଁ ପ୍ରଚେଷ୍ଟା ଜାରି ରହିବା ଦରକାର । ମୁଖ୍ୟତଃ ସର୍ବୋଚ୍ଚ ସ୍ତରରେ ଯଦି ନିର୍ମଳ ଭାବମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ଭ୍ରଷ୍ଟାଚାର ଦମନ ପ୍ରକ୍ରିୟା ଆରମ୍ଭ ହେବ ତାହା କ୍ରମଶଃ ତଳସ୍ତରରେ ପ୍ରତିଫଳିତ ହେବ । ଉପରର ଅଳିଆ ଆବର୍ଜନା ସଫା ହୋଇଗଲେ ତଳ ସୋପାନ ସଫା ହୋଇଯିବ । ଭାବନାତ୍ମକ ପରିବର୍ତ୍ତନ ସହ ଭୟଙ୍କର ଦଣ୍ଡବିଧାନ ପ୍ରଣୟନ ହିଁ ଭ୍ରଷ୍ଟାଚାରକୁ ଅଙ୍କୀକରଣ କରାଇପାରିବ ।

## ଚିନ୍ତା ଅନୁଚିନ୍ତା (୨୦)

# ଭୟଙ୍କର ଦଣ୍ଡବିଧାନ ଭ୍ରଷ୍ଟାଚାରକୁ ଅଙ୍କୀକରଣ କରାଇପାରେ ?

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।



ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

## ପ୍ରେମରେ ପ୍ରେମରେ ଗୀତି ....(୧୩)



■ ବିପିନ ମହାନ୍ତି
୩୩, ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ଅନ୍ଧାର ଯିବ ଚାଲି ॥

ଆସିବୁ ଯଦି ଗାଆଁକୁ ମୋର
ପ୍ରିୟା ତୁ ଥରେ ବୁଲି,
ମୋ' ଗାଆଁର ପାଣି ପବନେ
ତୋ' ଗାଆଁ ଯିବୁ ଭୁଲି ।

ମୋ' ଗାଆଁର ଫଗୁଣ ତୋ'ର
ବାଟରେ ହେବ ଦେଖା,
ମୋ' ଗାଆଁର ଫୁଲେ ଫୁଲେରେ
ତୋ' ନାଆଁ ଥି ଲେଖା,
ବଉଳିଥିବ ମୋ' ଗାଆଁ ମନ
ତୁ ଆସିବୁ ବୋଲି ।

ମୋ' ଗାଆଁର ଜହ୍ନ ସାଥିରେ
ହେବ ଲୋ ତୋ'ର ଭାବ,
କୁଆଁରୀ ଦିନ କାଉଁରି ମନ
ତୋ' ବନ୍ଧା ପଡ଼ିଯିବ,
ପାଛୋଟି ନେବ ମୋ' ଗାଆଁ
ତୋ'ତେ ସଂଜ ଦୀପାଳି ଜାଳି,
ପିନ୍ଧାଇ ଦେବ ଶଙ୍ଖା ସିନ୍ଦୂର ପକାଇ ହୁଳହୁଳି,
ତୁ ଆସିଲେ ମୋ' ଗାଆଁରୁ ଅନ୍ଧାର ଯିବ ଚାଲି ।

## କଥା କିଞ୍ଚିତ

# ଦୁଃଖସୁଖର ଜୀବନ

■ ଅଧ୍ୟାପକ ବିଶ୍ୱରଂଜନ



ରାତିର ଅନ୍ଧାର ଗାଢ଼ ନହେଲେ ଦିନର ଆଲୁଅ ସମ୍ଭବ ନୁହେଁ । ଅନ୍ଧାର ପରେ ଆଲୁଅ, ରାତି ପରେ ଦିନ ପରି ଦୁଃଖସୁଖର ଏ ଜୀବନ । ଦେଖିବାକୁ ଗଲେ ଦୁଃଖ ବୋଲି କିଛି ନାହିଁ କି ସୁଖ ବୋଲି କିଛି ନାହିଁ । 'ସୁଖ ବୋଲି ଯାହା ଜନନେତ୍ରେ ଦିଶେ, ହାତେ ଆସେ ହାତୁ ପଡ଼ିବା ପାଇଁ ସେ । କହିଗଲେ କବିବର ରାଧାନାଥ । ଆମ ସମୟରେ ଆଉ ଜଣେ କବି (କମଳାକାନ୍ତ ଲେଙ୍କା) ଲେଖିଲେ 'ଦୁଃଖ ବୋଲି କିଛି ତ ନାହିଁ, ଦୁଃଖ ଖାଲି ଅଭାବୀ କଳ୍ପନା ।" ଦୁଃଖର ଦହନରେ ହେଉ କି କବିତାର ସୁଖରେ ହେଉ ସେ ବି କେବେଠୁ ବିଦାୟ ନେଇଗଲେଣି ଆମ ଗହଣରୁ । ଶୁଣିବାକୁ ପାଇଥିଲି ତାଙ୍କର ବିଦାୟ ଥିଲା ସ୍ୱେଚ୍ଛାକୃତ । କ'ଣ କଳ୍ପିତ ସୁଖକୁ ନ ପାଇବାର ଦୁଃଖରେ ନା ଦୁଃଖକୁ ଡରି କବି ପଳେଇଗଲେ ? ଆମେ ସମସ୍ତେ ଦୁଃଖକୁ ଡରୁ । ଦୁଃଖଠାରୁ ଦୂରରେ ରହିବାକୁ ଚାହୁଁ । ଯେ ପର୍ଯ୍ୟନ୍ତ ଆମେ ଦୁଃଖକୁ ଡରୁଥିବା ସେ ପର୍ଯ୍ୟନ୍ତ ଦୁଃଖୀ ହୋଇ ରହିଥିବା । କାରଣ ଯାହାକୁ ଆମେ ଭୟ କରିବା, ତାକୁ ଠିକ୍ ବୁଝି ପାରିବା ନାହିଁ । ଜାଣି ପାରିବା ନାହିଁ । ଦୁଃଖକୁ ଚିହ୍ନିବାରେ ହିଁ ଦୁଃଖର ଅବସାନ ଘଟେ । ଦୁଃଖ ସହିତ ହାତ ମିଳେଇଦେଲେ, ଦୁଃଖ ଆଉ ଦୁଃଖ ହୋଇ ରହିବ ନାହିଁ । ଦୁଃଖଠାରୁ ଦଉଡ଼ି ପଳେଇବାର ଉଦ୍ୟମ ହିଁ ବ୍ୟର୍ଥ । ସେ ତୁମ ପିଛା ଛାଡ଼ିବ ନାହିଁ । ଛାଇ ଭଳି ସେ ତୁମ ପଛେ ପଛେ ଗୋଡ଼ାଇ ଥିବ । ଦୁଃଖ ଅଛି ଆମ ଜୀବନ ଶୈଳୀରେ । ତେଣୁ ଆମେ ଯେତେ ଯୁଆଡ଼େ ଗଲେ ବି ଦୁଃଖ ପହଂଚିଯିବ ଆମ ପାଖରେ ।

ମନେ ପଡୁଛି ଗୋଟିଏ କାହାଣୀ । ଏ କାହାଣୀ ବର୍ଣ୍ଣିତ ଚରିତ୍ରଟି ଖୁବ୍ ଡରୁଥିବା ନିଜ ଛାଇକୁ । ଛାଇର ଭୟରେ ସେ ଦଉଡ଼ିବାକୁ ଆରମ୍ଭ କଲା । ଭାବୁଥିଲା ଦୂରକୁ ଦୌଡ଼ି ପଳେଇଲେ ଛାଇ କବଳରୁ ମୁକ୍ତି ମିଳିଯିବ । ମାତ୍ର ହାୟ ! ଯେତେ ଜୋରରେ ଦୌଡ଼ିଲେ ଓ ଯେତେ ଦୂରକୁ ଗଲେ ବି ଛାଇ ତା ପଛେ ପଛେ ଦୌଡୁଥିଲା । ଦୌଡ଼ିବା ବଦଳରେ ସେ ଯଦି କୌଣସି ଗଛର ଛାଇ ତଳେ ବସି ଯାଇଥାଆନ୍ତା, ତାହେଲେ ଛାଇ କୁଆଡ଼େ ପଳେଇ ଥାଆନ୍ତା । ମାତ୍ର ସେ ବୁଝିପାରୁ ନଥିଲା ଯେ, ତମେ ଯାହାକୁ ଭୟ କରି ପଳାତକ ସାଜିବ, ସେ ତମ ପିଛା ଧରି ତୁମକୁ ଆହୁରି ଭୟଭୀତ କରାଇବ । ନିଜ ଛାଇ ଭଳି ଦୁଃଖ ମଧ୍ୟ ନିଜ ଭିତରର କଥା । ଆମେ ନିଜେ ନିଜ ଦୁଃଖର କର୍ତ୍ତା । ଦୁଃଖ ବାହାରେ ନାହିଁ । ଆମ ବଂଚିବାର ଶୈଳୀରେ ହିଁ ରହିଛି ଦୁଃଖ ।

ଦାର୍ଶନିକ ଓଶୋଙ୍କର ଗୋଟିଏ କାହାଣୀ । ଜଣେ ଫକୀର ଥିଲେ । ତାଙ୍କ ପାଖକୁ ଜଣେ ଲୋକ ଦେଖା କରିବାକୁ ଆସିଲେ । ସେ ଭୀଷଣ କ୍ରୋଧରେ ଥିଲା । ଘରେ ବୋଧହୁଏ ସ୍ତ୍ରୀ ସହିତ ପାଟିତୁଣ୍ଡ ହୋଇଥିଲା । କ୍ରୋଧଜର୍ଜର ଅବସ୍ଥାରେ ଚାଲିଆସିଲା । ଆସି ପହଂଚିବା ପରେ ସେ କବାଟ ଏତେ ଜୋରରେ ଖୋଲିଲା ଯେ, କବାଟ ପିଟି ହୋଇଗଲା କାନ୍ଥରେ । ପାଦରୁ ଜୋତା ମଧ୍ୟ ରାଗ ତମତମ ହୋଇ କାଢ଼ି ଫିଙ୍ଗିଦେଲା । ଭିତରକୁ ଗଲା । ଫକୀରଙ୍କୁ ମୁଣ୍ଡ ନୁଆଇଁ ନମସ୍କାର କଲା । ଫକୀର କହିଲେ- 'ତୋ ନମସ୍କାରକୁ ମୁଁ ସ୍ୱୀକାର କରୁନାହିଁ । ତୁ ପ୍ରଥମେ ଯାଇ ସେ କବାଟକୁ କ୍ଷମା ମାଗ୍ । ତାପରେ ସେ ଜୋତା ଉପରେ ମୁଣ୍ଡ ରଖି କ୍ଷମା ମାଗ୍ ।' ସେ ଲୋକ କହିଲା, 'ଆପଣ କି ପ୍ରକାର କଥା କହୁଛନ୍ତି ? ସେ କବାଟରେ କ'ଣ ଜୀବନ ଅଛି ଯେ ମୁଁ ତାକୁ କ୍ଷମା ମାଗିବି ? ଜୋତାରେ କ'ଣ ପ୍ରାଣ ଅଛି ଯେ ମୁଁ ଜୋତାକୁ କ୍ଷମା ମାଗିବି ? ଫକୀର ଜଣକ କହିଲେ, ତୋର ଯଦି ଏତେ ଜ୍ଞାନ, ତାହେଲେ ସେ କବାଟ ଉପରେ, ଜୋତା ଉପରେ କାହିଁକି ତୋର କ୍ରୋଧ ପ୍ରକାଶ କରୁଥିଲୁ ? କବାଟକୁ ଏତେ ଜୋରରେ ଧକ୍କା କାହିଁକି ଦେଉଥିଲୁ ? କବାଟ କ'ଣ ତୋର ସ୍ତ୍ରୀ ? "ତୁ ଯା-ଯଦି ତୋ ରାଗ ଶୁଝେଇବା ପାଇଁ କବାଟ ଓ ଜୋତାରେ ଜୀବନ ଅଛି ବୋଲି ଧରିନେଲୁ, ତାହେଲେ ସେମାନଙ୍କ ପାଖରୁ କ୍ଷମା ମାଗିବାରେ ଏତେ କୁଣ୍ଠା କାହିଁକି ?"

କ୍ରୋଧୀ ଲୋକଟି କଥାର ମର୍ମ ବୁଝିଲା । ସେ ଫକୀରଙ୍କ କଥା ମାନି କବାଟକୁ ଯାଇ କ୍ଷମା ମାଗିଲା ଏବଂ ଜୋତା ଉପରେ ମୁଣ୍ଡ ରଖିଲା । କହିଲା, "ମୋତେ ଏତେ ଶାନ୍ତି କେବେ ମିଳି ନଥିଲା । ଜୋତା ଉପରେ ମୁଣ୍ଡ ରଖିଲା ବେଳେ, ମୋର ଜ୍ଞାନ ଉଦୟ ହେଲା ଯେ, ଦୋଷ ମୋ ପାଖରେ ଅଛି ।" (କ୍ରମଶଃ)

+ ପ୍ଲଟ ନଂ- ୧୯୯, କଂସାରୀଝର
ନିକଟ, ୟୁନିଟ-୬, ଭୁବନେଶ୍ୱର
(ମୋ) ୮୭୬୩୨୩୬୨୧୨



# ॥ ଦାଦା ଠାକୁର୍ ॥

● ଦୀପକ ରଂଜନ ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ରାତ୍ରୀର ଅନ୍ଧକାର ଭିତରେ ବାହାରି ଆସିଲା ବେଳେ ଖୁବ୍ ଶୁନ୍‌ଶାନ୍ ଲାଗୁଥାଏ ଗାଁ । ଫେରିଘାଟ ପାଖରେ ନିଜ ଦୋକାନକୁ ଆସନ୍ତି । ସେଇଠି ଅପେକ୍ଷା କରି ରହିଥାଏ ଫକୀର ମାଝି । ଆଜି ଦିନସାରା ତା ଆଖିରେ ଲହଡ଼ି ଭାଙ୍ଗୁଛି ଲୁହ । ତା' ଅତି ଆପଣାର ଦାଦା ଠାକୁର ତାକୁ ଛାଡ଼ି ଚାଲଯାଉଛନ୍ତି । କିଏ ଆଉ ବୁଝିବ ତା' ଦୁଃଖ । ଦିନସାରା ଅକ୍ଳାନ୍ତ ପରିଶ୍ରମ କରି ଏଇ ଦୋକାନ ଆଗରେ ବସି ପଡ଼ିଲେ ଯେମିତି ତାର ଅଧା କ୍ଳାନ୍ତି ଦୂରେଇଯାଏ । ଆଉ ଦାଦା ଠାକୁରଙ୍କ ହାତରନ୍ଧା ତ ଅମୃତ ଠୁଁ ବଳି । ଲକ୍ଷ୍ମଣଙ୍କୁ ଡଙ୍ଗାରେ ବସେଇ ଭୈରବ ନଦୀ ପାରି କରିଦେଇ ଷ୍ଟେସନ ପର୍ଯ୍ୟନ୍ତ ତାଙ୍କ ସାଙ୍ଗରେ ଯାଏ । ଆଉ ବିଦାୟ ବେଳାରେ କୁଣ୍ଢେଇ ପକାଇ ଢେର କାନ୍ଦେ । ଗାଡ଼ିରେ ସୋରିଷ ପକାଇବାକୁ ଯାଗା ନାହିଁ । ଭିତରେ ଯେତିକି ଛାତ ଉପରେ ବି ସେମିତି ଲୋକ ଖୁନ୍ଦାଖୁନ୍ଦି ହୋଇ ବସିଥାନ୍ତି । ମଣିଦା' ଓ ସୁକୁମାରଙ୍କୁ ଖୋଜିବାକୁ ଆଉ ବେଳ ନାହିଁ । ସେମାନେ ନିଶ୍ଚିତ ଗାଡ଼ିରେ କୋଉଠି ଥିବେ ବୋଲି ଭାବି ସିଏ ବି ଠେଲିପେଲି ଚଢ଼ି ଯାଆନ୍ତି ଭିତରକୁ । ସିଆଲ୍‌ଦା'ରେ ଆସି ଓହ୍ଲାନ୍ତି । ପ୍ଲାଟଫର୍ମରେ ଲୋକ ଭର୍ତ୍ତି । ଶରଣାର୍ଥୀଙ୍କର ନାହିଁ ନଥିବା ଦୁର୍ଦ୍ଦଶା । କେହି ସେମାନଙ୍କ ସୁବିଧା ଅସୁବିଧା ପ୍ରତି ଆଦୌ ଦୃଷ୍ଟି ବି ଦେଉ ନଥାନ୍ତି । କି ଅଜବ୍ ସ୍ୱାଧୀନତାରେ ବାବା ! ଏହାଠୁଁ ତ ବ୍ରିଟିଶ୍ ଶାସନ ଶତଗୁଣେ ଭଲ ଥିଲା । ରାତିଟି ସେଇଠି କଟେଇ ଦିଅନ୍ତି । ତା' ପରଦିନ ମେଟ୍ରିକ୍ ରେଜଲ୍ଟର ଗେଜେଟ୍ ବିକ୍ରି ହୁଏ ଖବରକାଗଜ ସହ । ଲକ୍ଷ୍ମଣ ମିଶ୍ର ଭଲ ନମ୍ବର ରଖି ପାଶ୍ କରିଥାନ୍ତି । ହେଲେ ଯେତିକି ଖୁସି ଲାଗିବା କଥା ସେତିକି ଲାଗେନି । ଏକା କ'ଣ ହସି ହୁଏ ? ଆନନ୍ଦ ଉପଭୋଗ କରିହୁଏ ? ସେସବୁ ପାଇଁ ପରା ବନ୍ଧୁଙ୍କ ମେଳ ନିହାତି ଆବଶ୍ୟକ । ସନତ୍ ମାମାଙ୍କ ଘରକୁ ଯିବା ଉଚିତ୍ ହେବ । ସିଏ ପରୀକ୍ଷା ପାଇଁ ଫର୍ମ ପୂରଣ କରିଦେଇଥିଲେ ବୋଲି ସିନା ଆଜି ମେଟ୍ରିକ୍ ପାଶ୍ କରିବାର ସୌଭାଗ୍ୟ ପାଇଛନ୍ତି । ତାଙ୍କ ପୁଅ ବି ପାଶ୍ କରିଥିବାରୁ ଘର ଥାଏ ଉତ୍ସବ ମୁଖର । ଲକ୍ଷ୍ମଣଙ୍କ ବିଷୟ ବି ଆଲୋଚନା ହେଉଥାଏ ସେଇଠି । ଏତିକିବେଳେ ଇୟେ ଯାଇ ପହଞ୍ଚିଯାଆନ୍ତି ତାଙ୍କ ଘରେ । ସମସ୍ତେ ଭାରି ଖୁସି ହୋଇଯାଆନ୍ତି । ଆଡ୍‌ଭୋକେଟ୍ ସନତ୍ ମିତ୍ର କୃତିତ୍ୱ ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ପାଇଁ ମଧ୍ୟ କଲେଜ୍‌ରୁ ଫର୍ମ ନେଇ ଆସିଥିବା କଥା କହନ୍ତି । ଯାହେଉ ସେ ପଳେଇ ଆସିଛନ୍ତି ଆଦିଲ୍‌ପୁର ଛାଡ଼ି । ଆଉ କୁଆଡ଼େ ଯିବା କି କୌଣସି କଥା ଚିନ୍ତା କରିବାର ତାଙ୍କର ଦରକାର ନାହିଁ । ଏଇଠି ଘରେ ରହି କଲେଜରେ ପଢ଼ିବେ । ହଁ ବିଜ୍ଞାନ ପଢ଼ିବାକୁ ଇଚ୍ଛା ଥିଲା ପରା ତାଙ୍କର । ସେଇ ବିଜ୍ଞାନ ପାଇଁ ହିଁ ଫର୍ମ ଆଣିଛନ୍ତି ।

ଲକ୍ଷ୍ମଣ ଏତେ ସ୍ନେହ ଆଦର ଦେଖି ସ୍ତମ୍ଭୀଭୂତ ହୋଇଯାଆନ୍ତି । ଏ ପରିବାର କେତେ ସ୍ନେହୀ ! ଇୟେ ଜମିଦାର ଘର ମାମିମା'ଙ୍କ ସାନଭାଇ । ଏଇ ପରିବାରର ସମସ୍ତେ ଖୁବ୍ ଆପଣାର ଲାଗନ୍ତି । କିନ୍ତୁ ସେଇ ସମୟରେ ବାପାଙ୍କ କଥା ଆସି କାନ ପରଦାରେ ପିଟି ହୁଏ । "ତୁ ବକଟେ ପିଲା, ଛାତ୍ରାବାସରେ ରହି କ'ଣ ନିଜ କାମ ନିଜେ କରିପାରିବୁ ? ତୋର ପଢ଼ିବା ଦରକାର ନାହିଁ ।" ପ୍ରତ୍ୟେକ ବିପରୀତ ପରିସ୍ଥିତିରେ ବାପାଙ୍କର ଏଇ କଥା ତାଙ୍କର ପ୍ରତିଜ୍ଞା ବିଷୟରେ ସ୍ମରଣ କରେଇ ଦେବାକୁ ଯଥେଷ୍ଟ । ତାଙ୍କୁ ଉପରକୁ ଉଠିବାର ଅଛି । ଖୁବ୍ ଉଚ୍ଚକୁ । ହେଲେ କାହାରି ସହାୟତା ବିନା । ସେଇଥିପାଇଁ ତ ବାରବର୍ଷ ବୟସରେ ଘର ଛାଡ଼ି ସେ ପରଦେଶୀ ସାଜିଛନ୍ତି । ତେବେ ଏଇ ମିତ୍ର ପରିବାରର ଆତ୍ମୀୟତା ଓ ଆଗ୍ରହକୁ ଏଡ଼ାଇ ଯିବେ କେମିତି ? କିଛି ସମୟ ମୌନ ରହିବା ପରେ ହଠାତ୍ ସେ ଦୁଇଦିନ ସମୟ ମାଗନ୍ତି ନିଷ୍ପତ୍ତି କରିବା ପାଇଁ । ସମୟର ଆବଶ୍ୟକତା କ'ଣ ବୋଲି ପଚାରନ୍ତି ସନତ୍‌ମାମା । ସେ ଗୋଟେ ଚାକିରି ଯୋଗାଡ଼ ହେଲେ ଯାଇ ଆଗକୁ ପାଠ ପଢ଼ି ପାରିବେ । ଏଭଳି ମୂର୍ଖାମୀ ଛାଡ଼ିବା ପାଇଁ ଯେତେ କହିଲେ ବି ସେ ମାନିବାକୁ ନାରାଜ୍ । ଶେଷକୁ ମାମା ରାଗିଯାଇ ଫର୍ମକୁ ଫିଙ୍ଗିଦେଇ କହନ୍ତି, "ଠିକ୍ ଅଛି । ତୁମର ଆଉ ଦୁଇଦିନ ପରେ ଏଠାକୁ ଆସିବାର ଦରକାର ନାହିଁ । ତୁମେ ଚାକିରି ଖୋଜ । କାହାଘରେ ଛୁଆଧର କିମ୍ବା କାହାର ରୋଷେଇ କର । ତୁମ ସହ ଆମର କୌଣସି ସମ୍ପର୍କ ନାହିଁ ।"

ସେଇଠୁ ଚାଲିଆସିବା ପରେ ବାରଦ୍ୱାର ଶୁଣ୍ଢିପିଣ୍ଡା ହେବାକୁ ପଡ଼େ ଲକ୍ଷ୍ମଣଙ୍କୁ । ପାଖରେ ଥିବା ପଇସା କିଛିଦିନ ଭିତରେ ସରିଯାଏ । ଲକ୍ଷ ଲକ୍ଷ ଶରଣାର୍ଥୀ ବୁଲୁଛନ୍ତି କଲିକତାର ରାଜରାସ୍ତାରେ । ଚାକିରି ଟିଏ ମିଳିବା ସମ୍ଭବ ହୋଇ ପାରେନି । ତଥାପି ସେ ମୁଣ୍ଡ ନୁଆଁଇବା ଲୋକ ନୁହେଁ କାହା ଆଗରେ । ଆଦିଲ୍‌ପୁରର କେତେଜଣ ପରିଚିତଙ୍କ ସହ ବି ସାକ୍ଷାତ ହୁଏ । କିନ୍ତୁ ସମସ୍ତେ ଥାଆନ୍ତି ସେଇଭଳି ଦୁରବସ୍ଥାରେ । ଖୁବ୍ ଆତ୍ମୀୟ ସମ୍ପର୍କ ଥିଲେ ସୁଦ୍ଧା କେହି କାହାକୁ ସାହାଯ୍ୟ କରିବା ସମ୍ଭବ



ନଥାଏ । ଅନାହାରରେ କେବଳ ନଳରୁ ପାଣି ପିଇ ଦିନ କଟିବାକୁ ପଡ଼େ । ସେତେବେଳେ ଲକ୍ଷ୍ମଣଙ୍କ ସ୍ମରଣକୁ ଆସନ୍ତି ବଙ୍ଗବୀର ଯତୀନ୍ ଦାସ । ଯଦି ଆପଣା ଦେଶମାତୃକାର ସ୍ୱାଧୀନତା ପାଇଁ ଲଢ଼େଇ କରି ଯତୀନ୍ ଦାସ ଲାହୋର ସେଣ୍ଟ୍ରାଲ୍ ଜେଲ୍‌ରେ ୬୩ ଦିନ ପର୍ଯ୍ୟନ୍ତ ନଖାଇ ନପିଇ ଶୁଖି ଶୁଖି ଦେହତ୍ୟାଗ କଲେ ତେବେ ଇୟେ କ'ଣ କିଛିଦିନ ଆପଣା ଆତ୍ମସମ୍ମାନକୁ ଅକ୍ଷୁଣ୍ଣ ରଖି ପାରିବେନି ? ଯା'ଙ୍କ ପାଖରେ ତ ପିଇବା ପାଇଁ କଳର ପାଣି ରହିଛି ପ୍ରଚୁର ମାତ୍ରାରେ । କିଛିଦିନର ହଠଯୋଗ ପରେ ଦିନେ ସାଂଘାତିକ୍ ଅବସ୍ଥା । ଅତ୍ୟଧିକ ଦୁର୍ବଳତା ଯୋଗୁଁ ଉଠିବାକୁ ଆଉ ବଳ ପାଉ ନଥାଏ । ଗୋଟେ ବ୍ରିଜ୍ ତଳେ ଚାଦରଟି ଘୋଡ଼େଇ ହୋଇ ଶୋଇ ରହିଥାନ୍ତି । ଛାଇ ନିଦ ଲାଗିଛି କି ନାହିଁ ଗୋଟେ ସ୍ୱପ୍ନ ଦେଖନ୍ତି । ଅନ୍ଧୁଣୀ ମାସୀମା' ତାଙ୍କ ମୁଣ୍ଡଟିକୁ ନିଜ କୋଳ ଉପରେ ରଖି ଆଉଁଶି ଦେଉଛନ୍ତି । ଆଖିରୁ ତାଙ୍କର ବୋହି ଯାଉଛି ଧାର ଧାର ଲୁହ । ତାଙ୍କର ଅଭିଯୋଗ ସେ କାହିଁକି କଲିକତା ଆସିଲା ପରେ ତାଙ୍କୁ ଦେଖା କରିବାକୁ ଗଲେନାହିଁ । ଅଟକି ଅଟକି କହୁଥାନ୍ତି, "ମା'ଟିଏ କ'ଣ କେବେହେଲେ ପୁଅର ଦୁଃଖ ଦେଖି ପାରିବ ? ମୁଁ ତୁମ ନିଜ ମା' ନୁହେଁ ବୋଲି ବୋଧେ ତୁମର ଏଇ ଅବିଚାର ବାବା । ଥରୁଟିଏ ମୋ ପାଖକୁ ଆସିଥାନ୍ତ । ଏଇ ଅନ୍ଧୁଣୀ ମା' ପ୍ରତି ଟିକେ ତ ଦୟା କର ।" ହଠାତ୍ ନିଦ ଭାଙ୍ଗିଯାଏ ତାଙ୍କର । ନା, ତାଙ୍କୁ ମାସୀମା'ଙ୍କୁ ଦେଖା କରିବାକୁ ବାଲିଗଞ୍ଜ ନିହାତି ଯିବାକୁ ପଡ଼ିବ । ହେଲେ ବାଲିଗଞ୍ଜ ଯେ ସେଠାରୁ ବହୁତ ଦୂର । ଭୋକର ଜ୍ୱାଳାରେ ମରିବାକୁ ଯାଉଥିବା ଲୋକଟି ପାଖରେ ଗାଡ଼ିଭଡ଼ା ପାଇଁ ପଇସା କାହିଁ । ସିଏ କଳରୁ ପାଣି ପେଟେ ପିଇ ସେଠାକୁ ଚାଲି ଚାଲି ଯିବାପାଇଁ ମନସ୍ଥ କରନ୍ତି । ମାନସିକ ବଳ ପାଖରେ ଶାରୀରିକ ବଳ ସବୁଦିନେ ହାର ମାନିଛି । ତିନିଦିନ ଲାଗିଯାଏ ତାଙ୍କୁ ବାଲିଗଞ୍ଜ ପହଞ୍ଚିବା ପାଇଁ । ସର୍ବାଙ୍ଗରେ ହାତ ବୁଲାଇ ଅନ୍ଧୁଣୀ ମା' ବ୍ୟସ୍ତ ହୋଇ ପଚାରନ୍ତି କ'ଣ ହୋଇଛି ତାଙ୍କର ବୋଲି । ଭାରି ଶୁଖି ଯାଇଛନ୍ତି ଯେ ! କିଛି ଟିକିଏ ରୋଷେଇଘରୁ ଆଣି ନିଜ ହାତରେ ତାଙ୍କୁ ଖୁଆଇ ଦେବାସହ ଆଗ୍ରହ କରନ୍ତି ଗାଧୁଆଘରେ ଯାଇ ଗାଧୋଇ ପାଧୋଇ ନୂଆଲୁଗା ପିନ୍ଧିବାକୁ । ଦୁହେଁ ଦୁହିଁଙ୍କ କରୁଣ କାହାଣୀ ବର୍ଣ୍ଣନା କରି ଚାଲନ୍ତି । କିନ୍ତୁ ଲକ୍ଷ୍ମଣ ନିଜ କାହାଣୀରେ ଟିକିଏ ପରିବର୍ତ୍ତନ କରି କହନ୍ତି ଆଜିକାଲି ସେ ଗୋଟିଏ କାରଖାନାରେ କାମ କରିବା ପାଇଁ ଆବେଦନ କରିଛନ୍ତି । ମାଲିକ ଦିନେ ଦୁଇଦିନ ଭିତରେ ତାଙ୍କୁ ଚାକିରିରେ ରଖିଦେବାର ପ୍ରତିଶ୍ରୁତି ଦେଇଛି । ହେଲେ ମା' ଆଗରେ କେବେ କ'ଣ ପୁଅ ମିଛ କହି ବର୍ତ୍ତି ପାରେ ? ଧରାପଡ଼ି ଯାଆନ୍ତି ଲକ୍ଷ୍ମଣ । ନିଜ ଦେହ ଛୁଆଁଇ ଶପଥ କରେଇ ନିଅନ୍ତି ମା' ଆଉ କେବେ ତାଙ୍କୁ ଛାଡ଼ି କୁଆଡ଼େ ଯିବେନି ବୋଲି । ଏଇଠି ରହିବେ, କଲେଜ୍‌ରେ ପଢ଼ିବେ । ଅନ୍ଧୁଣୀ ମା'ଟି ଯେ ଅପୁତ୍ରକ । ତା'ର ଦାୟିତ୍ୱ କ'ଣ ତାଙ୍କ କାନ୍ଧରେ ନାହିଁ ? ମା'ଙ୍କୁ ଅମାନ୍ୟ କରିବାର କ୍ଷମତା ଅଧମ ପୁତ୍ରର ନଥାଏ । ମାସୀମା' ତାଙ୍କ ମାମୁଁଘରେ ଆସି ଆଶ୍ରୟ ନେଇଥାନ୍ତି । ଘରେ ଥାଆନ୍ତି ତାଙ୍କ ମାମୁଁ, ମାମୁଁପୁଅ ଭାଇ ଓ ସେଇ ଭାଇର ମା' ଛେଉଣ୍ଡ ପୁଅ ଦେବୁ । ସେମାନେ ସମସ୍ତେ ଆପଣେଇ ନିଅନ୍ତି ଲକ୍ଷ୍ମଣଙ୍କୁ । ଦୁଇ ତିନିଦିନ ପରେ ମାସୀମା'ଙ୍କୁ ଆପଣା ମନକଥା ଜଣାନ୍ତି ଲକ୍ଷ୍ମଣ । ସ୍ୱାଭିମାନୀ ପୁଅ ଅନୁରୋଧ କରୁଥିଲା ଘରର ରୋଷେଇ ତଥା ଦେବୁର ପାଠପଢ଼ା ଦାୟିତ୍ୱ ନେବାପାଇଁ । ପୁଅଟି ପୁଣି କାଳେ କୁଆଡ଼େ କେତେବେଳେ ପଳେଇ ଯିବ ବୋଲି ଭୟକରି ତାଙ୍କର ସେଇ ପ୍ରସ୍ତାବରେ ସମ୍ମତି ଜଣାଇବାକୁ ବାଧ୍ୟ ହୁଅନ୍ତି ସମସ୍ତେ ।

ମାସୀମା'ଙ୍କ ଜଣେ ସମ୍ପର୍କୀୟଙ୍କ ସହାୟତାରେ ସେକ୍ରେଟେରିଏଟ ରେ ଗୋଟେ କିରାଣୀ ଚାକିରୀ ଯୋଗାଡ଼ ହୋଇଯାଏ । ରୋଷେଇ, ଦେବୁର ପାଠପଢ଼ା, ଚାକିରି ସାଙ୍ଗକୁ ସିଏ ସାନ୍ଧ୍ୟ କଲେଜ୍‌ରେ ନାମ ଲେଖାଇ ନିଜେ ବି ପଢ଼ନ୍ତି । ତା'ପରବର୍ଷ ବନ୍ଧୁ ସ୍ୱଦେଶ ଘଟକ୍ ପାକିସ୍ଥାନ୍‌ରେ ମେଟ୍ରିକ୍ ପାଶ୍ କରିଯିବାରୁ ତାଙ୍କୁ ଚିଠି ଲେଖି ଡକାଇ ଆଣନ୍ତି କଲିକତା । ଏଇ ଭିତରେ ମାମୀମା' ବି ଆଦିଲ୍‌ପୁରର ଘରଦ୍ୱାର ସବୁ କୁନେମିଆଁର ହେପାଜତ୍‌ରେ ଛାଡ଼ି ଚାଲିଆସିଥାନ୍ତି କଲିକତା ତାଙ୍କ ଭାଇଙ୍କ ପାଖକୁ । ସେଠିକା ଜମିବାଡ଼ି କିଛି ବିକ୍ରି କରିଦେବାକୁ ମନସ୍ଥ କରି ସେ ମାସୀମା'ଙ୍କୁ ସାଙ୍ଗରେ ନେଇ ଯଶୋର ଯିବାପାଇଁ ଚିନ୍ତା କରନ୍ତି । ଦୁଇଜଣଙ୍କୁ ସାଙ୍ଗରେ ନେଇ ଲକ୍ଷ୍ମଣ ପୁଣି ଯାଆନ୍ତି ଆଦିଲ୍‌ପୁର । ଭୈରବ ନଦୀ ଓ ତହିଁରେ ଡଙ୍ଗା ବାହୁଥିବା ଫକୀର ମାଝିକୁ ଛାଡ଼ିଦେଲେ ସେଠାରେ ସବୁକିଛି ବଦଳି ଯାଇଥାଏ । ସେଠିକାର ଅଧିକାଂଶ ମୁସଲମାନ ଅନ୍‌ସାରୀ ଦଳରେ ସାମିଲ୍ ହୋଇ ଖୁବ୍ ପ୍ରତିକ୍ରିୟାଶୀଳ ହୋଇ ଉଠିଥାନ୍ତି ହିନ୍ଦୁ ମାନଙ୍କ ପ୍ରତି । ସେମାନଙ୍କୁ ସେଠି ଛାଡ଼ି ଲକ୍ଷ୍ମଣ ଫେରିଆସନ୍ତି କଲିକତା । ମାସୀମା'ଙ୍କ ଅନୁପସ୍ଥିତିରେ ତାଙ୍କୁ ଆଦୌ ଭଲ ଲାଗେନି ଘରେ । ମା'କୁ ଛାଡ଼ି କେବେହେଲେ ପୁଅ କ'ଣ ବଞ୍ଚି ପାରିବ ? ପ୍ରତି ମୁହୂର୍ତ୍ତରେ ତାଙ୍କ ମନ ଟାଣିହୁଏ ମାସୀମା'ଙ୍କ ଆଡ଼କୁ । ପ୍ରାୟ ଛ'ମାସ ପରେ ସେ ଯାଇ ନେଇଆସିବାକୁ ମନସ୍ଥ କଲାବେଳକୁ ମାସୀମା'ଙ୍କ ଦେହାନ୍ତ ଖବର ଆସି ପହଞ୍ଚେ । ଅନ୍ତିମ ସଂସ୍କାରର ଭାର ଲକ୍ଷ୍ମଣଙ୍କ ଉପରେ ନ୍ୟସ୍ତ କରିଥାନ୍ତି ମାସୀମା' ତାଙ୍କ ଦେହାନ୍ତ ପୂର୍ବରୁ ।

କଲିକତାରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥାନ୍ତି ପୂର୍ବବଙ୍ଗରୁ ଆସିଥିବା ଶରଣାର୍ଥୀମାନେ । ଅଧିକାଂଶ ସରକାରୀ ସୁବିଧା ସୁଯୋଗ ବାଟମାରଣା ହେଉଥାଏ ଧୋବଧୋବଳିଆ କର୍ମଚାରୀଙ୍କ ଦ୍ୱାରା । ମାସୀମା'ଙ୍କ ବିନା ତାଙ୍କ ଘର କେମିତି ଖାଇ ଗୋଡ଼ାଏ ଲକ୍ଷ୍ମଣଙ୍କୁ । ପୁଣି କର୍ତ୍ତବ୍ୟର ଆହ୍ୱାନ । ତାଙ୍କୁ କିଛି କରିବାକୁ ପଡ଼ିବ ଏଇ ଶରଣାର୍ଥୀମାନଙ୍କ ପାଇଁ । ସହରତଳି ଅଞ୍ଚଳରେ ଗୋଟେ ଛୋଟ ଘର ଭଡ଼ାନେଇ ସେଇଠି ସ୍ୱଦେଶ ଘଟକ ଓ ଲାଲମୋହନଙ୍କ ସହ ରହନ୍ତି । ସେଇ ଘରଟିର ନାଁ ଦିଆହୁଏ 'ନନ୍ଦରାଣୀ ମେସ୍' । କବାଟ ସମସ୍ତଙ୍କ ପାଇଁ ଥାଏ ଖୋଲା । ଯିଏ ଆସିଲେ ସେଇଠି ରହି ପାରିବ । ତାକୁ ରାନ୍ଧିବାଢ଼ି ଖାଇବାକୁ ଦେବା ଭାର ଲକ୍ଷ୍ମଣଙ୍କର । ମିଳିତ ଉଦ୍ୟମରେ ସେମାନଙ୍କ ପାଇଁ ଚାକିରୀ ବି ଖୋଜାଯିବ । ଯିଏ ଚାକିରୀ ପାଇଗଲା ସିଏ ଆଉ ସେଇ ମେସ୍‌ରେ ରହିବନି । ଅଲଗା ରହିବ । ଯଦି ଚାହିଁବ ତେବେ ମେସ୍‌ର କିଛି ଦାୟିତ୍ୱ ମୁଣ୍ଡେଇ ପାରେ । ପଛକୁ ଗୋଟେ ଖାଲୁଆ ଅପନ୍ତରା ଜାଗାକୁ ସେମାନେ ମାଟି ପକାଇ ସେଇଠି 'ଲାଲଗଡ଼' ନାମକ ଏକ କଲୋନୀ ବସାନ୍ତି । ଲୋକଙ୍କୁ ବିଭିନ୍ନ ପ୍ରକାରେ ସାହାଯ୍ୟ ଯୋଗାଇ ଦିଅନ୍ତି । ତାଙ୍କ ପିଲାମାନଙ୍କ ପଢ଼ିବା ପାଇଁ ଗୋଟେ ସ୍କୁଲ ମଧ୍ୟ ସ୍ଥାପନ କରନ୍ତି । ଆଉ ପରବର୍ତ୍ତୀ ସମୟରେ ସେ ଫେରିଆସନ୍ତି ତାଙ୍କ ଗାଁ ଭୁବନକୁ । ଏଥର ଶିକ୍ଷାର ଜ୍ୟୋତି ଜଳେଇବା ଉଦ୍ଦେଶ୍ୟରେ ସେ ସାଜନ୍ତି ଶିକ୍ଷକ । ଏଥର ନନ୍ଦରାଣୀ ମେସ୍ ଖୋଲାହୁଏ ଗରିବ ମେଧାବୀ ଛାତ୍ରଙ୍କ ପାଇଁ । ଏଇଠି ବି ପାଠଶାଳା ଠାରୁ ପାକଶାଳା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଲକ୍ଷ୍ମଣ ସାର୍‌ଙ୍କ କାନ୍ଧରେ ।

ଦେଶ ବିଭାଜନ ବେଳେ ନିଜର ନୁହେଁ ପରର ଗାଁ ଛାଡ଼ିଥିଲେ ଦାଦା ଠାକୁର୍ । ସାଜିଥିଲେ ଶରଣାର୍ଥୀ । ଆତ୍ମସମ୍ମାନ ଟିକକୁ ନିଜର ଗଣ୍ଠିଧନ ବୋଲି ଭାବି ଭୋଗିଥିଲେ ନାହିଁ ନଥିବା ଦୁର୍ଦ୍ଦଶା କଲିକତାର ରାଜଦାଣ୍ଡରେ । ଏସବୁର ବର୍ଣ୍ଣନା ଏତେ ସୁନ୍ଦର ଭାବରେ ନିଜ ଆତ୍ମଜୀବନୀ 'ଯାତ୍ରାପଥେ'ରେ ସେ କରିଛନ୍ତି ଯେ ସେଇଟିକୁ ପଢ଼ି ସାରିଲା ପରେ କାହିଁକି କେଜାଣି ଦୀପକ ମିଶ୍ର ଅଟକି ଯାଇଛି ସେଇ ଭୈରବ ନଦୀର ଫେରିଘାଟ ପାଖେ ଭଗ୍ନାବସ୍ଥାରେ ପରିତ୍ୟକ୍ତ ପଡ଼ିଥିବା ଝୁମ୍ପୁଡ଼ି ଦୋକାନ ନିକଟରେ । ୧୯୪୭ ପରେ ୧୯୭୧ ର ମୁକ୍ତିଯୁଦ୍ଧ । କେତେ ଲହୁଲୁହାଣ ହୋଇଛି ଭୈରବ ନଦୀ । ଫକୀର ମାଝି ଆଖିରୁ ଅବିରତ ଝରୁଥିବା ଲୁହ ପୋଛିବାକୁ କେହି ନାହାନ୍ତି ସେଇଠି । ବାଙ୍ଗଲାଦେଶର ଜନ୍ମ । ତଥାପି ଶାନ୍ତି ପାଇନି ଫକୀର ଚାଚା । ନକୁଳେଶ୍ୱର ଭଟ୍ଟାଚାର୍ଯ୍ୟ, ଜମିଦାର ଘୋଷବାବୁ, ଡାକ୍ତର ହରିପଦ ଘଟକ୍ ଓ ସେମାନଙ୍କ ପରିବାରକୁ ଆଜିବି ସିଏ ଝୁରୁଛି । ପ୍ରତିଦିନ ସନ୍ଧ୍ୟା ବେଳକୁ ତାକୁ ଶୁଭୁଛି ଚଉରା ମୂଳରେ ସଞ୍ଜବତି ଜାଳି ଗୃହବଧୂର ଶଙ୍ଖନାଦ । ତା'ଲୁହ ବୋହିଯାଇ ମିଶୁଛି ଭୈରବ ନଦୀର ଜଳଧାରରେ । ଫକୀର ଚାଚା ପାଖରେ ବସି ତାକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଛି ଦୀପକ ମିଶ୍ର । ନିଜ ଗାମୁଛା କାନିରେ ତାଙ୍କ ଲୁହ ପୋଛିଦେଇ କହୁଛି, "ତୁମକୁ ଆଲ୍ଲାଙ୍କ କସମ୍ ଚାଚା, ଦୟାକରି କାନ୍ଦନି । ସ୍ୱାର୍ଥୀ ନେତାଙ୍କ ହୀନ ଚକ୍ରାନ୍ତ ଦିନେନା ଦିନେ ପଣ୍ଡ ହେବ । ଖଣ୍ଡ ଖଣ୍ଡ ହୋଇ ଯାଇଥିବା ବଙ୍ଗ ପ୍ରଦେଶ ପୁଣି ମିଶିବ । କଲିକତାରୁ ଟ୍ରେନ୍‌ରେ ବସି ତୁମ ଦାଦା ଠାକୁର୍ ତାଙ୍କ ବନ୍ଧୁ ସ୍ୱଦେଶ ଓ ଲାଲମୋହନଙ୍କ ସାଙ୍ଗରେ ପୁଣି ଫେରିବେ ଆଦିଲ୍‌ପୁର । ଦାଦା ଠାକୁର ଢେଙ୍କାନାଳରେ ଓ ସ୍ୱଦେଶ ଘଟକ୍ ନ୍ୟୁ ବାରାକ୍‌ପୁରରେ ଅଛନ୍ତି ସିନା ତାଙ୍କୁ ବି ସେଇଠି ଜମା ଭଲ ଲାଗୁନି । ସେମାନେ ଆଜି ବି ଝୁରି ହେଉଛନ୍ତି ଏଇ ନଦୀ, ଏଇ ଗାଁ ତଥା ତାଙ୍କ ଫକୀର ଚାଚାଙ୍କୁ । ଦୁଲାଲ୍ ର ଝୁମ୍ପୁଡ଼ିଘରକୁ ବାଗେଇ ଦେଇ ଏଇଠି ଖୋଲାହେବ "ନନ୍ଦରାଣୀ ଭୋଜନାଳୟ" । ସ୍ୱାଦିଷ୍ଟ ବ୍ୟଞ୍ଜନର ମନ ମତାଣିଆ ମହକରେ ଚମକି ଉଠିବ ଫେରିଘାଟ ସମେତ ସମଗ୍ର ଆଦିଲ୍‌ପୁର । ହିନ୍ଦୁ ମୁସଲମାନ ସମସ୍ତେ ମିଶି ଏଠି ପୁଣି ଦୀପାବଳୀରେ ଦୀପ ଜାଳିବା ଓ ପବିତ୍ର ଇଦ୍‌ରେ ସିମେଇ ଖାଇବା ପେଟଭରି । କାନ୍ଦନି ଚାଚା, ତୁମକୁ ତୁମ ଦାଦା ଠାକୁରର କସମ୍ ।" (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୮ ଅଗଷ୍ଟ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଆଉଜା କବାଟ (୪୫)



# ସକାଳ ନଅରେ ଆସୁଥିବା ଟ୍ରେନ୍ (୨)

ଡ. ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଗାଁର ଏତେ ପ୍ରଶଂସା କର ନାହିଁ। କାରଣ ଏଇ ବଜାର ପାଇଁ ତମେ ବଞ୍ଚିଛ। ଗୋଟେଦିନ ବଜାର ବନ୍ଦ ହୋଇଯିବ ତ ସବୁ ହାକିମାତି କଥା ବାହାରିଯିବ। ଗାଁ ହେଉଛି ମଫସଲ। ପ୍ରଭଞ୍ଜନ କହିଲା, ହଉ ମାନିଗଲି ତୁମ ସହର ଖୁବ୍ ମହାନ୍। ମାତ୍ର ତୁମ ସହରରେ ଖାଦ୍ୟ ତ ଜନ୍ମ ଦିଏ ନାହିଁ। ଅନ୍ନ ପାଇଁ ତ ତୁମେ ସବୁ ଗାଁର ମୁହଁକୁ ଚାହିଁ ବସିଥାଅ। ଯଦି କୃଷକ ଦଳବଦ୍ଧ ହୋଇ କିଛି ସମୟ ପାଇଁ ଖାଇବାଦ୍ରବ୍ୟ ବିକ୍ରି ବନ୍ଦ କରିଦେବେ ତ, ଜଣାପଡ଼ିବ ତୁମେ ସବୁ ସହର ରହିବା ବାଲା ଲୋକଙ୍କୁ। ସତ୍ୟଜିତ୍ ଗୋଟିଏ ବ୍ୟଙ୍ଗ ବାଣ ଛାଡ଼ିଲା।

ଆରେ ଛାଡ଼ ସେ କଥାକୁ। ଗାଁ ସହରର ଝଗଡ଼ା। ବହୁତ ଦିନ ପରେ ଆମେ ସବୁ ଏକାଠି ହୋଇଛୁ। ତୋ ବିନାତ ଆମେ ସବୁ ବେସୁରା ଥିଲେ। ଯେବେଠାରୁ ତୁ ଯାଇଛୁ, ଗୋଟିଏ ଦିନବି କିଛି ହୋଇ ନାହିଁ। ଆଜି ହୋଇଯାଉ। ଭାଇ ସାହେବତ ଅଛନ୍ତି। ମଜା ଆସିଯିବ। ସିଦ୍ଧାର୍ଥ କହିଲା।

ନା ବାବା ନା। ପୁଣି କେବେ ଦେଖିବା। ସତ୍ୟଜିତ୍ କହିଲା।

ଆରେ ତମେ ଘରୁ ଆସିଛ, କ୍ଳାନ୍ତ ହୋଇ ପଡ଼ିଥିବ। ସବୁ ଥକ୍କାପଣ ଦୂର ହୋଇଯିବ। ଶେଷରେ ତୁମେ ଅତିଥି ସେବା କରିବ ନାହିଁ? ବହୁତ କାର୍ପଣ୍ୟ ଠିକ୍ ନୁହେଁ।

ତୁମେତ ଏମିତି କଂଜୁସ୍ ନଥିଲ। ପ୍ରଭଞ୍ଜନ ଟିକେ ଧମକ୍ ପୂର୍ଣ୍ଣ କଥା ଆରମ୍ଭ କଲା।

ଶେଷରେ ସତ୍ୟଜିତ୍‌କୁ ସେମାନଙ୍କ ସାମ୍ନାରେ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ସେ ତିନିଜଣ ବଜାର ଚାଲିଗଲେ। ମୁଁ ସେହି କୋଠରୀରେ କିଛି ସମୟ ବହିର ପୃଷ୍ଠା ଓଲଟ ପାଲଟ କରୁଥିଲି। ଥକା ବି ଲାଗୁଥିଲା। ବିଛଣାରେ ଶୋଇଗଲି। କିଛି ସମୟ ପରେ ନିଦ୍ରାଦେବୀ ମୋତେ ତାଙ୍କର ଅଂଗରେ ଶୁଆଇ ଦେଲେ।

ସତ୍ୟଜିତ୍‌ର ଝୁଲାଝୁଲା ଆବାଜ୍ ରେ ମୋର ନିଦ ଖୋଲିଲା। ମୁଁ ଆକ୍ତା ମାକ୍ତା ହୋଇ ବସିଗଲି। ନିଦର ଗଭୀରତା ବି ଆଖିରେ ଛପିଥିଲା। ବୁଝିପାରିଲି ନାହିଁ ମୁଁ ଏବେ କେଉଁଠି? ସେମାନେ ଖାଦ୍ୟ ପରଶି ନିଜ ନିଜ ଆସନ ଅକ୍ତିୟାର କରି ନେଇଥିଲେ। ମୁଁ ବି ହାତ ମୁହଁ ଧୋଇ ସତ୍ୟଜିତ୍ ପାଖରେ ବସିପଡ଼ିଲି। ଗ୍ଲାସରେ ମଦ ଥିବାର ଦେଖି ନାକ ଟେକି କହିଲି - "ଆରେ ଏ କ'ଣ?" କୃପା କରି ଏହାକୁ ହଟାଇ ନିଅ। ମୁଁ ନିଏ ନାହିଁ।

କେମିତି ମଣିଷ ତୁମେମାନେ। ଝିଅଙ୍କ ଭଳି ନଖରା ଦେଖାଉଛ। ଏହା ବିନା କ'ଣ ହଜମ ହେବ? ପ୍ରଭଞ୍ଜନ କହିଲା।

ନାନା ପ୍ରଭଞ୍ଜନ ଭାଇ। ମୁଁ କେବେବି ନେଇ ନାହିଁ।

ଆମେ କ'ଣ ରୋଜ୍ ରୋଜ୍ ନେଉଛେ। ମୌଜ ମସ୍ତି ପାଇଁ ବେଳେ ବେଳେ ନେଉ।

"ନା ଭାଇ ନା। ମୁଁ କୌଣସି ହାଲତରେ ଏହାକୁ ସେବନ କରିବି ନାହିଁ।"

ସେବନ କରିବା ପାଇଁ କିଏ କହୁଛି? ଆମେତ ଖାଇବା ପିଇବା କଥା କହୁଛୁ। ଆମ ମିତ୍ରଙ୍କ କଥା ମାନିବ ନାହିଁ, ରାଧୁ ଭାଇ। ଏତ ଭଲ କଥା ନୁହେଁ। ବାସ୍ ଗୋଟିଏ ପ୍ୟାଗ୍ ମାତ୍ର। ଦ୍ୱିତୀୟ ଥର ପାଇଁ ତମକୁ ବାଧ କରିବୁ ନାହିଁ। ମୋ ରାଣ, ନେଇ ନିଅ। କ୍ଷତି କରିବ ନାହିଁ। ଖାଦ୍ୟ ହଜମ କରିବାର ଏକ ଔଷଧ। ଉପଦେଶାତ୍ମକ ମୁଦ୍ରାରେ କହୁଥିଲା ପ୍ରଭଞ୍ଜନ।

ଅନେକ ବାହାନା କଲାପରେ ବି ମୋ କଥା ଟିକେବି ରହିଲା ନାହିଁ। ସେହିଦିନ ମଦ୍ୟପାନ କରିବାକୁ ପଡ଼ିଲା। ଖାଇବାପରେ ପ୍ରଭଞ୍ଜନ ସିଗାରେଟ୍ ଜଳାଇଲା। ଏକ ଲମ୍ବା ଶ୍ୱାସ ନେଇ ସିଗାରେଟ୍‌କୁ ଖିଞ୍ଚିଲା। ଧୂଆଁକୁ ଫିଲ୍ମ ଆନ୍ଦାଜରେ ଛାଡ଼ି ସିଗାରେଟ୍‌କୁ ମୋ ହାତରେ ଧରାଇ ଦେଲା। ନିଶାର ହାଲତରେ ହଲିବାକୁ ଲାଗିଲା, ମୋର ଏତିକି ଛୋଟିଆ କଥା ମାନିବ ନାହିଁ? ଆଉ ତୁମଠାରୁ କ'ଣ ଆଶା କରାଯାଇପାରେ? ଥରୁଟିଏ ଟାଣ। ବାସ୍ - କେବଳ ଥରେ। ମୋ ରାଣ। ଯଦି ମାନିବ ନାହିଁ ତେବେ ଜୋର୍‌ଜବରଦସ୍ତ ମୁହଁରେ ଠୋସି ଦିଅଯିବ। ସେ ଦୁଇଜଣ ବି ତାର କଥାକୁ ସମର୍ଥନ କରୁଥିଲେ। ନିଶାର ହାଲତରେ କେହି କାହାର କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ। ସବୁ ନିଜ ନିଜ ରାଗ ଆପଣା ଉପରେ। ମୁଁ ଖୁବ୍ ହାଲ୍‌କାରେ ଟାଣିବାରୁ କାଶ ଆସିଗଲା। ଏତେ ଜୋରରେ କାଶ ଛାତି ଭିତରୁ ବାହାରିଲା ଯେ, ବାହାରକୁ ବାନ୍ତି ମାଡ଼ି ଆସିଲା ମୁଁ ଉଠି ପଡ଼ି ଛିଡ଼ା ହୋଇ ସିଧା ବାଥ୍‌ରୁମ୍‌କୁ ଚାଲିଗଲି। ସେଠାରୁ ଆସି ବିଛଣାରେ ପଡ଼ିଗଲି ଏବଂ ଶୋଇଲି।

ଠିକ୍ ତାର ପରଦିନ ସତ୍ୟଜିତ୍ ସାଥିରେ ମୁଁ ନିଜର କୋଠରୀକୁ ଆସିଲି। ରୋଷେଇ ନିଜ ହାତରେ କରି ଦୁଇଜଣ ଏକ ସାଥିରେ ଭୋଜନ କଲୁ। ସତ୍ୟଜିତ୍ ଯେତେବେଳେ ନିଜ ରୁମ୍‌କୁ ଫେରିବାକୁ ଲାଗିଲା, ସେତେବେଳେ ମୋତେ ବୁଝାଇ କହିଲା, ଦେଖ ରାଧୁ! ଘରେ କାହାକୁ ବି ଏକଥା ଯେମିତି ନ ଜଣାଅ। ବନ୍ଧୁଙ୍କ ସହ ବେଳେବେଳେ ଏମିତି କରିବାକୁ ପଡ଼େ। ଯଦି କେତେବେଳେ ଏକ୍‌ଲାପଣ ଅନୁଭବ କରିବ, ତେବେ ମୋ କୋଠରୀକୁ ନିଃସଂକୋଚରେ ଆସିବ।

ଏମିତି ବେଳେବେଳେ ସେ ମୋ ରୁମ୍‌କୁ ଆସିବାକୁ ଲାଗିଲା। ମୁଁ ବି ତା ରୁମ୍‌କୁ ଯାଏ। କେତେବେଳେ ମୋ ରୁମ୍‌ରେ ପାର୍ଟି ଚାଲେ ତ, ପୁଣି କେବେ ମିତ୍ରଙ୍କ ଘରେ। ଘରୁ ମିଳୁଥିବା ଧନରାଶି ମାସ ଶେଷ ହେବା ପୂର୍ବରୁ ହିଁ ସମାପ୍ତ ହୋଇଯାଏ। ଏସବୁ ବେହିସାବ ଖର୍ଚ୍ଚର ପ୍ରତିଫଳ ଥିଲା, ଦୋକାନୀଙ୍କ ଠାରୁ ବାକିରେ ଜିନିଷ କିଣି କାମ ଚଳାଇବାକୁ ପଡୁଥିଲା। ଏବେତ ମୁଁ ସେମାନଙ୍କ ସହ ପୂରାପୂରି ମିଶି ଯାଇଥିଲି। ଘରକୁ ବହୁତ କମ୍ ଯାଉଥିଲି। ଏବେତ ସେଠାକାର ସାରା ଗଳି ଜାଣିଗଲି ଏବଂ ଚିହ୍ନିଲି ମଧ୍ୟ। ଏ ସମସ୍ତ କିଛି କୁସଂଗର ପ୍ରଭାବରେ ହେଲା। ନିଜର ଭଲ ମନ୍ଦ ବିଚାର କରିବାର କହିବାର ସାମର୍ଥ୍ୟ ମୋର ଶେଷ ହୋଇ ଯାଇଥିଲା। ସେହି ଲୋକଙ୍କର କହିବା ଅନୁସାରେ ଅନେକ ଘୃଣିତ କାର୍ଯ୍ୟ କରିବାର ଫଳାଫଳକୁ ତର୍ଜମା ନକରି ସେଥିରେ ମାତିଗଲି। ଶେଷରେ ଘର ଅର୍ଥରେ ମୌଜ ଏବଂ ମସ୍ତି କେତେଦିନ ଚାଲିବ? ପଢ଼ା ନାମକୁ ମାତ୍ର କରୁଥାଏ। ବି.ଏସ୍.ସି. ପ୍ରଥମ ବର୍ଷ ପରୀକ୍ଷା ନିରାଶଜନକ ହେଲା। କୌଣସି ପ୍ରକାର ପାଶ୍ କରିଗଲି। ତୃତୀୟ ଶ୍ରେଣୀରେ ମୋତେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ମା'ର କହିଥିବା କଥା ସ୍ମରଣକୁ ଆସିଲା। ମାତ୍ର କ'ଣ କରିବି? ଅନେକ ଚେଷ୍ଟା କରି ମଧ୍ୟ ସେଭଳି ଚଣ୍ଡାଳ କାର୍ଯ୍ୟରୁ ନିଜକୁ ମୁକ୍ତ କରିପାରିଲି ନାହିଁ। ଆସୁଥିବା ଦିନର ପାର୍ଟି ଏବଂ ଶୂନ୍‌ଶାନ୍ ପଥରେ ପଥିକଙ୍କ ପ୍ରତୀକ୍ଷା କେବଳ ଥିଲା ମୋର।

ଜାନୁଆରୀ ମାସ ଥିଲା। ହାଡ଼ଥରା ଶୀତରେ ଦେହ କମ୍ପୁଥିଲା। ଅନେକ ଦିନ ବିତିଗଲାଣି ସୂର୍ଯ୍ୟୋଦୟ ଦେଖି ନଥିଲି। କୁହୁଡ଼ିର ମୋଟା ଚାଦରରେ ସହର ଘୋଡ଼େଇ ହୋଇଥିଲା। ବୃକ୍ଷରୁ ଟପ୍ ଟପ୍ ବିନ୍ଦୁ ଝରୁଥିଲା। ମୋ ମୁଣ୍ଡ ବିନ୍ଧୁଥିଲା। ମୁଁ ସେହି ଲୋକଙ୍କ ସହ ଯିବା ପାଇଁ ମନା କରିଦେଲି। ମାତ୍ର ମୋ ମନା କରିବା କି ସେମାନେ ମାନିବାବାଲା ଥିଲେ? ଆମେ ଚାରିଜଣ ସଘନ ଗଛର ତଳେ ବସି ନିଜର ଶିକାର ପାଇଁ ପ୍ରତୀକ୍ଷା କରିବସିଲୁ। ଅଚାନକ୍ ମୋ ମସ୍ତିଷ୍କରେ ଜୋର୍‌ରେ କଷ୍ଟ ଅନୁଭବ କଲି। ମୁଁ ଚିତ୍‌କାର କରିବାକୁ ଲାଗିଲି। ବନ୍ଧୁମାନେ ଚୁପ୍ ରହିବାକୁ ସଂକେତ ଦେଲେ। ମାତ୍ର ଯନ୍ତ୍ରଣା ବଢ଼ି ବଢ଼ି ଚାଲିଥିଲା। ମୁଁ କହିଲି ଭାଇ; ମୁଁ ତ ମୋ ରୁମ୍‌କୁ ଯାଉଛି।

ସେତେବେଳକୁ ସତ୍ୟଜିତ୍ ଧୀର ସ୍ୱରରେ କହିଲା, "ନ'ଟା ବେଳେ ଆସିବା ଟ୍ରେନ୍‌କୁ ତ ଆସିବାକୁ ଦିଅ। କେବେ କେହିନା କେହି ଏହି ପଥରେ ଆସିବେ। ଆଉ ଅଳ୍ପ ସମୟ ରୁହ।"

"ମୁଁ ଏବେ ଆଉ ରହିପାରିବି ନାହିଁ। ଦର୍ଦ କାରଣରୁ ମୋ ପ୍ରାଣ ଛାଡ଼ି ଯିବା ପରି ଲାଗୁଛି ଆଉ ତୁମକୁ ଚିନ୍ତା ନ'ଟା ବେଳେ ଆସୁଥିବା ଟ୍ରେନ୍‌ର! ପ୍ରତୀକ୍ଷା ତ!"

ଆଚ୍ଛା, ତୁମେ ଯାଅ। ଆମେ ପରେ ଆସିବୁ। ଏମିତି ଖାଲି ହାତରେ ଫେରିବୁ ନାହିଁ। ତୁମ ଭଳି କମ୍‌ଜୋର ଥିବା ବ୍ୟକ୍ତିର ରହିବା ବା ନ ରହିବା ସମାନ।" ପ୍ରଭଞ୍ଜନ କଡ଼ା ଶବ୍ଦରେ ମୋତେ ସେଠାରୁ ଚାଲିଯିବାକୁ କହିଲା।

ତା' ପରର ଘଟଣା ନ କହିବା ଭଲ।

ସାମାନ୍ୟ ସୁସ୍ଥ ହେବାପରେ ଯେତେବେଳେ ଜାଣିଲି ସେଇ ଚାରିଜଣଙ୍କ ନାମ ସମ୍ବାଦ ପତ୍ରର ପ୍ରଥମ ପୃଷ୍ଠାରେ ଜଣେ ଜଣେ କାମାନ୍ଧ ଏବଂ ନିଶାଗ୍ରସ୍ତ ଶିରୋନାମାରେ ଏକ ଦୀର୍ଘ ସମ୍ବାଦ ପ୍ରକାଶ ପାଇଛି, ସେଥିରେ ମୁଁ ନିର୍ବାକ୍ ହୋଇଗଲି।

ସଞ୍ଜ ନଇଁ ନଇଁ ଆସୁଥିଲା। ସହରର ସବୁଠି ଚୁପ୍ ଚାପ୍ ଚର୍ଚ୍ଚା - ମଦ୍ୟପାନ କରି ରାସ୍ତାରେ ଲୋଟୁଥିବା ତିନିଜଣ କଲେଜ ଛାତ୍ର ଏବେ ଜେଲ୍‌ରେ। ସହରରୁ ପ୍ରକାଶିତ ସାନ୍ଧ୍ୟ ସଂସ୍କରଣ ସମ୍ବାଦପତ୍ରରେ ମଦ୍ୟପାନ, ଲୁଣ୍ଠନ ଏବଂ ଯୌନଶୋଷଣର ଚିତ୍ର ଚରିତ୍ର ଥାଇ ପ୍ରକାଶ ପାଇଥିଲା ଏକ ଲମ୍ବା ବାସ୍ତଧର୍ମୀ ଲେଖା। ତାହାକୁ ମୁଁ ଯେତିକି ପଢୁଥିଲି ମୋ ଦେହରେ ସେତିକି କମ୍ପନ ସୃଷ୍ଟି ହେଉଥିଲା। ଭୟରେ! ଅନୁତାପରେ! ପ୍ରତିଶୋଧରେ!!! (ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୦୬



# ନୀଳାଂଜନଙ୍କର ଅନୁଗ୍ରହ (୨)

ଡା. ସରୋଜିନୀ ଷଡ଼ଙ୍ଗୀ
ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ଶ୍ରୀ ଶ୍ରୀ ଜଗନ୍ନାଥ ଯାହାର ନାମ ଅନନ୍ତ, ଯାହାର ଲୀଳା ଅନନ୍ତ, ଯାହାର କଥା ଓ ଚିନ୍ତା ଅନନ୍ତ ସେଇ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ରଥଯାତ୍ରା ହେଉଛି ସବୁଠାରୁ ବର୍ଣ୍ଣାଳୀମୟ ବୈଭବମୟ ଓ ବୈଚିତ୍ର୍ୟମୟ ଶ୍ରେଷ୍ଠଯାତ୍ରା । ଏହାର ଅନ୍ୟନାମ ପତିତପାବନ ଯାତ୍ରା ଏହି ଗୁଣ୍ଡିଚା ଯାତ୍ରାରେ ସେ' ନିଳାଦ୍ରୀମଣ୍ଡପରୁ ଆଡ଼ପମଣ୍ଡପ ତଥା କର୍ମବେଦୀରୁ ଯଜ୍ଞବେଦୀକୁ ଯାଆନ୍ତି । ଦିଅଁମାନେ ଅଣସର ପିଣ୍ଡିରୁ ଧାଡ଼ିମଣ୍ଡପରେ ଓହ୍ଲାଇ ଆସନ୍ତି ଓ ସାତପାହାଚରେ ଟାହିଆ ପିନ୍ଧନ୍ତି ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ରଥ ଉପରେ ପ୍ରଭୁଙ୍କ ଦର୍ଶନ, ମୋର ବଚନ ସେବାର ସାର୍ଥକତା ଆଣି ଦେଇଥିଲା ।

ସେଇ ବର୍ଷ ବାହୁଡ଼ାଯାତ୍ରା ପାଇଁ ମୋର ଦ୍ୱିତୀୟ ବଚନସେବା ଥିଲା ଅନ୍ୟ ଗୋଟିଏ ପ୍ରାଇଭେଟ୍ ଚାନେଲ୍‌ରେ । ତାଙ୍କ ବୁଥ୍‌ଟି ମଧ୍ୟ ଠିକ୍ ଗୁଣ୍ଡିଚାମନ୍ଦିରକୁ ଲାଗିହୋଇଥିଲା । ଆମ କମେଣ୍ଟ୍ରି ଭିତରେ ଦିଅଁମାନେ ଆଡ଼ପମଣ୍ଡପରୁ ଓହ୍ଲାଇଆସି ଧାଡ଼ି ପହଣ୍ଡିରେ ନାକଚଣା ଦ୍ୱାର ଦେଇ ବାହାରି ଆସିଲେ । ରଥ ଉପରକୁ ବିଜେ ହେବା ପୂର୍ବରୁ, ଡଃ ରମାରମଣ ମତେ ନେଇଆସି ଠିକ୍ କାଳିଆଠାକୁରଙ୍କ ପାଖରେ ପହଞ୍ଚାଇ ଦେଲେ ଏବଂ ସବୁ ଦିଅଁମାନଙ୍କୁ ଖୁବ୍ ପାଖରୁ ଦର୍ଶନ କରିବାର ଅଭିଳାଷ ମୋର ପୂର୍ଣ୍ଣହେଲା ।

ପୁଣି ସେଦିନ ଠାକୁରଙ୍କର ଏମିତି ଅନୁଗ୍ରହ ଯେ, ବାହୁଡ଼ାଯାତ୍ରାର ଧାରା ବିବରଣୀ ଦେଇ ସାରି ମୁଁ ଓ ଡଃ ଷଡ଼ଙ୍ଗୀ ଦୁହେଁ ଭିଡ଼କାଟି ବାହାରି ଆସିଲୁ ଏବଂ ତାଙ୍କର ସୁନ୍ଦର ଡ୍ରାଇଭିଂ ପାଇଁ ଆମେ ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚି 'କାଦମ୍ବିନୀ'ର ଜନ୍ମଦିନ ଉତ୍ସବରେ ଯୋଗଦେଲୁ ଏବଂ ସେଠାରେ ମୁଁ 'କାଦମ୍ବିନୀ ସ୍ୱାସ୍ଥ୍ୟ ସମ୍ମାନ' ମଧ୍ୟ ସମ୍ମାନିତା ହୋଇଥିଲି - ତା'ପରେ କଟକରେ ଆସି ରାତି ୯ଟା ସୁଦ୍ଧା ପହଞ୍ଚିଲୁ । କିନ୍ତୁ ସେତେବେଳକୁ ବହୁ ଦୂରରୁ ଡେଲିଭରି ପେସେଣ୍ଟ୍‌ଟିଏ ଆସି ପହଞ୍ଚିଥିଲା ଏବଂ ଅଡ଼ିବସିଥିଲା ଯେ, "କେବଳ ମ୍ୟାଡ଼ମ୍ ହିଁ ମୋର ଅପରେସନ୍ କରିବେ । ତା'ପରେ ତାକୁ ଓ.ଟି.କୁ ନେଇ ସିଜରିଆନ୍ ସେକ୍‌ସନ୍ କଲି । ରାତି ଗୋଟାଏ ସୁଦ୍ଧା ସବୁକାମ ସାରି ଶୋଇବା ବେଳକୁ ପ୍ରଭୁଙ୍କୁ ଆଭୂମ ପ୍ରଣତି ଜଣାଇଲି ଏବଂ କହିଲି "ମତେ ସେତିକି ଶକ୍ତି ଦିଅ, ଯେମିତି ତୁମର ନିର୍ଦ୍ଦେଶରେ ସବୁ କାମ ମୁଁ କରିପାରିବି ।"

ତା' ପରଦିନ ଥିଲା ରଥଉପରେ ଦିଅଁମାନଙ୍କର ସୁନାବେଶ । ଏହା ଚତୁର୍ଦ୍ଧାମୂର୍ତ୍ତିଙ୍କର ଏକ ଅପୂର୍ବ ରମଣୀୟ ଓ ଐଶ୍ୱର୍ଯ୍ୟର ବେଶ । ମାଢ଼ ମାଢ଼ ସୁନାରେ ପ୍ରସ୍ତୁତ କିରୀଟି, ସ୍ୱର୍ଣ୍ଣ ଶ୍ରୀଭୁଜ, ସ୍ୱର୍ଣ୍ଣ ଶ୍ରୀପୟର, ସ୍ୱର୍ଣ୍ଣହାର, ଘାଗଡ଼ାମାଳ, ଆଦି ଠାକୁରମାନେ ପିନ୍ଧନ୍ତି । ଏ ଲାବଣ୍ୟମୟ ବେଶକୁ ବର୍ଣ୍ଣନା କଲାବେଳେ ପ୍ରବଚକ / ପ୍ରବଚିକାମାନେ ଜଡ଼ ପାଲଟିଯାଆନ୍ତି । ଯଦିଓ ଆଗରୁ କେତେକ ଚାନେଲ୍‌ରେ କହିଥିଲି - କିନ୍ତୁ ସେଇ ବର୍ଷ ଅନ୍ୟ ପ୍ରାଇଭେଟ ଟି.ଭି. ତରଫରୁ ଧାରାବିବରଣୀ ଦେଇଥିଲି । ସେଠାରେ ସମ୍ମାନନୀୟ ରଜତ କର ମଧ୍ୟ ଥା'ନ୍ତି । ଆମର କମେଣ୍ଟ୍ରି ସରିଲା ବେଳକୁ ବହୁତ ଡେରି ହୋଇଗଲାଣି । ପୁଣି ଆମକୁ କଟକ ଫେରିବାକୁ ପଡ଼ିବ । ତେଣୁ ଡଃ ଷଡ଼ଙ୍ଗୀ କହିଲେ ବହୁତ ଭିଡ଼ ହୋଇଛି, ତଳକୁ ଚାଲ ଦେଖିବା- ପଛକୁ ଫେରିବା ସମ୍ଭବ ନଥିଲା । ଡଃ ଷଡଙ୍ଗୀ ଅଧାଟେକି ଧରିଥିଲେ । ପ୍ରବଳ ଭିଡ଼ରେ ଜନସମୁଦ୍ର ଆମକୁ ଆଗକୁ ମୁରଶୁରରେ ନେଇଯାଇଥିଲା ଏବଂ ସମ୍ମୁଖରୁ ସୁନାର ସଜ୍ଜିତ ଠାକୁରମାନଙ୍କୁ ଦେଖି ମନ ଉତ୍‌ଫୁଲିତ ହୋଇଯାଇଥିଲା । ଆଉ ରଥ ସାମ୍ନାକୁ ନଯାଇ ଫେରିଯିବା," ମୋର କିନ୍ତୁ ପ୍ରବଳ ଇଚ୍ଛା, ଏତେ ଦୂରରୁ ଆସି ସୁନାବେଶ ନଦେଖି ଫେରିଯିବୁ ! ଠାକୁରଙ୍କ ନିର୍ଦ୍ଦେଶରେ ପ୍ରବଳ ଭିଡ଼ ଭିତରେ ଏବଂ ଜନସମୁଦ୍ରର ସ୍ରୋତରେ ଆମେ କ୍ରମେ କ୍ରମେ ଠେଲିହୋଇ ଚାଲି ଆସିଲୁ ରଥ ସାମ୍ନାକୁ । ସେଠି ଆମେ ରଥ ଆଗରେ ସ୍ଥିର ଓ ସ୍ଥବିର ହୋଇଗଲୁ । ଏତେ ପାଖରେ ଠାକୁରଙ୍କର ସୁନାବେଶ, ଦେଖିବୁ ବୋଲି ଆମେ ବିଶ୍ୱାସ କରିପାରୁ ନଥିଲୁ । ପାଦ ସିନା ଧୀରେ ଧୀରେ ଆଗକୁ ବଢ଼ିଲା, କିନ୍ତୁ ମନ ଲାଖି ରହିଲା ପ୍ରଭୁଙ୍କର ଶ୍ରୀଚରଣରେ, ସୁନା ଶ୍ରୀଭୁଜ ଓ ସୁନା ଶ୍ରୀପୟର ପାଖରେ- ଏତକପରେ ପୁଣି ରାତିରେ କଟକ ଫେରିବାକୁ ପଡ଼ିଲା ।

ଠାକୁରଙ୍କ କୃପାରୁ ପୁଣି ଆଉ ଗୋଟିଏ ଚାନେଲ୍ ତରଫରୁ ରଥ ଯାତ୍ରାର ଶେଷଉତ୍ସବ 'ନିଳାଦ୍ରୀବିଜେ' ରେ ଧାରା ବିବରଣୀ ଦେବା ପାଇଁ ନିମନ୍ତ୍ରଣ ମିଳିଲା । ସେଦିନ କଟକ ଓ ପୁରୀରେ ମୂଷଳ ଧାରରେ ବର୍ଷା ହେଉଥିଲା । ଆମେ ସେଇ ବର୍ଷାରେ ପୁରୀରେ ପହଞ୍ଚିଲୁ । ମଙ୍ଗୁ ମଠ ଉପରେ ବୁଥ୍ । ସେଠିକି ଯିବା ପରେ କମେଣ୍ଟ୍ରି ଆରମ୍ଭ ହେଲା କିନ୍ତୁ ନିଳାଦ୍ରୀବିଜେରେ ପ୍ରଭୁ ଜଗନ୍ନାଥ ମହାଲକ୍ଷ୍ମୀଙ୍କର ମାନଭଞ୍ଜନ କରୁ କରୁ ଲାଗିଗଲା ଅନେକ ସମୟ । ବହୁଥର "ସ୍ମର ଗରଳଂ ଖଣ୍ଡନଂ, ମମ ଶିରସି ମଣ୍ଡନଂ, ଦେହି ପଦ ପଲ୍ଲବ ମୁଦାରଂ" ଏବଂ 'ମୁଂଚ, ମାନ, ମାନମୟୀ' ଏତକ କହିଲା ପରେ ଶ୍ରୀ ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କଲେ ପ୍ରଭୁ ଏବଂ ଶ୍ରୀମନ୍ଦିର ଭିତରକୁ ରତ୍ନ ସିଂହାସନ ଉପରକୁ ପ୍ରଭୁ ବିଜେ କଲେ ।

ବଡ଼ଦାଣ୍ଡରେ ମଙ୍ଗୁ ମଠ ଆଗରେ ସବୁ ରଥମାନେ ଥିଲେ । ପହଣ୍ଡି ବିଜେ ଆରମ୍ଭ ହୋଇଗଲା । ଜଣଙ୍କ ପରେ ଜଣେ ପ୍ରବଚକମାନେ ଯାଇ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଖିଭରି ଦର୍ଶନ କରି ଆସିଲେ । (ସେତେବେଳେ ରଥଉପରକୁ ଯାଇ ଦିଅଁମାନଙ୍କୁ ଦର୍ଶନ କରିବା ପାଇଁ ଅନୁମତି ଥିଲା) । ଆମେ ଦୁଇଜଣ ଯାକ ରଥ ଉପରକୁ ଉଠି ପ୍ରଭୁଙ୍କୁ ଦର୍ଶନ କଲୁ । ମତେ ଲାଗିଲା କେତେ ପୁଣ୍ୟ ବଳରେ ଆଜି ରଥ ଉପରେ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିପାରିବାର ସୌଭାଗ୍ୟ ମିଳିଲା ।

ଏବେ ମଧ୍ୟ ମନେପଡ଼ିଲେ ମୋର ଦୁଇ ଆଖି ଆନନ୍ଦରେ ଲୋତକାପ୍ଲୁତ ହୋଇଯାଏ । ପ୍ରଭୁ ଯେ, ଭାବଗ୍ରାହୀ, ଯିଏ ଯେଉଁ ଚିନ୍ତାକୁ ସତ୍ ମନରେ, ସତ୍ ହୃଦୟରେ ଓ ସତ୍ ଚିତ୍ତରେ କରିଥାଏ, ତାକୁ ନିଶ୍ଚୟ ପ୍ରଭୁ ପୂରଣ କରିଥାନ୍ତି । ପ୍ରଭୁଙ୍କ ପାଇଁ ଅନର୍ଗଳ ଭାବରେ ବଚନ ସେବା କରିବା ବା' କୋଟିକୋଟି ଲୋକଙ୍କ ସାମ୍ନାରେ ନିରବଚ୍ଛିନ୍ନ ଭାବରେ କହିବା କମ୍ କଷ୍ଟକର ପାଠ ନୁହେଁ । ଏଥିପାଇଁ ହୋମ୍‌ୱାର୍କ କରିବାକୁ ପଡ଼ିଥାଏ ଓ ଜାଣିବାକୁ ହୋଇଥାଏ ପ୍ରଭୁଙ୍କର ସବୁନୀତି, କାନ୍ତି, ତତ୍ତ୍ୱ ଓ ତଥ୍ୟ । ଏ ସେବା କରିବାକୁ ଯେ' ମତେ କିଞ୍ଚିତ ସୌଭଗ୍ୟ ମିଳିଲା, ସେଥିପାଇଁ ମୁଁ ଠାକୁରଙ୍କ ପାଖରେ ଚିରଋଣୀ ।

ଶେଷରେ ଏତିକି କହିବି "ହେ କାଳିଆ ସାଆନ୍ତ, ହେ ଅଗତିର ଗତି, କୋଟି କୈବଲ୍ୟନାଥ, ତୁମକୁ କିଛି ମାଗିନାହିଁ, କେବଳ ମୋର ପଣତ କାନିରେ ତୁମ କରୁଣାର କୈବଲ୍ୟ କଣିକାଟିଏ ଦିଅ ଏବଂ ମତେ ଓ ଜନ୍ମଜନ୍ମାନ୍ତର ଦୁଃଖି, ରୋଗୀମାନଙ୍କ ସେବାରେ ନିୟୋଜିତ କରାଅ ।

"ତୁମର ଦର୍ଶନ ମାତ୍ରେ, ମୋକ୍ଷ ଯଦି ଯିବି ପାଇ ଚାହୁଁ ଚାହୁଁ ଶହଶହ ପୁନର୍ଜନ୍ମ, ଯିବି ମୁଁ ଏଡ଼ାଇ ।" (କ୍ରମଶଃ)

## ପୁସ୍ତକ ସମୀକ୍ଷା

**'ମାଟିଘୋଡ଼ା'**
(ଗଳ୍ପ ସଂକଳନ)
ଗାଳ୍ପିକ: ପ୍ରଦୀପ୍ତ ମହାପାତ୍ର
ପ୍ରକାଶକ- ପେନ୍ ଇନ୍ ବୁକ୍‌ସ, ଭୁବନେଶ୍ୱର-୧୩
ମୂଲ୍ୟ-୨୯୯/-




ମନସ୍ତାତ୍ତ୍ୱିକ ଜିଜ୍ଞାସା, କୌତୁହଳ ଏବଂ ପାରମ୍ପରିକ ଜୀବନବୋଧକୁ ନେଇ ମଣିଷ ନିଜର ଆବେଗ ଓ ଆଡ଼ରଣକୁ ଯୋଡ଼ିଥାଏ ସମୟ ତଥା ଘଟଣାପ୍ରବାହ ସହିତ । ମାଟିଘଟର ଏ ଜୀବନ ସହ ଯୋଡ଼ା କେତେ ଚିତ୍ର, କେତେ ଚରିତ୍ର । ଯେତେ ମଣିଷ ସେତେ ଚରିତ୍ର ଏବଂ ସେତେ ସମସ୍ୟା । ତଥାପି ସମୟ ସହ ତାଳଦେଇ ଘୋଡ଼ାପରି ଧାଇଁଛି ଜୀବନ । ଜୀବନର ଉଲ୍ଲେଖନୀୟ ଘଟଣାର ଜମାନବନ୍ଦୀ, ଅନୁଭବର ଅଟୋପହୀନ ପରିପ୍ରକାଶ ସହ ମଣିଷ ଜୀବନର ଦ୍ୱନ୍ଦ୍ୱ, ଅନ୍ତର୍ଦ୍ୱନ୍ଦ୍ୱ ଏବଂ ବିଶ୍ୱାସ ତଥା ଅନ୍ଧବିଶ୍ୱାସକୁ ଅତିକ୍ରମ କରି ଗଳ୍ପଟିଏ ବଖାଣିଥାଏ କଳ୍ପନା ଓ ବାସ୍ତବତାର ନୂତନ ସଂଜ୍ଞାକୁ । ଜଡ଼ ସହିତ ସୂକ୍ଷ୍ମ, ଜୀବନୀୟ ବାସ୍ତବତା ସହ ଜଡ଼ବସ୍ତୁର ସାଦୃଶ୍ୟ, ଲୌକିକ ସହିତ ଲୋକତ୍ତୋର ଆବେଗକୁ ନେଇ ଏକ କ୍ରମରେ ଓଡ଼ିଆ ଗଳ୍ପ ସାହିତ୍ୟର ପରୀକ୍ଷା ନିରୀକ୍ଷା ଓ ନିଷ୍କର୍ଷର ସଫଳ ରୂପାୟନରେ ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଗାଳ୍ପିକ ଶ୍ରୀଯୁକ୍ତ ପ୍ରଦୀପ୍ତ ମହାପାତ୍ରଙ୍କ ସଦ୍ୟପ୍ରକାଶିତ ଗଳ୍ପ ସଂକଳନ 'ମାଟିଘୋଡ଼ା' ଅଧିକ ଆଲୋଚନା ଯୋଗ୍ୟ ମନେହୁଏ ।

ଉଲ୍ଲେଖନୀୟ ଯେ, ମାଟିକୁ ଶବ୍ଦର ମଲାଟ କରିଥିବା ଶ୍ରୀଯୁକ୍ତ ମହାପାତ୍ରଙ୍କର ଗଳ୍ପର ଲଲାଟରେ ଅଙ୍କିତ ଅନବଦ୍ୟ ମାଟିଚନ୍ଦନ ଟୋପା ସଦୃଶ ଗଳ୍ପ ସଂକଳନ 'ମାଟି ସିଲଟର ପୃଥିବୀ', 'ମାଟିଘଟର ଜୀବନ' ଓ 'ନିଜ ମାଟିର ଗନ୍ଧ' ପାଠକୀୟ ଚିତ୍ତବୃତ୍ତିରେ ମାଟିମଗ୍ନ ଚେତନାର ମହକ ଖେଳାଇ ଦେବାର ସାମର୍ଥ୍ୟ ରଖିଥିବା ବେଳେ ସଦ୍ୟପ୍ରକାଶିତ ଗଳ୍ପ ସଂକଳନ 'ମାଟିଘୋଡ଼ା' ତାଙ୍କର ପ୍ରିୟ ପାଠକଙ୍କ ପାଇଁ ମହାର୍ଘ ଉପହାରଟିଏ ।

ପାରିବାରିକ, ସାମାଜିକ, ସାଂସ୍କୃତିକ ଘଟଣାବଳୀର ବହୁବିଧ ମନୋଜ୍ଞ ଚିତ୍ରକୁ ଗଳ୍ପର ରୂପ ଦିଆଯାଇଥିବା ଏହି ମାଟିଘୋଡ଼ା' ଗଳ୍ପ ସଂକଳନରେ ସ୍ଥାନ ପାଇଛି ଦୀର୍ଘ ଓ ନାତିଦୀର୍ଘ କଳେବରର ମୋଟ୍ ୨୨ଟି ଗଳ୍ପ । ଶ୍ରୀଯୁକ୍ତ ମହାପାତ୍ରଙ୍କ ଗଳ୍ପ ଜଗତର ଦୁଇଟି ପରିସର- ମନଜଗତୀୟ ଏବଂ ବହିର୍ଜଗତୀୟ । ବର୍ହି ପରିବେଶ ସହିତ ଆନ୍ତଃ ପରିବେଶର ମନସ୍ତାତ୍ତ୍ୱିକ ଯୋଗାଯୋଗକୁ ସ୍ଥାପନ କଲାବେଳେ ଗାଳ୍ପିକ ଜୀବନ୍ୟାସ ଦେଇଛନ୍ତି 'ସଦାନନ୍ଦ' ନାମ୍ନୀ ଚରିତ୍ରକୁ । ସଂକଳନର ଦ୍ୱିତୀୟ ଗଳ୍ପ 'ଚିତ୍ରନଦୀ'ରେ 'ସଦାନନ୍ଦ' ଚରିତ୍ରଟିକୁ କାହାଣୀର ପ୍ରତିନିଧିତ୍ୱ କରିବାକୁ ନଦେଇ ଗାଳ୍ପିକ 'ମୁଁ' ସ୍ତରରେ ଉପନୀତ ହୋଇଛନ୍ତି । ଗଳ୍ପଟି ଆରମ୍ଭ ହୋଇଛି ଏହିପରି ଯଥା- "ମୁଁ କିଛିଦିନ ପାଇଁ ମୋ' ପିଲାଛୁଆଙ୍କୁ ଏଇ ସହରରେ ଛାଡ଼ି ଅନ୍ୟ ଏକ ଦୂର ଜାଗାକୁ ଯାଉ ଯାଉ ଏଇଠି ମୋ' ଜନିତ ଅପୂରଣୀୟ, ଅଦୃଶ୍ୟ ଶୂନ୍ୟସ୍ଥାନଟିଏ ହଠାତ୍ ମୋ' ଅନୁପସ୍ଥିତିରେ ସୃଷ୍ଟି ହୋଇଗଲା ।' ମାଟିର ମାଧ୍ୟାକର୍ଷଣ ବଳୟକୁ ଟପିନପାରି ମାଟିର ଧୂଳି ଧୂସରିତ ଅଙ୍ଗନରେ ଆହୁରି ମଗ୍ନ ଏବଂ ଆଚ୍ଛନ୍ନ ହୋଇଉଠିବା ହିଁ ମାଟିଘଟର ଅବଲମ୍ବନ । ତଥାପି ନିଜେ ବଂଚୁଥିବା ଗତାନୁଗତିକ ରୁଟିନ୍‌ର ଚାରିକାନ୍ଥରୁ ମୁକୁଳି ବିସ୍ତୀର୍ଣ୍ଣ ପୃଥିବୀର ଆଉ ଗୋଟିଏ ଇଲାକାରେ ପାଦ ଥାପିବାର ଆଗ୍ରହ ଓ ଆକର୍ଷଣ ଗାଳ୍ପିକଙ୍କର ମନସ୍ତାତ୍ତ୍ୱିକ ବର୍ଣ୍ଣନା (ଗଳ୍ପ ଚିତ୍ରନଦୀ)ରେ ଉପସ୍ଥିତି ଓ ଅନୁପସ୍ଥିତିର ଯେଭଳି ଚମତ୍କାର ସୂଚନାଙ୍କ, ନିଜସ୍ୱ ଶୈଳୀରେ ବାହ୍ୟ ପୃଥିବୀକୁ ଚିହ୍ନିବାର ପ୍ରୟାସ (ନାନୀ ଚରିତ୍ର, ଗଳ୍ପ- ଅସଂଲଗ୍ନ ପୃଥିବୀ) ସେତିକି ଆତ୍ମବିଶ୍ୱାସ ଓ ଅନ୍ତରଙ୍ଗତାର ଅକପଟ ଅଭିବ୍ୟକ୍ତିରେ ଭରା ।

ଗାଳ୍ପିକଙ୍କ ଏକାଧିକ ଗଳ୍ପର ଗନ୍ତବ୍ୟ ହେଉଛି ଗାଆଁ । ଘାତକ, ମାଟିଘୋଡ଼ା, ମାଷ୍ଟ୍ରେ, ବାପା ପ୍ରମୁଖ ଗଳ୍ପ ପଢ଼ିଲେ ଯେ କେହି ପାଠକ ମାଟିର ମଣିଷ ଗୋପୀନାଥଙ୍କର 'ମାଟିମଟାଳ' ଏବଂ ପ୍ରତିଭା ରାୟଙ୍କର 'ମଗ୍ନମାଟି' ପରି ଓଡ଼ିଆ ସାହିତ୍ୟର ମାଟିମନସ୍କ କୃତି ଗୁଡ଼ିକୁ ସ୍ମରଣରେ ଆଣିବେ ନିଶ୍ଚୟ । ଯୋଡ଼ିଏ ମାଟି ଘୋଡ଼ା, ଚାରିହାତ କଳାଶାଢ଼ୀ, ନାଲି ଚୂଡ଼ି ଆଉ ପଟେ ମାଟି ଶଂଖା, ମୁଠେ ସିନ୍ଦୂର-ଆର୍ତ୍ତ, ଅର୍ଥାର୍ଥୀ ଏବଂ ଭକ୍ତ ପାଇଁ ଏତକ ନୈବେଦ୍ୟ ବଦଳରେ ମାଆଙ୍କର ପୀଠରେ ହଜାରେ ମାନସିକ । ବିନା ନୈବେଦ୍ୟରେ ବି ଗାଆଁରେ ବୁଢ଼ୀ ଠାକୁରାଣୀଙ୍କର ସରାଗ ବୋଳା କଣ୍ଠର ସ୍ୱର ଶୁଭୁଛି ଘରବାହୁଡ଼ା ଗାଳ୍ପିକରୁ "ଯା' ଘରକୁ ଯା । ତୋ' ବୁଢ଼ାବୁଢ଼ୀ ଦିଇଟାକୁ ଘଣ୍ଟ ଘୋଡ଼େଇ ରଖିଛି ମୁଁ । ଘର ବାରଣ୍ଡାରେ ଯୋଡ଼ି ଯାଉଁଳି ହୋଇ ତୋରି ଯିବା ବାଟକୁ ଅନେଇ ରହିଛନ୍ତି । ଯା', ମୁଁ ତୋ' ଫେରିବା ବାଟକୁ ଅନେଇ ରହିଲି ।

କାବ୍ୟମୟ କଥନ ଭଙ୍ଗୀରେ ସଂକଳନସ୍ଥ ଗଳ୍ପ ଗୁଡ଼ିକର ବର୍ଣ୍ଣନା ଯେଉଁଭଳି ଭାବସଂବୃଦ୍ଧ, କାହାଣୀଗୁଡ଼ିକର ରହସ୍ୟମୟ ପ୍ରବହମାନତା ସେଇଭଳି ଉତ୍କଣ୍ଠାମଣ୍ଡିତ । ରବୀନ୍ଦ୍ର ନାଥଙ୍କର ଭକ୍ତି "ଅନ୍ତରେ ଅତୃପ୍ତି ହବେ ମନେକରେ ମନେହବେ ମନେହୟ ହଇଲନା ଶେଷ" ନ୍ୟାୟରେ ଗାଳ୍ପିକ ତାଙ୍କର ସଦାନନ୍ଦ ଚରିତ୍ର ସଂବଳିତ ଗଳ୍ପ, ଚିତ୍ରନଦୀ, ଜହ୍ନରାତିର ସେତୁ, ନିରୁଦ୍ଦିଷ୍ଟ, ଚା' କପ୍‌ରେ ଝଡ଼, ଅଶୁଭ ପୁତ୍ରର କାହାଣୀ, ଭଗ୍ନାଂଶ, ସଂଘର୍ଷ ଇତ୍ୟାଦିରେ ଜୀବନକୁ ନେଇ ଯେଉଁ ମୁକ୍ତ ଚିନ୍ତନର ଅବକାଶ ଆଣିଛନ୍ତି ତାହା ସାଧାରଣ ଜୀବନ କ୍ରମ ସହ ଜଡ଼ିତ ଥାଇ ମଧ୍ୟ ମାନବୀୟ ଅବବୋଧକୁ ନେଇଛି ଅସମାହିତ ସ୍ତରକୁ । ଅଛିଣ୍ଡା ଚିନ୍ତାର ସୁଅ ପାଇଁ ମୀମାଂସାର ମୁହାଣଟିଏ କାହିଁ?

'ମନେହୟେ ହଇଲନା ଶେଷ' ଭଳି ଗାଳ୍ପିକଙ୍କର ଏହା ଅସମାପ୍ତ ଗଳ୍ପଯାତ୍ରା, ଯାହା ପାଠକଙ୍କୁ 'ଆଗକୁ କିଛି ଘଟିବାର ଥିଲା' ବୋଲି ଭାବିବାକୁ ସୁଯୋଗ ଆଣିଦେବ ।

ମାଟିର ବହିର୍ପୃଷ୍ଠରେ ଦୃଶ୍ୟମାନ ଜୀବ ଓ ନିର୍ଜୀବ ନିର୍ବିଶେଷରେ କେତେ ବସ୍ତୁ, ଚରିତ୍ର ଏବଂ ଉପାଦାନ । ମାଟିର ଅଦୃଶ୍ୟମାନ ଅନନ୍ତ ଗର୍ଭରେ ଲୁକ୍‌କାୟିତ କେତେ ଧାତୁ, ଅଧାତୁ, ଜଳ, ଉତ୍ତାପ ସହ ଅତୀତ ଇତିହାସର ପ୍ରତ୍ନତତ୍ତ୍ୱ । ପଞ୍ଚତତ୍ତ୍ୱରେ ଗଢ଼ା ଶରୀରକୁ ଆଉ ଚାରିତତ୍ତ୍ୱ ବାଦ୍ ମାଟି ହିଁ ତା'ର ଆତ୍ମ ସତ୍ତାରେ ବିଲୀନ କରେ ଏହା ସ୍ୱୀକାର୍ଯ୍ୟ । ତେବେ ଶବ୍ଦ ହେଉ ବା ବସ୍ତୁ, ଜୀବ ହେଉ ଅଥବା ନିର୍ଜୀବ, ମାଟିର କଳାତ୍ମକ ଉପାଦାନ ବିନା ଯେ କାରୁକାର୍ଯ୍ୟ ଅସମ୍ଭବ ଏହା ଆଉଥରେ ପ୍ରମାଣ କରିଛନ୍ତି ଗାଳ୍ପିକ ଶ୍ରୀଯୁକ୍ତ ମହାପାତ୍ର । ମାଟି ସହିତ ଜଡ଼ିତ ମଣିଷର ପ୍ରଜ୍ଞା ଓ ପରମ୍ପରା, ବିଶ୍ୱାସ ଏବଂ ନିଃଶ୍ୱାସ । ପାରମ୍ପରିକ ବିଶ୍ୱାସକୁ ନେଇ ଗାଆଁ ମୁଣ୍ଡ ବରଗଛ ମୂଳ ଠାକୁରାଣୀ ବି ସ୍ୱପ୍ନରେ ଆସନ୍ତି, ଆଦେଶ ଦିଅନ୍ତି । କେଉଁ ଏକ ଭକ୍ତ ଶରୀରରେ ବିଶ୍ରାମ ନିଅନ୍ତି ସବାର ହୁଅନ୍ତି, ଉପସ୍ଥିତ ଅନ୍ୟାନ୍ୟ ଭକ୍ତଗଣଙ୍କର ହାରି ଗୁହାରି, ସମସ୍ୟା ଶୁଣନ୍ତି, ମୁକ୍ତିର ବାଟ ଦେଖାନ୍ତି, ମନସ୍କାମ ପୂରଣ ହେବାର ବିଧି ବା ଅନୁଷ୍ଠାନଟିଏ ଘୋଷଣା କରିଦିଅନ୍ତି । ଏହି ଧାରାରୁ ପ୍ରଯୁକ୍ତି ଯୁଗର ମଣିଷ ଆଜି ବି ମୁକ୍ତ ନୁହେଁ । ତେବେ ମାତୃପୂଜନର ଉପଚାର କ'ଣ ରକ୍ତ ଅଥବା ମନ୍ତ୍ର, ଯନ୍ତ୍ର, ତନ୍ତ୍ରର ଦୁର୍ଭେଦ୍ୟ କୁଟିଳତା? ଗାଳ୍ପିକ ଏହି ସଂକଳନର ଅନ୍ୟତମ ଗଳ୍ପ 'ଆହୁତି' ମାଧ୍ୟମରେ ପ୍ରଦାନ କରିଛନ୍ତି ତା'ର ଲୋମଟାଙ୍କୁରା ଆଗ୍ନେୟ ଉତ୍ତର।

ଦୁଇଶହ ପୃଷ୍ଠା ପରିମିତ ଆଲୋଚ୍ୟ 'ମାଟିଘୋଡ଼ା' ଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପ ଗୁଡ଼ିକରେ ନିଛକ ଓଡ଼ିଆ କାହାଣୀର ମୌଳିକ କଥାବସ୍ତୁ ସହ ସୁରେନ୍ଦ୍ର ମହାନ୍ତିଙ୍କର ଶ୍ଳେଷ, ରାଜକିଶୋରଙ୍କର ନାଟକୀୟତା, ମନୋଜ ଦାସଙ୍କର ଜୀବନ ଦର୍ଶନ ଏବଂ ହୃଷୀକେଶ ପଣ୍ଡାଙ୍କର ଗଳ୍ପର ଅଭାବନୀୟ ମୋଡ଼ ଓ ସମାପ୍ତି ଲକ୍ଷ୍ୟ କରାଯାଏ । ଗଳ୍ପ ଗୁଡ଼ିକ ବିଭିନ୍ନ ଉଲ୍ଲେଖନୀୟ ଦିଗ ଗୁଡ଼ିକ ମଧ୍ୟରେ ପ୍ରମୁଖ ଦିଗ ଗୁଡ଼ିକ ହେଲା (୧) ସ୍ୱଳ୍ପ ଅବଧିର ପ୍ରସଙ୍ଗକୁ ନେଇ ବିସ୍ତାରିତ ମନସ୍ତାତ୍ତ୍ୱିକ ପଟ୍ଟଭୂମି ନିର୍ମାଣ (୨) ପାରମ୍ପରିକ ଚରିତ୍ରକୁ ନେଇ ନିଷ୍ଠା ଓ ନବସଂଧାନୀ ଦୃଷ୍ଟିଭଙ୍ଗୀ ଓ ବ୍ୟାଖ୍ୟା (୩) ଗ୍ରାମାଞ୍ଚଳର ପରିବେଶ ଓ ଚଳଣୀ ଭିତରେ ପ୍ରାଣବତ୍ତା ଓ ଜୀବନୀୟ ସାରାଂଶର ସଂଧାନ ଓ ଅଣୁବୀକ୍ଷଣୀୟ ତର୍କଣା (୪) ଅସହାୟ ଚରିତ୍ର ପ୍ରତି ସହାନୁଭୂତିଶୀଳ ସ୍ନେହଳ ଦୃଷ୍ଟିଭଙ୍ଗୀ (୫) କଥା ସହିତ କଥାନ୍ତର (Degression)ର ସଂଯୋଜନା (୬) କାହାଣୀରେ ବ୍ୟବହୃତ ବିଭିନ୍ନ ପ୍ରତୀକ ଓ ଚିତ୍ରକଳ୍ପରେ ନିଛକ ଗ୍ରାମ୍ୟଚେତନା ଏବଂ ଗ୍ରାମ୍ୟଜୀବନ ଶୈଳୀର ଛାପ । (୭) ଆଶାଭଙ୍ଗ ଓ ଅସଂଗତି ଭିତରେ ମାନସିକ ଦ୍ୱନ୍ଦ୍ୱର ଅନ୍ୱୟ, ଆରୋହଣ ଏବଂ ଅବତରଣର ପ୍ରଶସ୍ତ ଭୂମିକା । (୮) ବିବିଧ ଭାବବସ୍ତୁକୁ ନେଇ ବିଶ୍ୱାସ ଓ ମୂଲ୍ୟବୋଧର ଯତ୍ନଶୀଳ ଉପସ୍ଥାପନା ।

ମୋଟ୍ ଉପରେ କୁହାଯାଇପାରେ, 'ମାଟିଘୋଡ଼ା' ଗଳ୍ପ ସଂକଳନର ସଫଳ ସ୍ରଷ୍ଟା କଥାକାର ପ୍ରଦୀପ୍ତ ମହାପାତ୍ର ପାରମ୍ପରିକ ଭାବରେ ଚରିତ୍ର ଓ କାହାଣୀ ନିର୍ମାଣରେ ଯେତିକି ଦାୟିତ୍ୱଶୀଳ ଠିକ୍ ସେହିପରି ମାଟିକୁ ସାକ୍ଷୀ ରଖି ସାରସ୍ୱତ କିଆରୀରେ ଫଳାଇଛନ୍ତି କାହାଣୀ ବିକେନ୍ଦ୍ରୀକ ମନସ୍ତାତ୍ତ୍ୱିକ ଶବ୍ଦର ଶସ୍ୟ । ମାଟିର ମୂର୍ଚ୍ଛନା, ମାଟି ମଣିଷର ଅର୍ଚ୍ଚନା ଏବଂ ବିବେକବୋଧର ଯାତନାକୁ ଆଧାର କରି ମାଟିଘୋଡ଼ାର ଟାପୁଶବ୍ଦ । ନୀରବି ଯାଉଥିବା ମୁହୂର୍ତ୍ତମାନଙ୍କ ପାଇଁ ସଂବେଦନାର ଏହି ବାଙ୍ମୟପଣକୁ ସମସ୍ତେ ସ୍ୱୀକାର କରିବେ ବୋଲି ବିଶ୍ୱାସ ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ୫ଟି ସ୍ଥାନରେ ଘନଘନ ବଜ୍ରାଘାତ : ୫ ମୃତ ୬ ଗୁରୁତର

ଜଳେଶ୍ୱର ୭/୮(ନିପ୍ର): ଆଜି ମଧ୍ୟାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ମାଡି ଆସିବା ସହିତ ଘନ ଘନ ବଜ୍ରାପାତ ହୋଇଥିଲା । ଏବେ ବିଲରେ ଚାଷ କାମ ଚାଲିଥିବାରୁ ଦୂରା ଅଂଚଳର ଶ୍ରମିକମାନେ ଆସି ଜଳେଶ୍ୱର ଅଂଚଳରେ ରୁଆପୋତା କରୁଛନ୍ତି । ରାଇବଣିଆ ଥାନା ଅନ୍ତର୍ଗତ ବରଡିଆ ପଂଚାୟତର କୁସୁମାସାହି ଗାଁ ବାଦଲ ସିଂର ସ୍ତ୍ରୀ ପୂର୍ଣ୍ଣିମା ସିଂ(୩୫) ଅନ୍ୟ ୧୬ଜଣଙ୍କ ସହିତ ବିଲରେ ରୁଆପୋତା କରୁଥିଲେ । କାମ ସରିବାପରେ ବାଘାବାଳିର ଜନୈକ ମାଲିକଙ୍କ ଘରୁ ପାରିଶ୍ରମିକ ନେଇ ଘରକୁ ଫେରୁଥିବା ବେଳେ ବଜ୍ରାଘାତ ହୋଇଥିଲା । ଫଳରେ ଘଟଣାସ୍ଥଳରେ ସେ ପଡିଯାଇଥିଲା । ତାକୁ ଆମ୍ବୁଲନ୍ସ ଯୋଗେ ଭଟ୍ଟର ହସ୍ପିଟାଲକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ସାଥିରେ ଥିବା କନ୍ଦଡା ଗ୍ରାମର ପରମେଶ୍ୱର ମହନ୍ତଙ୍କ ସ୍ତ୍ରୀ ସାବିତ୍ର ମହନ୍ତ(୨୯) ଏବଂ କୁସୁମସାହି ଗାଁର ସୁବଳ ସିଂର ସ୍ତ୍ରୀ ଗୀତା ସିଂ(୪୦) ଗୁରୁତର ହୋଇ ଜିକେଭଟ୍ଟର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ମୃତ ପୂର୍ଣ୍ଣିମା ସିଂ ଅତ୍ୟନ୍ତ ଗରିବ ହୋଇଥିବାରୁ ତାକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସୁରେଶ ମହନ୍ତ, ଶୀକାନ୍ତ ସିଂ ଦାବି କରିଛନ୍ତି । ଅନ୍ୟଏକ ଘଟଣାରେ ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘଟା ପଂଚାୟତ ଅଧିନ କୃଷ୍ଣ ନଗର ଗାଁର ମଂଗଲ ଟୁଡୁର ପୁଅ ଗଜେନ୍ଦ୍ର ଟୁଡୁ (୧୨) ଏବଂ ସେହି ଗାଁର ମଂଗଲ ମାରାଣ୍ଡିର ପୁଅ ପଦନ ମାରାଣ୍ଡି (୧୨) ବିଲକୁ ଗାଇ ଜଗିବାକୁ ଯାଇଥିବା ବେଳେ କଳାହାଣ୍ଡିଆ ମେଘ ଦେଖି ନିକଟସ୍ଥ ଏକ ଇଟାଭାଟିର ଚିମିନି ନିକଟରେ ଅଟକି ଯାଇଥିଲେ । ବଜ୍ରାଘାତ ଯୋଗୁଁ ପିଡିତ ଥିବାରୁ ସେମାନଙ୍କୁ ପଂଚାୟତ ସମିତି ସଦସ୍ୟଙ୍କ ପ୍ରତିନିଧି ଚନ୍ଦନ କର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ । ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି । ଫଳରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସେହିପରି ଜଳେଶ୍ୱର ଥାନା ଅନ୍ତର୍ଗତ ଗୋପ ଗାଁର ମା ଗୁରୁବାରୀ ସିଂ ଓ ପୁଅ ଅଭିମନ୍ୟୁ ସିଂ ବିଲରେ କାମ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶୀକାର ହୋଇଥିଲେ । ପାଖଲୋକମାନେ ତାହାଜାଣି ୧୦୮ ଆମ୍ବୁଲାନ୍ସ ଯୋଗେ ଜିକେଭଟ୍ଟର ହସ୍ପିଟାଲକୁ ଅଣାଯାଇଥିଲା । ସେମାନେ ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ରହିଛନ୍ତି । ସେହିପରି ବସ୍ତାଥାନା ଅନ୍ତର୍ଗତ ମଥାନୀ ଠାରେ ଜମିରେ ରୁଆପୋତା କରୁଥିବା ମୋନା ମାଝି (୩୦) ଏପରି ଏକ ବଜ୍ରାଘାତର ଶୀକାର ହୋଇଛନ୍ତି । ସେହିପରି ମୟୂରଭଂଜର ମୁରୁଡା ଅଂଚଳରୁ ଆସି ବସ୍ତା ଥାନାର ଶାସନଗାଁରେ କାର୍ଯ୍ୟକରୁଥିବା ରାନୁ କାଳନ୍ଦି(୩୦) ବିଲ ରୁଆ କରୁଥିବା ବେଳେ ବଜ୍ରାଘାତ ହୋଇଥିଲା । ସେଠାରେ ସେ ପଡିଯିବାରୁ ଉଭୟଙ୍କୁ ବସ୍ତା ହସ୍ପିଟାଲକୁ ଅଣାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେମାନଙ୍କ ସହିତ ଥିବା ଅନ୍ୟ ୨ଜଣ ମହିଳା ଏଥିରେ ଗୁରୁତର ହୋଇ ବସ୍ତା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କୁହାଯାଇଛି ।

## ଦାଦାବଟି ଆଦାୟ ଅଭିଯୋଗରେ ୪ ଗିରଫ

ପୁରୀ,୦୭/୦୮ (ନି.ପ୍ର): ମସାଣୀଚଣ୍ଡି ପରିବା ମାର୍କେଟର ପରିବା ବ୍ୟବସାୟୀ ମାନଙ୍କୁ ଠାରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ବାସେଳୀସାହି ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମାର୍କଣ୍ଡେଶ୍ୱରସାହି ହରିଜନ ବସ୍ତିର ଛୋଟୁ ନାୟକ (୨୫),ଛୋଟୁଶ୍ରୀଧର ନାୟକ (୨୮), ମାର୍କଣ୍ଡେଶ୍ୱରସାହି ମାଛ ମାର୍କେଟ ଅଞ୍ଚଳରେ ରହୁଥିବା ବ୍ରହ୍ମପୁର ଗ୍ରେଟ୍ ବଜାରର ସାଲୁ ଓରଫ ସୁନୀଲ ବେହେରା (୧୯) ଓ ପ୍ରେମଜୀ ଆଶ୍ରମ ନିକଟର ଗେଡୁ ଓରଫ ସମ୍ଭୁ ଦାସ(୧୯) । ଅଭିଯୁକ୍ତମାନଙ୍କ ନିକଟରୁ ଏକ ଛୁରୀ ଓ ଗୋଟିଏ ଲୁହାରଡ଼ ଜବତ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦେଶ ସାମ୍ନା କରିପାରେ....

ଭୂତାଣୁ ସଂକ୍ରମଣକୁ ନେଇ ଭୟ କରିବାର କାରଣ ହେଉଛି । ମ୍ୟୁଟାଂଟ ଭୂତାଣୁ ସାର୍ସ-କୋଭ-୨ ଠାରୁ ପ୍ରାୟ ୧ ହଜାର ଗୁଣ ଅଧିକ ସଂକ୍ରାମକ ହେବ ଏବଂ ଡେଲଟାଠାରୁ କ୍ଷିପ୍ର ବେଗରେ ସଂକ୍ରମଣ କରିବ ଆମେରିକାରେ ଟିକା ନେଇନଥିବା ୯ କୋଟି ଲୋକଙ୍କ ପ୍ରତି ବିପଦ ଦୈନିକ ସଂକ୍ରମଣ ୧ ଲକ୍ଷରୁ ୨ ଲକ୍ଷ ଛୁଇଁବା ଆଶଙ୍କା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡରସ ଗେବରିୟସ କହିଛନ୍ତି, ଡେଲଟା ଭୂତାଣୁର ସଂକ୍ରମଣ ଯୋଗୁଁ ବିଶ୍ୱ ଏବେ ବିପଦଜନକ ସମୟ ଦେଇ ଗତି କରୁଛି । ଡେଲଟା ନିରନ୍ତର ବିକଶିତ ଓ ରୂପ ପରିବର୍ତ୍ତିତ କରି ମାନବ ସମାଜର ବଡ କ୍ଷତି କରୁଛି । ଧନୀ ଦେଶରେ ଟିକାକରଣ ହେଉଥିବା ବେଳେ ଗରିବ ଦେଶରେ ଟିକା ଉପଲବ୍ଧ ହେଉନଥିବାରୁ ସତର୍କ କରାଇ ଦେଇଛି ଡବ୍ଲୁଏଚଓ । ସେପଟେ କଲମ୍ବିଆ ୟୁନିର୍ଭସିଟିର ପ୍ରଫେସର ଡକ୍ଟର ଷ୍ଟିଫେନ ମୋରସେ କହିଛନ୍ତି, ଗୋଟିଏ ମଣିଷ ଠାରୁ ଅନ୍ୟ ମଣିଷକୁ ସଂକ୍ରମଣ ଭିତରେ ନିଜକୁ ବିକଶିତ କରିବା ସହ ରୂପ ପରିବର୍ତ୍ତନ କରିବାରେ ସମର୍ଥ ହୋଇଥାଏ । ଏବେ ଆମେରିକାରେ ଦୈନିକ ଏକ ଲକ୍ଷ ସଂକ୍ରମଣ ହେଉଥିବାରୁ ଭୂତାଣୁକୁ ମ୍ୟୁଟାଂଟ ହେବାରେ ସହାୟକ ହେଉଛି । ଆଉ ଏହି ମ୍ୟୁଟାଂଟ ଭୂତାଣୁ ବିଶ୍ୱର ଅନ୍ୟ ଦେଶକୁ ସଂକ୍ରମିତ ହୋଇ ସ୍ଥିତି ଅସମ୍ଭାଳ କରିଦେଇପାରେ ।

### ରାହୁଲ ଗାନ୍ଧୀଙ୍କ ବିରୋଧରେ .....

ଏହି ଟ୍ୱିଟ୍ ପୋଷ୍ଟ ତିନି ଦିନ ସକ୍ରିୟ ରହିଥିଲା । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ । ସେ ଏପରି ଘଟଣାକୁ ଜଘନ୍ୟ ଅପରାଧ ବୋଲି କହିଥିଲେ । ଛୋଟ ଛୁଆର ମୃତ୍ୟୁର ଯେଉଁ କ୍ଷତି ଘଟିଛି ତାର କ୍ଷତି ପୂରଣ କରି ହେବନି । କିନ୍ତୁ ଦିଲ୍ଲୀ ସରକାର ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବେ ବୋଲି କହିଥିଲେ । ଏଥିସହ ମାଜିଷ୍ଟ୍ରେଟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଯୁବ ଅକାଳୀଦଳ ରାଷ୍ଟ୍ରୀୟ ମହାସଚିବଙ୍କୁ ....

ଓରଫ୍ ବିକ୍କୀ ସିଣ୍ଟୁଖେଡା ନିକଟରେ ଯାଉଥିବା ବେଳେ ୪ ଜଣ ଯୁବକ ଏକ ଆଇ-୨୦ କାରରେ ଆସି ତାଙ୍କୁ ଘେରି ଯାଇଥିଲେ । ସେମାନଙ୍କ ଠାରୁ ନିଜକୁ ବଞ୍ଚାଇବାକୁ ବିକ୍କୀ ନିଜ ଘରଆଡକୁ ଦୌଡି ପଳାଇ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ । ସେମାନେ ୨୦ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ବିକ୍କୀଙ୍କ ଦେହରେ ୯ ଟି ଗୁଳି ବାଜିଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାର ସୂଚନା ପାଇବା ପରେ ଏସଏସପି ସତିନ୍ଦର ସିଂ ଫୋରେନସିକ ଟିମ ସହ ଘଟଣା ସ୍ଥଳରେ ପହଂଚି ଯାଂଚ ଆରମ୍ଭ କରିଛନ୍ତି । ପୋଲିସ ଘଟଣା ସ୍ଥଳ ପାଖା ପାଖି ଥିବା ସିସିଟିଭି ଭିଡିଓକୁ ଯାଂଚ କରୁଛି । ହେଲେ ହତ୍ୟାର କାରଣ ସ୍ପଷ୍ଟ ହୋଇ ନାହିଁ ।

### ଜମ୍ମୁ-କାଶ୍ମୀର : ବଡଗ୍ରାମ ଠାରେ....

ପିସ୍ତଲ ଓ ଗ୍ରେନେଡ ବି ଜବତ୍ କରାଯାଇଛି । ଏହାସହ ସେ ଯେଉଁ ଟ୍ରକରେ ପଳାଇଯିବାକୁ ଚେଷ୍ଟା କରୁଥିଲା ତାର ଚାଳକକୁ ଧରିଛନ୍ତି ସୁରକ୍ଷାକର୍ମୀ । କହିରଖୁ କି, ଗୁଇନ୍ଦା ବିଭାଗର ସୂଚନା ପାଇବା ପରେ ସୁରକ୍ଷାବଳ ଦ୍ୱାରା ମୋଚବା ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା । ଠିକ୍ ଏତିକିବେଳେ ସେହି ଅଞ୍ଚଳରେ ଲୁଚି ରହିଥିବା ଆତଙ୍କବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ । ଏହାର ଜବାବରେ ସୁରକ୍ଷାକର୍ମୀମାନେ ବି ଗୁଳି ଚଳାଇଥିଲେ ।

### ଅଗଷ୍ଟ ୧୬ରୁ ଯୁକ୍ତ ୨....

ଦେଇଥିବା କୌଣସି ପିଲା ଯେପରି ଯୁକ୍ତ୨ରେ ଆଡମିଶନ ପାଇବାରୁ ବଂଚିତ ନ ହୁଅନ୍ତି ତା' ଉପରେ ତିକ୍ଷଣ ଦୃଷ୍ଟି ରଖିଛୁ । ଏପରିକି ଆବଶ୍ୟକ ପଡ଼ିଲେ ଯୁକ୍ତ ୨ ନାମଲେଖା ପ୍ରକ୍ରିୟା ଗୋଟିଏ ମାସ ପାଇଁ ରଖିବାକୁ ସ୍ଥିର କରିଛୁ ବୋଲି କହିଛନ୍ତି ମନ୍ତ୍ରୀ । ଏଥର ୫୫ ହଜାରରୁ ଅଧିକ ସିଟ ବୃଦ୍ଧି ପାଇଁ କଲେଜଗୁଡିକ ଆବେଦନ କରିଛନ୍ତି । ତେବେ ବିଜ୍ଞାନ ପାଇଁ ଲାବୋରେଟୋରୀ ସମସ୍ୟା ହୋଇପାରେ । ତେଣୁ ଏସବୁର ଭିତିଭୂମି ଯାଂଚ ଚାଲିଛି । ଗତକାଲି ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଧ୍ୟ ବୈଠକ ବସିଥିଲା । ସେଲ୍ଫ ଫାଇନାନ୍ସିଂ କଲେଜର ଅଧିକ ଯାଂଚ ହେଉଛି । ସେମାନେ ଲାବୋରେଟୋରୀ ସୁବିଧା କେତେ ଯୋଗାଇ ପାରିବେ, ତାହାର ଅନୁଧ୍ୟାନ ଚାଲିଥିବା ମନ୍ତ୍ରୀ କହିଛନ୍ତି ।

# ଦିବଂଗତ ଅରୁଣ ଦେଙ୍କ ଉଦ୍ଦେଶ୍ୟରେ ଏଆଇଟିୟୁସିର ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର,୦୭/୦୮ (ନି.ପ୍ର): ବିଶିଷ୍ଟ ଶ୍ରମିକ ନେତା ପୂର୍ବତନ ବିଧାୟକ ଅରୁଣ ଦେ'ଙ୍କ ଦେହାନ୍ତରେ ଶ୍ରମିକ ସଂଗଠନ 'ଏଆଇଟିୟୁସି' ଜିଲା କମିଟି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସହରର ପଞ୍ଚୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ସଂଘ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗବତ ପ୍ରତିହାରୀ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ କମିଟିର ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଓ ସମ୍ପାଦକ ମାୟାଧର ନାୟକ, ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦେଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଗତ ଅର୍ଦ୍ଧଶତାବ୍ଦୀ ଧରି ବାଲେଶ୍ୱରର ଶ୍ରମିକ ଆନ୍ଦୋଳନ, ରାଜନୀତି ଓ ସାମାଜିକ କ୍ଷେତ୍ରରେ ଅରୁଣ ଦେ ଏକ ସ୍ମରଣୀୟ ଇତିହାସ ହୋଇ ରହିବେ ବୋଲି ସମସ୍ତେ ମତପ୍ରକାଶ କରିଥିଲେ । ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ଡାକକର୍ମଚାରୀ ନେତା ଗୋପାଳଚନ୍ଦ୍ର ପଢ଼ିଆରୀ, ରିକ୍ସାଚାଳକ ସଂଘର ସାଧାରଣ ସଂପାଦକ ସେକ୍ ସଲାଉଦ୍ଦିନ, ବିଦ୍ୟୁତ ଶ୍ରମିକ ନେତା ଭରତ ଚନ୍ଦ୍ର ସେଠୀ, ପ୍ରତିରକ୍ଷା କର୍ମଚାରୀ ନେତା ନିରଞ୍ଜନ ଦାସ, ଅଙ୍ଗନବାଡ଼ି କର୍ମୀ ସଂଘର ଜିଲା ସମ୍ପାଦିକା ଗୌରୀ ଦାସ, ଉଠା ଜଳସେଚନ କର୍ମଚାରୀ ନେତା ରତ୍ନାକର ପଣ୍ଡା ଓ ମଧୁସୂଦନ ଜେନା, ପ୍ରମୁଖ ଏଥିରେ ଉପସ୍ଥିତ ରହି ସ୍ୱର୍ଗତ ଦେଙ୍କ ବହୁବିଧ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଦେ'ଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ତାଙ୍କର ଅମର ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

## ବିଶ୍ୱନାଥ ସରକାରୀ ବିଦ୍ୟାଳୟରେ ପଦୋନ୍ନତିପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ

ଜଳେଶ୍ୱର,୦୭/୦୮ (ନି.ପ୍ର): ଜଳେଶ୍ୱର ବ୍ଲକର ୨ୟ ସର୍ବପୁରାତନ ଭାବେ ଜମାଲପୁରସ୍ଥିତ ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚିତ । ଏଠାରୁ ଦେଶ ଓ ରାଜ୍ୟର ବହୁଛାତ୍ରଛାତ୍ରୀ ଶିକ୍ଷାଲାଭ କରି ବିଭିନ୍ନ ପଦପଦବୀରେ ରହି ଆସିଛନ୍ତି । ସେହି ବିଦ୍ୟାଳୟରେ ଅଜୟ କୁମାର ଦାସ ଭାରପ୍ରାପ୍ତ ଶିକ୍ଷକଭାବେ ୨୦୦୩ ଅଗଷ୍ଟ ୧ ତାରିଖରୁ ଦକ୍ଷତାର ସହିତ କାର୍ଯ୍ୟ କରିଆସୁଥିବା ବେଳେ ଏବେ ସରକାରଙ୍କ ସୁପାରିଶରେ ସେ ସ୍ଥାୟୀ ପ୍ରଧାନ ଶିକ୍ଷକଭାବେ ଅବସ୍ଥାପିତ ହୋଇଛନ୍ତି । ଆଜି ଏଥିଲାଗି ପୁରାତନ ଛାତ୍ରସଂଘ ପକ୍ଷରୁ ସଭାପତି ଖଗେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜଳେଶ୍ୱର ବିଡିଓ ଦୀପ୍ତିରଂଜନ ସେଠୀ ତାଙ୍କୁ ଉତରୀୟ ଓ ଫୁଲତୋଡା ଦେଇଥିଲେ । ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଯୋଗ ଦେଇଥିବା ବେଳେ ବିଶିଷ୍ଟ ବ୍ୟକ୍ତିଭାବେ ମଧୁ ସୂଦନ ସେନାପତି, ପ୍ରବୀର କୁମାର ଦାସ, ବିଧ୍ୟାଧର ମହାନ୍ତି, ବିଶ୍ୱନାଥ ଦାସମହାପାତ୍ର, ତପନ ପାଣିଗ୍ରାହୀ, ନିର୍ମଳ ଚନ୍ଦ୍ର ଦାସ, କମଳଲୋଚନା ପରିଡା, ମନୋଜ କୁମାର ପରିଡା, ଅଶୋକ କୁମାର ପରିଡା, ରାଜୀବ ଲୋଚନ ପରିଡା ପ୍ରମୁଖ କୋଭିଦ୍ ଆଇନ୍ ଅନୁଯାୟୀ ଭାଗ ନେଇଥିଲେ । ମଧୁ ସୂଦନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶିଷ୍ଟ ସାହିତ୍ୟିକ ଇନ୍ଦୁଭୂଷଣ କରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୦୭/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସାହିତ୍ୟିକ ଇନ୍ଦୁଭୂଷଣ କରଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସାହିତ୍ୟିକ ଇନ୍ଦୁଭୂଷଣ କରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

# ନିରାଡମ୍ବରରେ ପାଳିତ ହେବ ମହରମ ପର୍ବ

ଭଦ୍ରକ,୦୭/୦୮ (ନି.ପ୍ର): ମହାନ ପର୍ବ ମହରମ ଚଳିତ ବର୍ଷ ସମ୍ପୂର୍ଣ୍ଣ ନିରାଡମ୍ବର ତଥା କୋଭିଡ଼ କଟକଣା ମାଧ୍ୟମରେ ପାଳନ କରାଯିବ । ଏ ସଂକ୍ରାନ୍ତରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମହରମ ପର୍ବକୁ ଶାନ୍ତି ଓ ମୈତ୍ରୀ ମଧ୍ୟରେ ପାଳନ କରାଯିବାକୁ ସହମତି ପ୍ରକାଶ ପାଇଥିଲା । ରାଜ୍ୟ ତଥା ଜିଲ୍ଲାରେ କୋଭିଡ଼ ସଂକ୍ରମଣ ହାର କମିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ମୁକ୍ତି ମିଳି ନାହିଁ । ଏପରି ସ୍ଥଳେ କୋଭିଡ଼ କଟକଣାକୁ ଅଣଦେଖା କରିବା ଆଦୌ ଉଚିତ ନୁହେଁ । ସେଥି ନିମନ୍ତେ ପବିତ୍ର ପର୍ବ ମହରମକୁ କୋଭିଡ଼ ଗାଇଡ଼ ଲାଇନ ଅନୁଯାୟୀ ପାଳନ କରିବା, ପର୍ବକୁ ଘରେ ଘରେ ପାଳନ କରିବା, କୌଣସି ଶୋଭାଯାତ୍ରା କିମ୍ବା ମେଢ ବାହାର ନ କରିବାକୁ ଜିଲ୍ଲାପାଳ ଡ. ଦାସ ପରାମର୍ଶ ଦେଇଥିଲେ । ବୈଠକରେ ଯୋଗ ଦେଇ ଏସପି ଚରଣସିଂ ମୀନା ମହରମ ପର୍ବ ପାଇଁ ପୁଲିସ ପକ୍ଷରୁ ପୂର୍ବବର୍ଷ ଯେପରି ଭାବେ ବନ୍ଦୋବସ୍ତ ହୋଇଥିଲା ଚଳିତ ବର୍ଷ ବର୍ଷ ମଧ୍ୟ ସେହିଭଳି ବନ୍ଦୋବସ୍ତ କରାଯିବ ବୋଲି କହିଥିଲେ । ଚଉଦମହଲା ମୁସ୍ଲିମ୍ ଜମାତ୍ ସଭାପତି ହାଜି ମହମ୍ମଦ ଅବଦୁଲ ବାରୀ ସରାକରଙ୍କ ସମସ୍ତ ନିୟମ ପାଳନକୁ ପ୍ରାଥମିକତା ଦିଆଯାଇ ପର୍ବ ପାଳନ କରାଯିବା ଉପରେ ଗୁରତ୍ୱ ଆରୋପ କରିଥିଲେ । ପ୍ରଥମେ ସ୍ୱାସ୍ଥ୍ୟ ପରେ ପର୍ବ ବୋଲି ହିନ୍ଦୁ ସୁରକ୍ଷା ସମିତିର ବିଦ୍ୟାଧର ସାହୁ ମତ ଦେଇଥିଲେ । ଘରେ ଘରେ ପର୍ବ ପାଳନ କରି ମିଠା ବାଣ୍ଟିବା ମାତ୍ର ଏକାଠି ନହେବା ନେ ସର୍ବ ସମ୍ମିତ ପ୍ରତ ପ୍ରକାଶ ପାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଡିଆଇବି ଡିଏସ୍ପି କମଳ ଲୋଚନ ଭୂୟାଁ, ଡେପୁଟି କଲେକ୍ଟର ଜୁଡିସିଆଲ କସ୍ତୁରୀବାଳା ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଭାରପ୍ରାପ୍ତ ଅଧିକାରୀ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# କରୋନା ସଂକ୍ରମଣରୁ ମୁକ୍ତିଲାଗି ବ୍ରାହ୍ମଣ ସମିତି ପକ୍ଷରୁ ବିଶ୍ୱଶାନ୍ତି ଯଜ୍ଞ

ଜଳେଶ୍ୱର ୭/୮(ନିପ୍ର): କରୋନା ମହାମାରୀ ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରିଥିବା ବେଳେ ଏଥିରେ ମୁକ୍ତି ଓ ତ୍ରାହିଲାଗି ଜଳେଶ୍ୱର ସହରାଞ୍ଚଳ ବ୍ରାହ୍ମଣ ସମିତି ପକ୍ଷରୁ ଦିବସବ୍ୟାପି ବଡବଜାର ଦୁର୍ଗାମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି । ଜୀବନ ଜୀବିକା ଦୁର୍ବିସହ ହୋଇ ପଡିଥିବା ବେଳେ ବେଦ ଶାସ୍ତ୍ର ଅନୁଯାୟୀ ଆଧ୍ୟାତ୍ମିକ ଚିନ୍ତା ଚେତନା ଅନୁଯାୟୀ ଏଥିରୁ ମୁକ୍ତି ସମ୍ଭବ ବୋଲି ବରିଷ୍ଠ ପଣ୍ଡିତ ଶ୍ରେଷ୍ଠ ରବିନାରାୟଣ ରଥସର୍ମା କହିଛନ୍ତି । ହିନ୍ଦୁ ଶାସ୍ତ୍ରମତେ ମୁକ୍ତି ଓ ଦୁଃଖରୁ ତ୍ରାହିଲାଗି ଯଜ୍ଞ ଯୁଗେ ଯୁଗେ ମହୋତ୍ସଧି ବୋଲି ଆଜି ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ବ୍ରହ୍ମୋଣ ସମିତି ସଭାପତି ଗିରିଶ କୁମାର ପାଣିଗ୍ରାହୀ, ବ୍ରଜଗୋପାଳ ନନ୍ଦ, ସମ୍ପାଦକ ଲୋକନାଥ ଧର, ସରୋଜ ପାଣିଗ୍ରାହୀ, ରୁଦ୍ରନାରାୟଣ ପଣ୍ଡା, ସମରେନ୍ଦ୍ର ପଣ୍ଡା, ଦେବବ୍ରତ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରାଜୀବ ନାରାୟଣ କର, ପାର୍ଥସାରଥି ନନ୍ଦ, ଚନ୍ଦ୍ରାମୋହନ ପଣ୍ଡା, ସଂଗ୍ରାମ ମହାପାତ୍ର, ଶିଶିର କୁମାର ପଣ୍ଡା, ଜନାର୍ଦ୍ଦନ ମିଶ୍ର, ରବିନାରାୟଣ ମିଶ୍ର ପ୍ରମୁଖ ବହୁ ପଣ୍ଡିତ କହିଛନ୍ତି । ଏଥିରେ ସହରାଞ୍ଚଳ ବହୁମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ ଯୋଗ ଦେଇଥିଲେ ।

## ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା,୦୭/୦୮ (ନି.ପ୍ର): ବାରିପଦାର ଅଗ୍ରଣୀ ଭୂମି ଅନୁଷ୍ଠାନ ଆନୁକୂଲ୍ୟରେ ବାରିପଦା ଠାରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ବସୁନ୍ଧରା ସରେନଙ୍କ ନେତୃତ୍ୱରେ ସଦଶ୍ୟା ବାସନ୍ତୀ ଦେହୁରୀ, ଭାଗ୍ୟଶ୍ରୀ ପରିଡ଼ା ତଥା ଅନ୍ୟ ସଦସ୍ୟାଙ୍କ ସହଯୋଗରେ ବୃକ୍ଷ ରୋପଣ କରାଯାଇଛି । ଲୋକ ଟିଏକୁ ଗଛ ଟିଏର ବାର୍ତା ଲୋକଙ୍କ ମଧ୍ୟରେ ପ୍ରଚାର ପ୍ରସାର କରି ବୃକ୍ଷରୋପଣ ଦିଗରେ ସଚେତନତା ସୃଷ୍ଟି କରିବା ସହିତ ଲଗାଯାଇଥିବା ଗଛ ଗୁଡିକର ସୁରକ୍ଷା ପାଇଁ ବାଡେବା ଏବଂ ଲାଳନ ପାଳନର ଦାୟିତ୍ୱ ମଧ୍ୟ ଭୂମି ସଂଗଠନ ନେଇଛି ବୋଲି ସଭାପତି ବସୁନ୍ଧରା ସରେନ ଜଣାଇଛନ୍ତି ।

# କରୋନାରେ ଆଉ ୬୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୭/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୩୬୬ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୦ ଜଣ ଭୁବନେଶ୍ୱରର ରହିଛନ୍ତି । ସେହିପର କଟକ ଜିଲ୍ଲାରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି । ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ୪-୪ ଜଣଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ବଲାଙ୍ଗୀର, ମୟୁରଭଂଜ ଓ ପୁରୀ ଜିଲ୍ଲାରେ ୨-୨ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି । ଅନୁଗୁଳ, ବୌଦ୍ଧ. ଭଦ୍ରକ. ଦେବଗଡ, ଢେଙ୍କାନାଳ, ଗଂଜାମ, କେନ୍ଦ୍ରାପଡା, ନୟାଗଡ ଓ ପୁରୀ ଜିଲ୍ଲାରେ ଜଣେ ଲେଖାଏଁ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ରାଜଧାନୀରେ ୨୪ ଘଂଟାରେ ୩୩୪ ପଜିଟିଭ୍

ଭୁବନେଶ୍ୱର,୦୭/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ଶନିବାର ଦିନ ଆଉ ୩୩୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୮୬ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୪୮ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୨୨୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଡୁମଡୁମାରୁ ୧୬ ଜଣ , ପଟିଆରୁ ୧୫ ଜଣ ,ସୁନ୍ଦରପଦାରୁ ୧୦ ଜଣ, ଓଲ୍ଡଟାଉନ୍ ରୁ ୯ ଜଣ,ୟୁନିଟ ୯ରୁ ୮ ଜଣ, ଶାସ୍ତ୍ରୀନଗର, ବମିଖାଲ, ଝାରପଡା , ଖଣ୍ଡଗିରି ଓ ଶୈଳଶ୍ରୀବିହାରରୁ ୬ ଜଣ ଲେଖାଏଁ, ଚନ୍ଦ୍ରଶେଖରପୁର, ସହୀଦନଗର, ୟୁନିଟ୍ ୩ , ପଳାଶୁଣୀ ରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୧୭୯୭ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୯୮୦୭୪ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୨୮୦୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୮୯୬ କୁ ବୃଦ୍ଧି ପାଇଛି ।

# ବାଲିଆପାଳ ବ୍ଲକ ଛାତ୍ର ବିଜେଡିର କାର୍ଯ୍ୟକାରିଣୀ ବୈଠକ




ବାଲିଆପାଳ,୦୭/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଛାତ୍ର ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ବୈଠିକ ସ୍ଥାନୀୟ ପୂର୍ତ୍ତ ବିଭାଗ ସଭା କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏବଂ ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ପରାମର୍ଶ କ୍ରମେ ଏହା ହୋଇଥିଲା । ଆଗାମୀ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଏହି ବୈଠକ ହୋଇଥିବା କୁହାଯାଇଛି । ଏହି ବୈଠକରେ ବ୍ଲକ ଛାତ୍ର ବିଜେଡି ସଭାପତି ଲକ୍ଷ୍ମୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା,ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ,ଜିଲା ଛାତ୍ର ବିଜେଡି ସଭାପତି ସିମନ ଦାସ ମହାପାତ୍ର ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମକୁ ପଂଚାୟତ ଓ ୱାର୍ଡସ୍ତରରେ ପହଂଚାଇବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ସଞ୍ଜୟ ପ୍ରଧାନ,ଜିଲା ବିଜେଡି ଛାତ୍ର ସଂପାଦକ ଆଶିଷ ସାହୁ,ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଦଳର ବ୍ଲକ ଆଇଟି ସଂଯୋଜକ ଚନ୍ଦନ ଜେନା,ଡିଜିଟାଲ ସେକ୍ରେଟାରୀ ପ୍ରଭାତ ବାରିକ,ସଭାପତି ଲକ୍ଷ୍ମୀଧର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଏନୱାଇକେ ତରଫରୁ ସ୍ୱଚ୍ଛତା ପକ୍ଷ ପାଳନ

ନୂଆପଡା,୦୭/୦୮ (ନି.ପ୍ର): ନୂଆପଡା ନେହେରୁ ଯୁବ କେନ୍ଦ୍ର ତରଫରୁ କୋମନାରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି । ଏନୱାଇକେର ଭୋଲେଂଟିୟର ମାନେ କୋମନା ବସଷ୍ଟାଣ୍ଡ ପରିସରକୁ ସଫା ସୁତୁରା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ନାଏକ, ଦିନେଶ ନାଏକ, ସାଗର ଠେଲା, ବିଶ୍ୱଜିତ ପୋଡ, ଶୁଶୀଲ ସାହୁ, ଭୁଜବଲ ବାଗ, ଅନୁପ ସିଂ ଭୋଇ, ଦୀପକ ରଞ୍ଜନ ବଉକ, ଅଙ୍କିତ ବର୍ଗେ, ଆଦିତ୍ୟ ନାଏକ, ଅଙ୍କିତ ବନଛୋର, ଅମୁଳ ପୋଡ ପ୍ରମୁଖ ସାମିଲ ଥିଲେ ।

# ସଂଗ୍ରାମୀ ଜନନେତା ଅରୁଣ ଦେଙ୍କୁ ଶ୍ରଦ୍ଧାଞ୍ଜଳି



ବାଲିଆପାଳ,୦୭/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଚଉମୁଖ ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ସଂଗ୍ରାମୀ ଜନନେତା ତଥା ପ୍ରାକ୍ତନ ବିଧାୟକ ଅରୁଣ ଦେଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । କମିଟିର ଆବାହକ ଅରୁଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଗ୍ରାମୀ କୁଶଧ୍ୱଜ ଜେନା, ଅନୁଜ ମହାପାତ୍ର, ମୃତ୍ୟୁଞ୍ଜୟ ରାଉତ, ରବୀନ୍ଦ୍ର ଜେନା, ଅଚ୍ୟୁତ ବେହେରା, ଧନଞ୍ଜୟ ଜେନା, ନାରାୟଣ ପଢିଆରୀ, ଉମାକାନ୍ତ ବାରିକ, ଗୌତମ ପରିଡା,ବସନ୍ତ ଦାସ, ଇନ୍ଦୁଭୂଷଣ ଜେନା,ଗୟାମଣି ରାଉତ, ମୃତ୍ୟୁଞ୍ଜୟ ପରିଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦେଙ୍କ ଯୋଗୁଁ ବାଲିଆପାଳରୁ କ୍ଷେପଣାସ୍ତ୍ର ଘାଟୀ ପ୍ରତ୍ୟାହୃତ ହୋଇଥିଲା ବୋଲି କହିଥିଲେ । ତାଙ୍କର ଏହି କାମ ପାଇଁ ତାଙ୍କୁ ବାଲିଆପାଳ ବାସୀ ସବୁଦିନ ମନେ ରଖିବେ ବୋଲି ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ । ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ବାଲେଶ୍ୱର ରବିବାର, ୦୮ ଅଗଷ୍ଟ, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଗୋଟିଏ ଦିନରେ ୧୦୯୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୭/୦୮(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୯୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୫୮୨୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୬୬୯୨୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୨୪୮୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୯୬ ଜଣଙ୍କ ମଧ୍ୟରୁ ୬୩୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୮୯ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୭ ଜଣ, ବରଗଡ଼ରୁ ୧୧ ଜଣ, ଭଦ୍ରକରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୯୨, ଦେବଗଡ ଜିଲ୍ଲାରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯ ଜଣ, ଗଜପତି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫୮ ଜଣ, ଯାଜପୁରରୁ ୬୮ ଜଣ, ଝାରସୁଗୁଡ଼ାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୩ ଜଣ, କନ୍ଧମାଳ ଜିଲ୍ଲାରୁ ୧୭ ଜଣ. କେନ୍ଦ୍ରାପଡ଼ାରୁ ୩୬ ଜଣ, କେନ୍ଦୁଝରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ପୌରପାଳିକାରେ ସରକାରୀ ଅର୍ଥ ହରିଲୁଟ ଅଭିଯୋଗ

## ନକଲି ସଫେଇ କର୍ମଚାରୀଙ୍କ ନାମରେ ଉଠୁଛି ଲକ୍ଷ ଲକ୍ଷ ଟଙ୍କା : ଆନ୍ଦୋଳନକୁ ଓହ୍ଲାଇବ ସଦର ବିଜେପି




ବାଲେଶ୍ୱର,୦୭/୦୮ (ନି.ପ୍ର): ପୌରପରିଷଦ ଅବଧି ୩ବର୍ଷ ପୂର୍ବରୁ ଶେଷ ହୋଇଥିବା ବେଳେ ବାଲେଶ୍ୱର ପୌରପାଳିକା ଏବେ କିଛି ପୂର୍ବତନ କାଉନସିଲ ତଥା ଶାସକ ଦଳ ଛାମୁଆଙ୍କ କବଜାରେ ରହିଛି ବୋଲି ଆରୋପ ଉଠାଇଛି ସଦର ବିଜେପି । ନୂତନ ଉନ୍ନୟନମୂଳ ପ୍ରକଳ୍ପ କାର୍ଯ୍ୟ ତ ଦୂରର କଥା ନିଷ୍କାସନ, ପରିମଳ, ପାନୀୟଜଳ, ରାସ୍ତାଘାଟ ନବୀକରଣ କଥା ବୁଝିବାକୁ ଏବେ କେହି ନାହିଁ । ସହରାଞ୍ଚଳବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ଦେବା ପରିବର୍ତ୍ତେ ପୌରପାଳିକାରେ ଏବେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନାମରେ ସରକାରୀ ଅର୍ଥ ହରିଲୁଟ ଚାଲିଛି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭିଯୋଗ ଉଠାଇଛନ୍ତି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନମଣ୍ଡଳୀ ନେତା ମାନସ କୁମାର ଦତ୍ତ । ସହର ରାସ୍ତାଘାରେ କୁଢ଼ କୁଢ଼ ଆବର୍ଜନା ପଡ଼ିରହୁଛି, ଅଦ୍ୟାବଧି ଅମୃତ ଯୋଜନା ପାନୀୟ ଜଳ ଲୋକଙ୍କୁ ମିଳିପାରି ନାହିଁ । ନିଷ୍କାସନ ବ୍ୟବସ୍ଥାର ସୁଧାର ନ ଅସିବା ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ପୁତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଥିବା ଦଳ ପକ୍ଷରୁ କୁହାଯାଇଛି । ସବୁଠାରୁ ବଡ଼କଥା ହେଲା ଗତ ଫେବୃୟାରୀ ମାସଠାରୁ ପୌରପାଳିକା ସଫେଇ ଠିକାଦାରଙ୍କ ଚୁକ୍ତିଅବଧି ଶେଷ ହୋଇଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାସକୁ ମାସ କାହା ସହିତ ଚୁକ୍ତିକରି ଅର୍ଥ ଦେଇ ଚାଲିଛନ୍ତି ବୋଲି ଶ୍ରୀ ଦତ୍ତ ପ୍ରଶ୍ନ କରିଛନ୍ତି । ସେହିଭଳି ଏକାଧିକ ପୂର୍ବତନ କାଉନସିଲରଙ୍କ ସମ୍ପର୍କୀୟ, ବନ୍ଧୁବାନ୍ଧବ ଓ ପରିବାର ଲୋକଙ୍କୁ ସଫେଇ କର୍ମଚାରୀ ଦର୍ଶାଇ ପ୍ରତିମାସ ଲକ୍ଷ ଲକ୍ଷ ଟଙ୍କା ପୌପାଳିକାରୁ ଉଠାଯାଉଛି ବୋଲି ବିଜେପି କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ସେହିଭଳି ସହରର ଶାଖାନାଳକୁ ମହାନାଳ ଦର୍ଶାଇ ଏହାର ସଫେଇ ଆଳରେ ପୌରପାଳିକାରୁ ବାରମ୍ବାର ମିଥ୍ୟା ବିଲ ଉଠାଯାଉଛି ବୋଲି ଶ୍ରୀ ଦତ୍ତ ସୂଚନା ଅଧିକାର ଆଇନ ମୂଳେ ପାଇଥିବା ତଥ୍ୟକୁ ଏହି ସାମ୍ବାଦିକ ସମ୍ମିଳନୀରେ ପେସ କରିଛନ୍ତି । ଅନ୍ୟପକ୍ଷରେ ଆଣ୍ଠୁଏ କାଦୁଅରେ ଲୋକେ ଯାତାୟତ କରୁଥିବା ତଳସାହିରେ ରାସ୍ତାଟିଏ ନିର୍ମାଣ ପାଇଁ ବାରମ୍ବାର ଦାବି ପରେ ବି ଏହା ନିର୍ମାଣ କରାଯାଉ ନଥିବା ବିଜେପି ପକ୍ଷରୁ କୁହାଯାଇଛି । ଏହି ରାସ୍ତା ସମେତ ମରଣଯନ୍ତା ପାଲଟିଥିବା ଟାଉନହଲ ଛକଠାରୁ ମଣ୍ଡଳ ବଜାର ଭାୟା ସୁଏଲପୁର ରାସ୍ତାର ମରାମତି ଯୁଦ୍ଧକାଳୀନ ଭତ୍ତିରେ କରିବା ପାଇଁ ବିଜେପି ପକ୍ଷରୁ ଦାବି ହୋଇଛି । ୧୦ ଦିନ ଭିତରେ ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ବା ପୌର କର୍ତ୍ତୃପକ୍ଷ ଉଚିତ ପଦକ୍ଷେପ ନ ନଲେ ସହରବାସୀଙ୍କ ସ୍ୱାର୍ଥ ପାଇଁ ବିଜେପି ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ରାଉତ, ପୂର୍ବତନ କାଉନସିଲର ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ବିବେକାନନ୍ଦ ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ଅରୂପ ଜେନା ଓ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# କ୍ରାନ୍ତି ଦିବସରେ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତିର ପ୍ରତିବାଦ ପାଇଁ ପ୍ରସ୍ତୁତି



ବାଲେଶ୍ୱର,୦୭/୦୮ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଅଗଷ୍ଟ ୯ରେ 'ଦେଶ ବଞ୍ଚାଅ ଆହ୍ୱାନ'କୁ ବାଲେଶ୍ୱରରେ ସଫଳ କରିବା ପାଇଁ ଉଠା ଜଳସେଚନ କର୍ମଚାରୀ ସଂଘ ସଭାଗୃହରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବର୍ଷୀୟାନ ଶ୍ରମିକ ନେତା ତଥା 'ଟୁ୍ୟସିସି'ର ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିବା ସହିତ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଆସନ୍ତା ୯ ତାରିଖରେ ହେବାକୁ ଥିବା ପ୍ରତିବାଦ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରମିକ ସଂଗଠନ 'ଆଇଏନଟିୟୁସି'ର ଜିଲା ସଭାପତି ସୁରେଶ ଚନ୍ଦ୍ର ବେହେରା, ଏଆଇଟିୟୁସିର ଜିଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁର ଜିଲା ଆବାହକ ବିଜୟ ପାତ୍ର, ଏଆଇଟିୟୁସିର ରବୀନ୍ଦ୍ର ବେହେରା, ଏଚଏମଏସର ଜିଲା ସଭାପତି ଅରୁଣ ସ୍ୱାଇଁ, ଟିୟୁସିସିର ନେତା ଲକ୍ଷ୍ମୀଧର ବେହେରାଙ୍କ ସମେତ ପ୍ରତିରକ୍ଷା କର୍ମଚାରୀ ସଂଘ ନେତା ବିନୋଦ ହାଁସଦା, ବୀମା କର୍ମଚାରୀ ସଂଘ ନେତା ଶ୍ୟାମସୁନ୍ଦର ଜେନା, ପରିବହନ ଶ୍ରମିକ ସଂଘ ନେତା ରାଜକିଶୋର ଲେଙ୍କା, ଉଠା ଜଳସେଚନ କର୍ମଚାରୀ ସଂଘ ସମ୍ପାଦକ ଶ୍ୟାମସୁନ୍ଦର ଜେନା, ବିଧାନ ଚନ୍ଦ୍ର ରାୟ, ପୌର କର୍ମଚାରୀ ନେତା ବଂଶୀଧର ବେହେରା, ବନ୍ଦନା ବିଶ୍ୱାସ, କୃଷକ ନେତା ନିର୍ମଳ ନାୟକ, ପରମେଶ୍ୱର ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଏହାର ପ୍ରତିବାଦରେ କ୍ରାନ୍ତି ଦିବସ ଅର୍ଥାତ ଆସନ୍ତା ୯ ତାରିଖରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭ ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସେମାନେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ବିଶିଷ୍ଟ ରାଜନେତା ତଥା ବାଲେଶ୍ୱରର ପୂର୍ବତନ ବିଧାୟକ ଦିବଂଗତ ଅରୁଣ ଦେଙ୍କ ଉଦ୍ଦେଶ୍ୟରେ ସମସ୍ତେ ଶୋକ ପ୍ରକାଶ କରିଥିଲେ । ନିରବ ପ୍ରାର୍ଥନା ସହ ତାଙ୍କର ଅମର ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩୮,୬୨୮ ନୂଆ ମାମଲା

ନୂଆଦିଲ୍ଲୀ,୦୭/୦୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୮,୬୨୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୬୧୭ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୧୨,୧୫୩ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪,୨୭,୩୭୧ଜଣ ମୃତ୍ୟୁ ବରଣ କରିଛନ୍ତି ।

## ବାରିପଦାରୁ ଛିନତାଇ କରିଥିବା ଦୁଇ ଲୁଟେରା ବାଲିଆପାଳରୁ ଗିରଫ



ବାଲିଆପାଳ,୦୭/୦୮ (ନି.ପ୍ର): ବାରିପଦାରେ ଛିନତାଇ କରି ସେଠାରୁ ପଳାଇଆସିଥିବା ଆଜି ଦୁଇ ଲୁଟେରାଙ୍କୁ ବାଲିଆପାଳ ପୁଲିସ କାବୁ କରିଛି । ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ସଦର ବ୍ଲକ ହଳଦିପଦା ଅଂଚଳର ଦୁଇ ଜଣ ଯୁବକ ହେଲେ ରବି ନାୟକ, ରଞ୍ଜନ ପରିଡା ବାରିପଦାକୁ ଯାଇ ସେଠାରେ ଛିନତାଇ କରିଥିଲେ । ପରେ ସେଠାରୁ ପଳାଇ ଆସି ବାଲିଆପାଳ ବଜାଜ ସୋରୁମରେ ଗାଡି ସର୍ଭିସିଂ କରୁଥିଲେ । ବାରିପଦା ପୁଲିସ ପାଖରୁ ସୂଚନା ପାଇଁ ବାଲିଆପାଳ ଏଏସଆଇ ସ୍ୱର୍ଣ୍ଣପ୍ରଭା ଜେନାଙ୍କ ସହ ଏକ ପୁଲିସ ଟିମ ସୋରୁମରୁ ଏହି ଦୁଇ ଲୁଟେରାଙ୍କୁ କାବୁ କରିଥିଲେ । ସେମାନଙ୍କଠାରୁ ଦୁଇଟି ପଲସର ବାଇକ ମଧ ଜବଦ ହୋଇଛି । ପୁଲିସ ଏହି ଦୁଇ ଲୁଟେରାଙ୍କୁ ଥାନାରେ ଅଟକ ରଖିଥିଲା ସନ୍ଧ୍ୟାରେ ବାରିପଦା ଟାଉନ ପୁଲିସ ଏବଂ ବାଲେଶ୍ୱର ସଦର ଥାନା ପୋଲିସ ବାଲିଆପାଳ ଆସି ଏହି ଦୁଇ ଲୁଟେରାଙ୍କୁ ସାଥିରେ ନେଇଯାଇଥିବା ଜଣାଯାଇଛି । ସୂଚନା ଯୋଗ୍ୟ ଏହି ଦୁଇ ଲୁଟେରାଙ୍କ ନାମରେ ବାରିପଦା ଏବଂ ବାଲେଶ୍ୱର ଥାନାରେ ବିଭିନ୍ନ ଛିନତାଇ କେଶରେ ଜଡିତ ରହିଛି ।

## ଯୁବନେତା ରୂପକ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୦୭/୦୮ (ନି.ପ୍ର): ବିଜୁ ଜନତା ଦଳର ୰ ଯୁବ ନେତା ରୂପକ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆଜି ତାଙ୍କ ନରିପୁରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ ନିୟମ ଅନୁଯାୟୀ ଉକ୍ତ ଉତ୍ସବ ପାଳିତ ହୋଇଥିବାବେଳେ, ଏଥିରେ ସ୍ୱଳ୍ପ ଅତିଥି ଯୋଗଦେଇଥିଲେ । ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ସଂପାଦକ ଇଂ ପ୍ରସାସକାନ୍ତୀ ସାମଲ ଯୋଗଦେଇ ୰ ମିଶ୍ରଙ୍କ ଗୁଣଗାନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ୰ ଶ୍ରୀ ମିଶ୍ର ପୂର୍ବରୁ ଅର୍ବାନ ହାଉସିଂ ବୋର୍ଡର ସଭାପତି ଏବଂ ନରିପୁର ଅସ୍ଥଳ ଚମ୍ପିୟାନ କ୍ଲବର ସମ୍ପାଦକ ଥିବାବେଳେ, ବହୁ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ସୁନାମ ଅର୍ଜନ କରିଥିଲେ ବୋଲି ବିଧାୟକ ଭଦ୍ରକ ବିଧାୟକ ଶ୍ରୀ ମଲ୍ଲିକ କହିଥିଲେ । ଶ୍ରୀ ମିଶ୍ରଙ୍କ ଭଦ୍ରକ ପୌରାଞ୍ଚଳରେ ବିଜେଡି ସଂଗଠନକୁ ବଢ଼ାଇବା ଦିଗରେ ଗୁରତ୍ୱପୂର୍ଣ୍ଣ ଭୂମିକା ଉପରେ ବିଜେଡି ଜିଲ୍ଲା ସଭାପତି ଶ୍ରୀ ସ୍ୱାଇଁ ଆଲୋକପାତ କରିଥିଲେ । ଅନ୍ୟ ବହୁ ଅତିଥି ଯୋଗଦେଇ ୰ ମିଶ୍ରଙ୍କ ଗୁଣଗାନ କରିଥିବାବେଳେ, ତାଙ୍କ ଭ୍ରାତା ନବୀନ ସେନାର ବରିଷ୍ଠ ସଭ୍ୟ ଦୀପକ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ୰ ମିଶ୍ରଙ୍କ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୩ ଗିରଫ

ଭୁବନେଶ୍ୱର,୦୭/୦୮ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୦୦୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୩୭,୭୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ଇକ୍‌ମୋ ଚିକିତ୍ସା

ଭୁବନେଶ୍ୱର,୦୭/୦୮ (ନି.ପ୍ର): ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ କଟକ ଏସସିବିରେ ଉପଲବ୍ଧ ହେବ ଇକ୍‌ମୋ ଚିକିତ୍ସା । ୯ଟି ମେସିନ କଟକ ଏସସିବି ମେଡ଼ିକାଲରେ ଆଣି ରଖାଯାଇଛି । ଏଥିପାଇଁ ଆବଶ୍ୟକ ମାନବ ସମ୍ବଳଙ୍କୁ ମଧ ନିଯୁକ୍ତି ଦିଆଯାଇ ସରିଛି । ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଛନ୍ତି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ । ଗୋଟିଏ ବ୍ୟାଚ୍ କଲିକତାରୁ ଟ୍ରେନିଂ ନେଇ ଆସିଛନ୍ତି,ଆଉ ଗୋଟିଏ ଟିମ ଖୁବଶୀଘ୍ର କଲିକତା ଯିବେ ।ସମସ୍ତ ମେସିନ ଇନଷ୍ଟଲ ହୋଇସାରିଛି । ପ୍ରସ୍ତୁତିକରଣ ପ୍ରାୟ ଶେଷ ହୋଇଥିବା ଡିଏମଇଟି ନିର୍ଦ୍ଦେଶକ ସି.ବି.କେ ମହାନ୍ତି କହିଛନ୍ତି । ସେ ଆହୁରି କହିଛନ୍ତି ଯେ ୯ଟି ମେସିନକୁ ଦୁଇ ଭାଗରେ ବିଭକ୍ତ କରାଯିବ । କୋଭିଡରୁ ଭଲ ହେଉଥିବା ରୋଗୀଙ୍କ ପାଇଁ ବଡ଼ ୟୁନିଟ କରାଯିବ ଓ ସଂକ୍ରମିତଙ୍କ ପାଇଁ ସ୍ୱଳ୍ପ ୟୁନିଟ କରାଯିବ । କୋଭିଡରୁ ଭଲ ହେଉଥିବା ରୋଗୀଙ୍କ ଲାଗି ୬ଟି ମେସିନ ବ୍ୟବହାର ହେବ ଓ ସଂକ୍ରମିତଙ୍କ ଲାଗି ୩ଟି ମେସିନ ବ୍ୟବହାର କରାଯିବ । ରାଜ୍ୟ ସରକାର ଲୋକଙ୍କୁ ମାଗଣା ଇକମୋ ଚିକିତ୍ସା ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି । ଯାହାଦ୍ୱାରା ଲୋକ ଉପକୃତ ହେବେ ବୋଲି ଡିଏମଇଟି ନିର୍ଦ୍ଦେଶକ ସି.ବି.କେ ମହାନ୍ତି କହିଛନ୍ତି ।

# ଠିକା କାମର ୫ ବର୍ଷ ପରେବି ମିଳିନି ପ୍ରାପ୍ୟ

## ୩୧ରେ ପରିବାର ସହ ଧାରଣା ଲାଗି ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର ୭/୮(ନିପ୍ର): ୫ ବର୍ଷ ପୂର୍ବେ ଠିକାକାମ ନେଇଥିବା ଜଣେ ଠିକାଦାରଙ୍କୁ ଅଦ୍ୟାବଧି ପ୍ରାପ୍ୟ ମିଳିନଥିବାରୁ ଏବଂ ଏଥିଲାଗି ପ୍ରଶାସନୀକ ଅଧିକାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆସନ୍ତା ୩୧ ତାରିଖରେ ସପରିବାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିବେ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଘଟଣାରୁ ପ୍ରକାଶ, ଜଳେଶ୍ୱର ପୌରାଞ୍ଚଳରେ ୨ ନଂ ୱାର୍ଡ ଷ୍ଟେସନବଜାର ବସ୍‌ଷ୍ଟାଣ୍ଡରେ ଏକ ଶୌଚାଳୟ, ଅଫିସ୍‌ଗୃହ, କଂକ୍ରିଟ ରୋଡ ନିର୍ମାଣ, ମହିଳା ସ୍ନାନଗୃହ ଓ ନଳକୂପ ଖନନ ଇତ୍ୟାଦି ଲାଗି ଏକ ଠିକାକାର୍ଯ୍ୟ କଳ୍ପନା କରଙ୍କୁ ଦିଆଯାଇଥିଲା । ୱାର୍କଅର୍ଡର ନଂ ୧୮୫୯ ଓ ୧୮୬୨ ତା ୨୪-୮-୨୦୧୭ ଅନୁଯାୟୀ ଏହି ଦୁଇ କାର୍ଯ୍ୟ ସହିତ ୬ନଂ ୱାର୍ଡର ମହର୍ସିଗଳିଠାରେ ଅନ୍ୟଏକ ଗାର୍ଡୱାଲ ନିର୍ମାଣଲାଗି କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଥିଲା । ଏସବୁ କାର୍ଯ୍ୟ ଶେଷ ହୋଇଥିବା ବେଳେ ପ୍ରାପ୍ୟ ନ ମିଳିବାରୁ ସ୍ଥାନୀୟ ପୌରପାଳିକା, ଉପଜିଲାପାଳ ତଥା ତତ୍‌କାଳୀନ ଅଧ୍ୟକ୍ଷଙ୍କୁ ବାରମ୍ବାର ଭେଟିଥିଲେ ମଧ୍ୟ ସେମାନେ ଏଡାଇ ଯାଉଥିବାରୁ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ କର କ୍ଷୋଭ ପ୍ରକାଶ କରିଛନ୍ତି । ଆସନ୍ତା ୧୬ ତାରିଖ ସୁଦ୍ଧା ପ୍ରାପ୍ୟ ଅର୍ଥ ନ ପାଇଲେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସହ ଧାରଣାରେ ବସିବେ ଏବଂ ୩୧ ତାରିଖ ସୁଦ୍ଧା ଅଫିସ୍‌ଗୃହରେ ତାଲା ପକାଇ ପମ୍ପଟିକୁ ଉଠେଇ ନେଇ ଆସିବେ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ପାର୍ଥସାରଥି କର ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଜିଲାପାଳ, ବିଧାୟକ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ତହସିଲଦାର, ପୌରଅଧିକାରୀ, ଥାନା ଆଇଆଇସିଙ୍କୁ ଏ ସମ୍ପର୍କରେ ଜଣାଇଥିବା କହିଛନ୍ତି ।

# ଭଞ୍ଜସେନା ପକ୍ଷରୁ ବାରିପଦା ସହର ସମସ୍ୟା ନେଇ ଦାବିପତ୍ର



ବାରିପଦା,୦୭/୦୮ (ନି.ପ୍ର): ଆଜି ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ସଭାପତି ପ୍ରୀତମ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବାରିପଦା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ ଙ୍କୁ ଭେଟି ତିନିଦଫା ଦାବୀ ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରି ଯଥାଶୀଘ୍ର ଏହାର ସମାଧନ କରିବା ପାଇଁ ଦାବୀ ଜଣାଇଥିଲେ । ପ୍ରତିନିଧି ମଣ୍ଡଳେର ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ, ଉପଖଣ୍ଡ ସାଧାରଣ ସମ୍ପାଦକ ସତ୍ୟବ୍ରତ ଧଳ, ସହର ସାଧାରଣ ସମ୍ପାଦକ ଅମିତ କୁମାର, ଜିଲ୍ଲା ଛାତ୍ର ଶାଖା ସାଧାରଣ ସମ୍ପାଦକ ଅବିନାଶ ରଥ, ଅଶ୍ୱିନୀ କୁମାର ବେହରା, ଅଭଷେକ ମାଇତି, ଅମୂଲ୍ୟ ପ୍ରସାଦ ଦାସ, ଆକାଶ କୁମାର ପରିଡା, ଦେବ ରଞ୍ଜନ ଦାସ, ସୁରଜ କୁମାର ନାୟକ, ପ୍ରିୟବ୍ରତ ଧଳ, ଶ୍ୱେତ ଦାସ ପ୍ରମୁଖ ସାମିଲ ଥିଲେ । ଯଦି ଆଗାମୀ ସାତ ଦିନ ମଧ୍ୟେର ଏହାର ସୁସମାଧାନ ବାବଦେର କୌଣସି ପଦେକ୍ଷପ ନିଆନଯାଏ ତେବେ ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ବାରିପଦା ମ୍ୟୁନିସିପାଲିଟି ଅଫିସ ଘେରାଓ କରାଯିବ ବୋଲି ସହର ସଭାପତି ପ୍ରୀତମ ପଣ୍ଡା କହିଛନ୍ତି ।

# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଆଇସିଆଇସିଆଇ ବ୍ୟାଙ୍କ ଫାଉଣ୍ଡେସନ ପକ୍ଷରୁ ଅକ୍ସିଜେନ କନସେନଟ୍ରେଟର ପ୍ରଦାନ




ବାରିପଦା,୦୭/୦୮ (ନି.ପ୍ର): କୋଭିଡ ୧୯ ର ଜରୁରୀକାଳୀନ ଚିକିତ୍ସା ପାଇଁ ରାଜ୍ୟ ଆଇସିଆଇସିଆଇ ବ୍ୟାଙ୍କ ଫାଉଣ୍ଡେସନ ପକ୍ଷରୁ ୧୮ଟି ଅକ୍ସିଜେନ କନସେନଟ୍ରେଟର ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ଜରିଆରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ରୂପଭାନୁ ମିଶ୍ରଙ୍କୁ ଆଇସିଆଇସିଆଇ ବ୍ୟାଙ୍କର ଅଂଚଳିକ ମୁଖ୍ୟ ମାନସ ଶାହା, ରିଜିଓନାଲ ହେଡ (ଗଭମେଣ୍ଟ ବ୍ୟାଙ୍କିଙ୍ଗ) ମନୋଜ ଦାସ, ଗଭମେଣ୍ଟ ବ୍ୟାଙ୍କିଙ୍ଗ ଷ୍ଟେଟ ଇନଚାର୍ଯ ଶୁଭ୍ରଜିତ ମହାନ୍ତି, ବାରିପଦା ଶାଖା ପରିଚାଳକ ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅକ୍ସିଜେନ କନସେନଟ୍ରେଟର ଗୁଡିକୁ ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଯେ, କୋଭିଡ କାଳରେ ଜରୁରୀ ସ୍ୱାସ୍ଥ୍ୟ ସେବାରେ ଅକ୍ସିଜେନର ବିଶେଷ ଆବଶ୍ୟକତା ପଡୁଥିବାରୁ ଏହି ଅକ୍ସିଜେନ କନସେନଟ୍ରେଟର ଗୁଡିକ ବିଶେଷ ପ୍ରୟୋଜନରେ ଲାଗିବ ବୋଲି ଜଣା ଯାଇଛି । ଏହି ଅବସର ରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଏହି ବଦାନ୍ୟତା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ମିଶ୍ର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ ।

# ଆଇସିଆଇସିଆଇ ବ୍ୟାଙ୍କ ପକ୍ଷର ଅମ୍ଳଜାନ କନସେନଟ୍ରେଟର ପ୍ରଦାନ




ବାଲେଶ୍ୱର,୦୭/୦୮ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବାଲେଶ୍ୱର ଜିଲାର କୋଭିଡ ପରିଚାଳନାରେ ସହଯୋଗର ହାତ ବଢ଼ାଇଛି ଆଇସିଆଇସିଆଇ ଫାଉଣ୍ଡେସନ । ଆଇସିଆଇସିଆଇ ଫାଉଣ୍ଡେସନ ଓ ବ୍ୟାଙ୍କ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ୫ଟି ଅମ୍ଳଜାନ କନସେନଟ୍ରେଟର ପ୍ରଦାନ କରାଯାଇଛି । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବଙ୍କୁ ଏହି କନସେନଟ୍ରେଟର ପ୍ରଦାନ କରାଯାଇଥିଲା । ଆଇସିଆଇସିଆଇ ବ୍ୟାଙ୍କ ଓ ଫାଉଣ୍ଡେସନର ଏଭଳି ମହତ କାର୍ଯ୍ୟକୁ ଜିଲାପାଳ ଉଚ୍ଚ ପ୍ରଶଂସା କରିଥିଲେ । କନସେନଟ୍ରେଟର ପ୍ରଦାନ ବେଳେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଅନୀଲ କୁମାର ମହାନ୍ତି, ଆଇସିଆଇସିଆଇ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ମାନସ ସାହା, ବାଲେଶ୍ୱର ଶାଖା ପ୍ରବନ୍ଧକ ସୁଜିତ ପ୍ରମାଣିକ ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo